



# ଧର୍ମ - ଅଧର୍ମ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରନ୍ଥଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅନୁବାଦକ : **ରଘୁନାଥ ମାନସିଂହ**



ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : /-

## ଯୋଗୀଶ୍ୱରଙ୍କ ଗୃଞ୍ଚଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଗ୍ରନ୍ଥ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଷ୍ଟ ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଚିହ୍ନ ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଭ୍ରତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୁତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନ୍ନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ୱଳକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର -
ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା
ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ
ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୂର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । -
ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା,
ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ
ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ
ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

**୧.କଳ୍ପନା ସୁନ୍ଦରାୟ:**7978498668, **୨. ପ୍ରଶାନ୍ତ ପଟ୍ଟନାୟକ:**9160767516.

**୩.ତେଜସ୍ୱିନୀ ମାନସିଂହ:**9777075446, **୪.ଦିପ୍ତିରଞ୍ଜନ ପଣ୍ଡା :** 7873229092.

**୫.ଲକ୍ଷ୍ମୀଧର ପାଇକରାୟ:**9692557801, **୬.ଶ୍ରୀନିବାସ ମାନସିଂହ:** 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8249683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଚାର ଏବଂ ପରମାତ୍ମା ସମାଚାର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚାଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ    ପ୍ରଥମ ଦୈବଗ୍ରନ୍ଥ    ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଋଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା :** ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ଧର୍ମ - ଅଧର୍ମ

ଯାହା ଗୋଟିଏ ପଦାର୍ଥର ସ୍ୱଭାବକୁ ଜଣାଇଥାଏ ତାହା ସେହି ପଦାର୍ଥର ଧର୍ମ ହୋଇଥାଏ । ଭିନ୍ନ ଭିନ୍ନ ପଦାର୍ଥର ଭିନ୍ନ ଭିନ୍ନ ଧର୍ମସବୁ ରହିଥାଏ । ଏକ ପଦାର୍ଥକୁ ଦେଖିଲେ ତାର ଧର୍ମ କଣ କହିପାରିବା । ଥରେ ସେହି ପଦାର୍ଥର ଧର୍ମକୁ ଜାଣିବା ପରେ ତାହା ମନେ ରଖି, କେତେଦିନ ପରେ ମଧ୍ୟ ସେହି ଧର୍ମ ଅନୁସାରେ ସେହି ପଦାର୍ଥକୁ ଚିହ୍ନି ପାରିବା । ଥରେ କୌଣସି ପଦାର୍ଥର ଧର୍ମକୁ ଯଦି ଜାଣି ନାହେଁ ତେବେ ପରେ କେବେ ମଧ୍ୟ ସେହି ବସ୍ତୁକୁ ଚିହ୍ନି ପାରିବା ନାହିଁ । ଗୋଟିଏ ପଦାର୍ଥର ଅପରିବର୍ତ୍ତନୀୟ ଶାଶ୍ୱତ ସ୍ୱଭାବକୁ ତାର ଧର୍ମ କହିପାରିବା । ଏକ ବସ୍ତୁ କିମ୍ବା ପଦାର୍ଥର ଶାସନବଦ୍ଧ ଶାଶ୍ୱତ ସ୍ୱଭାବ ତାର ଧର୍ମ ହୋଇଥିବା ବେଳେ, ସେହି ଧର୍ମକୁ ଶାସ୍ତ୍ରବଦ୍ଧ ଧର୍ମ କହିପାରିବା । ଗୋଟିଏ ବସ୍ତୁର ଧର୍ମ କେବେ ନବଦଳି ରହିବା ଉଚିତ୍ ତେଣୁ ତାହା ଶାସନ ରୂପରେ ରହିବା ଦ୍ୱାରା ସେ ବସ୍ତୁର ଶାସ୍ତ୍ରୀୟତା ଅଛି ବୋଲି କହିପାରିବା । ଧର୍ମ କେବେ ମଧ୍ୟ ବଦଳିନଥାଏ, ଯାହା ବଦଳିଥାଏ ତାହା ଧର୍ମ ନୁହେଁ ଅଧର୍ମ କହିବା ଉଚିତ୍ । କୌଣସି ଜିନିଷର ଯାହା ଧର୍ମ ନୁହେଁ ତାହା ତାର ଅଧର୍ମ । ଗୋଟିଏ ଗୋଟିଏ ପଦାର୍ଥର ଗୋଟିଏ ଗୋଟିଏ ଧର୍ମ ରହିଥିବାରୁ, ବିଶ୍ୱରେ ଥିବା ସବୁକିଛିର ଧର୍ମ ଅଲଗା ଅଲଗା ରହିଛି ବୋଲି ଜଣାପଡୁଛି । ଏହି ପଦ୍ଧତି ଅନୁସାରେ ଦେଖାଯାଉଥିବା ସମସ୍ତ ପଦାର୍ଥର, ବସ୍ତୁର, ଶରୀରର ଏହିଭଳି ସବୁକିଛିର କିଛିନାକିଛି ଧର୍ମ ରହିଥାଏ । ସେହିଭଳି ଦେଖାଯାଉନଥିବା ଜିନିଷର ମଧ୍ୟ ଧର୍ମ ରହିଛି । ଦେଖାଯାଉଥିବା ବସ୍ତୁ, ପଦାର୍ଥ, ଜୀବରାଶି ଇତ୍ୟାଦି ଥିବା ଭଳି, ଦେଖାଯାଉନଥିବା ଜିନିଷ ବିଶ୍ୱରେ ଅନେକ ଅଛି । ଦେଖାଯାଉଥିବା ସବୁକିଛି ଆମକୁ ଜଣାନଥିଲେ ମଧ୍ୟ ତାହା ନାହିଁ ବୋଲି କହିପାରିବା ନାହିଁ । ସେହିଭଳି ଦେଖାଯାଉ ନଥିବା ଜିନିଷ ଭିତରେ ସବୁଠାରୁ ବଡ (ବ୍ରହ୍ମ) ହେଉଛନ୍ତି ଈଶ୍ୱର । ସବୁକିଛିର କିଛିନାକିଛି ଧର୍ମ ନିଶ୍ଚୟ ଥିବା ଭଳି ଈଶ୍ୱରଙ୍କର ମଧ୍ୟ ଧର୍ମ ଥାଏ ।

ସମସ୍ତଙ୍କୁ ଦେଖାଯାଉଥିବା ଲେମ୍ବୁର ମଧ୍ୟ ଏକ ଧର୍ମ ଅଛି । ସେହିଭଳି ତେନ୍ତୁଳିର ଏକ ଧର୍ମ ଅଛି, ସେଗୁଡିକରେ ଥିବା ଶାଶ୍ୱତ ସ୍ୱଭାବକୁ ଆମେ ଧର୍ମ କହୁଛେ, ତେଣୁ ଲେମ୍ବୁ ଖଟା ଲାଗିବା ଲେମ୍ବୁର ଧର୍ମ । ସେହିଭଳି ତେନ୍ତୁଳି ଖଟା ଲାଗିବା ତେନ୍ତୁଳିର ଧର୍ମ । ଏ ଦୁଇଟି ଫଳ ହୋଇଥିଲେ ମଧ୍ୟ, ଖଟା ଲାଗିବା ଉଭୟର ଧର୍ମ ହୋଇଥିଲେ ମଧ୍ୟ, ସେ ଧର୍ମରେ କିଛି ଭିନ୍ନତା ରହିଥାଏ । ସେଥିଲାଗି ସେ ଦୁଇଟିର ସ୍ୱାଦରେ ମଧ୍ୟ ଭିନ୍ନତା ରହିଥାଏ ।  ଖଟା ଲାଗିବା ଲେମ୍ବୁର ଧର୍ମ ହେବାବେଳେ, ଯିଏ ତାର ଧର୍ମ ବାବଦରେ ଜାଣିଥାଏ ସେ ଲେମ୍ବୁର ସ୍ୱାଦ (ଖଟା) ବାବଦରେ ଜାଣିଥାଏ । ବିଶ୍ୱର କୌଣସି ବସ୍ତୁର ଧର୍ମ ଥରେ ଜାଣିବା ପରେ ସେହି ବସ୍ତୁର ସ୍ୱଭାବ ଜାଣିହୋଇଯାଏ । ସେହିଭଳି ଏକ ବସ୍ତୁର ସ୍ୱଭାବ ଜଣାପଡିଗଲେ, ତାର ଧର୍ମ ମଧ୍ୟ ଜଣାପଡିଯାଏ । ହେଲେ ଲେମ୍ବୁକୁ ଦେଖି ତାର ସ୍ୱଭାବ ନଜାଣି, ତାର ସ୍ୱାଦ ନଚାଖି, ଲେମ୍ବୁ ପିତା ଲାଗିଥାଏ ଭାବିବା ଅଧର୍ମ ହୋଇଥାଏ । ପିତା ଲାଗିବା ଲେମ୍ବୁର ଧର୍ମ ନୁହେଁ । ତେଣୁ ପିତା ଲାଗିବା ଲେମ୍ବୁର ଅଧର୍ମ ହୋଇଥାଏ । ସେହିଭଳି ଲେମ୍ବୁ ନଦେଖି, ତାର ରଙ୍ଗ, ରୁଚି ବାବଦରେ ନଜାଣି, ପିତା ସ୍ୱାଦକୁ ଚାଖି ଏହା ଲେମ୍ବୁର ସ୍ୱାଦ ଭାବିବା ମଧ୍ୟ ଅଧର୍ମ ହୋଇଥାଏ । ଲେମ୍ବୁକୁ ଦେଖି ତାର ଧର୍ମ ବାବଦରେ ଜାଣିବା ଏକ ମାର୍ଗ ହୋଇଥିବା ବେଳେ, ଧର୍ମ ଅନୁସାରେ ଲେମ୍ବୁକୁ ଚିହ୍ନିବା ମଧ୍ୟ ଅନ୍ୟ ଏକ ମାର୍ଗ ହୋଇଥାଏ । ଦେଖାଯାଉଥିବା ବସ୍ତୁର ସ୍ୱଭାବ ହୋଇଥିବା ଧର୍ମକୁ ସହଜରେ ଜାଣିପାରିବା । ବସ୍ତୁ ବାବଦରେ ଜଣାନଥିବା ବେଳେ ଯଦି କେହି ତାର ଧର୍ମ ବାବଦରେ ଜଣାଏ ତେବେ ବସ୍ତୁକୁ ଚିହ୍ନି ପାରିବା । ତେଣୁ ଜଣାଯାଉଛି ଯେ ବସ୍ତୁ ଯଦି ନାହିଁ ତେବେ ତାର ଧର୍ମକୁ ଜାଣିପାରିବା ନାହିଁ, ସେହିଭଳି ଧର୍ମକୁ ନଜାଣି ବସ୍ତୁକୁ ଜାଣି ପାରିବା ନାହିଁ ।

ଏବେ ଅସଲ ବିଷୟ ଉପରକୁ ଯିବା । ଦେଖାଯାଉଥିବା ବସ୍ତୁକୁ ଦେଖି ତାର ଧର୍ମକୁ ଜାଣି ପାରିବା, ସେହିଭଳି ଦେଖାଯାଉ ନଥିବା ସୂକ୍ଷ୍ମ

ବସ୍ତୁଗୁଡିକର ଧର୍ମ ଅନୁସାରେ ତାହା ଗ୍ରହଣ କରିପାରିବା । ଦେଖାଯାଉଥିବା ବସ୍ତୁଗୁଡିକର ଧର୍ମ ବିଷୟ ଜାଣିବାରେ କେହି ଭୁଲ୍ କରନ୍ତି ନାହିଁ । ଜାଣିବାକୁ ଥିବା ବସ୍ତୁ ଦେଖାଯାଉଛି, ତେଣୁ ତାର ଧର୍ମ ବାବଦରେ ଜାଣିବାରେ ଭୁଲ୍ ହେବା ଦୁର୍ଯୋଗ ନାହିଁ । ଦେଖାଯାଉ ନଥିବା ବସ୍ତୁ କିମ୍ବା କୌଣସି ଜିନିଷକୁ ଜାଣିବାକୁ ହେଲେ ପ୍ରଥମେ ତାର ଧର୍ମ ବାବଦରେ ଜାଣିବାକୁ ହେବ । ଧର୍ମ ଜଣାନଥିଲେ ଦେଖାଯାଉ ନଥିବା କୌଣସି ଜିନିଷ ବାବଦରେ ଆମେ ଜାଣିପାରିବା ନାହିଁ । ଦେଖାଯାଉନଥିବା ଏକ ଧଳା ରଙ୍ଗର ବସ୍ତୁରେ ଥିବା ଧର୍ମକୁ ନଜାଣି, ଦେଖାଯାଉ ନଥିବା ଅନ୍ୟ ଏକ କଳା ବସ୍ତୁର ଧର୍ମକୁ ଜାଣି, ଧଳା ବସ୍ତୁକୁ ଯଦି କଳା ବସ୍ତୁ ସହିତ ତୁଳନା କରିବା, ତେବେ ଧଳାବସ୍ତୁ ଆମକୁ ଅଜଣା ରହିବା ଭଳି ହୋଇଯିବ । ତେଣୁ ଏକ ବସ୍ତୁର ଧର୍ମ ଭାବରେ ଅନ୍ୟ ଏକ ବସ୍ତୁର ଧର୍ମକୁ ଆଣି କହିଲେ ତାହା ନିଶ୍ଚୟ ପ୍ରଥମ ବସ୍ତୁର ଅଧର୍ମ ହେବ । ଅଧର୍ମ ଦ୍ୱାରା ପ୍ରଥମ ବସ୍ତୁର ରୂପରେଖ ଅଜଣା ରହିଯିବ । ଏଭଳି ଦେଖାଯାଉଥିବା କୌଣସି ଜିନିଷ ବାବଦରେ ଆମକୁ ଯାହା ଜଣାଅଛି ତାହା ଧର୍ମ କି ଅଧର୍ମ ସତର୍କତାର ସହିତ ପରିଶୀଳନ କରିବା ଉଚିତ୍ । ପରିଶୀଳନ ନକରି ଧର୍ମ ସ୍ଥାନରେ ଅଧର୍ମକୁ ଜାଣିଲେ, ଯାହା ଜାଣିବା ଉଚିତ୍ ତାହା ଆମକୁ ଅଜଣା ରହିଯିବ ।

ବିଶ୍ୱରେ ଦେଖାଯାଉ ନଥିବା ଜିନିଷ ଅନେକ ରହିଛି, ସେଗୁଡିକ ଭିତରେ ଯାହା ସବୁଠାରୁ ବଡ ତାକୁ ଆମେ ପରମାତ୍ମା ବା ଈଶ୍ୱର ବୋଲି କହିପାରିବା । ଈଶ୍ୱର ବା ପରମାତ୍ମା ଦେଖାଯାଆନ୍ତି ନାହିଁ । ତେଣୁ ତାଙ୍କ ବାବଦରେ ଜାଣିବାକୁ ହେଲେ ତାଙ୍କ ଧର୍ମକୁ ଆଧାର କରି ଜାଣି ପାରିବା । ଯାହାର ଧର୍ମ ଅନୁସାରେ ତାକୁ ଜାଣି ପାରିବା ସୂତ୍ର ଅନୁସାରେ, ଈଶ୍ୱରଙ୍କ ଧର୍ମ ଅନୁସାରେ ସେ କିପରି, କଣ କରୁଛନ୍ତି, କେଉଁଠି ଅଛନ୍ତି ତାହା ସବୁ ଜାଣି ପାରିବା । ସମସ୍ତେ ଈଶ୍ୱରଙ୍କ ବାବଦରେ ଜାଣିବାକୁ ଇଚ୍ଛାକଲେ ମଧ୍ୟ, କେତେକ ସ୍ୱାମୀଜୀମାନେ, ପିଠାଧିପତିମାନେ, ମଠାଧିପତିମାନେ,

ମହର୍ଷିମାନେ, ଉପାସକମାନେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତି । ଈଶ୍ୱରଙ୍କୁ ଜାଣିବା ପାଇଁ ଈଶ୍ୱରଙ୍କ ଧର୍ମ ଜାଣିବା ଉଚିତ୍ ବୋଲି ସେମାନେ ଜାଣିଥିଲେ ମଧ୍ୟ, ଈଶ୍ୱରଙ୍କ ଧର୍ମ କଣ ସେମାନଙ୍କୁ ଜଣା ନାହିଁ । ଭୂପୃଷ୍ଠରେ ଅନେକ ଜ୍ଞାନ ଜାଣିଥିବା ଲୋକମାନେ ଥିଲେ ମଧ୍ୟ, ସେମାନେ ଜାଣିଥିବା ଜ୍ଞାନ କାହା ସମ୍ବନ୍ଧୀୟ ସେମାନଙ୍କୁ ଜଣା ନାହିଁ । ଜ୍ଞାନ ଜାଣିଥିବା ଲୋକମାନେ ଆମେ ଯାହା ଜାଣିଛୁ ତାହା ଈଶ୍ୱର ସମ୍ବନ୍ଧୀୟ ଜ୍ଞାନ ବୋଲି ଭାବୁଛନ୍ତି । ଅଦ୍ୱୈତ, ଦ୍ୱୈତ, ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ବିଶ୍ୱାସ କରୁଥିବା ଲୋକମାନେ ସେମାନଙ୍କ ନିଜ ନିଜର ଜ୍ଞାନ ଅନୁସାରେ ଜଣେ ଜଣକ ସହିତ ଯୁକ୍ତି କରୁଛନ୍ତି । ସେମାନଙ୍କ ବ୍ୟତୀତ ଅନ୍ୟମାନେ ମଧ୍ୟ କେତେକ ଯଜ୍ଞକୁ ମହାନ ଭାବି ଯଜ୍ଞ ଦ୍ୱାରା ଈଶ୍ୱରଙ୍କୁ ପାଇହେବ କହିବାବେଳେ, ଆଉ କେତେକ ସ୍ୱାମୀଜୀମାନେ ବେଦଠାରୁ ବଳି ଆଉକିଛି ନାହିଁ, ବେଦ ଦ୍ୱାରା ହିଁ ଈଶ୍ୱରଙ୍କୁ ଜାଣିହେବ ବୋଲି କହୁଛନ୍ତି । କେତେକ ଧ୍ୟାନ ମହାନ କହୁଛନ୍ତି, କେତେକ ଶ୍ୱାସ ଉପରେ ଧ୍ୟାନ କର କହିଲେ, କେତେକ ମନ ଉପରେ ଧ୍ୟାନ କର ବୋଲି କହୁଛନ୍ତି । ବାସ୍ତବରେ କଣ ଏସବୁ ଦ୍ୱାରା ଈଶ୍ୱର ଜଣାପଡିବେ ? ବୋଲି ପ୍ରଶ୍ନକରି ଦେଖିଲେ, ଏମାନଙ୍କ ଭିତରୁ ଯାହାର ପଥ ଈଶ୍ୱରଙ୍କ ଧର୍ମ ଅନୁସାରେ ରହିଛି କେବଳ ସେ ଜାଣିପାରେ ବୋଲି କହିପାରିବା ।

ଏତେ ପ୍ରକାରର ଜ୍ଞାନ ଥିବାବେଳେ, କାହା ଜ୍ଞାନ ସହିତ କାହାର ଜ୍ଞାନ ମେଳଖାଉ ନଥିବା ବେଳେ, ଯଦି କାହାର ଜ୍ଞାନକୁ ସତ୍ୟ ଭାବିବା ତେବେ ଅନ୍ୟମାନଙ୍କର ଜ୍ଞାନ ନିଶ୍ଚୟ ମିଥ୍ୟା ପ୍ରମାଣିତ ହେବ । ଈଶ୍ୱର ବା ପରମାତ୍ମା ଧର୍ମ, ଜ୍ଞାନ ଦ୍ୱାରା ଜଣାପଡନ୍ତି । **ଜ୍ଞାନ ଦୃଷ୍ଟି ହେବା ସ୍ଥଳେ, ଧର୍ମ ଦୃଶ୍ୟ ଭଳି ଥାଏ** । କୌଣସି ଧର୍ମକୁ ଜ୍ଞାନଦ୍ୱାରା ଜାଣି ପାରିବା । ଦୃଷ୍ଟି ଅନୁସାରେ ଦୃଶ୍ୟ ଥିବା ଭଳି, ଜ୍ଞାନ ଅନୁସାରେ ଧର୍ମ ରହିଥାଏ । ତେଣୁ ଈଶ୍ୱରଙ୍କ ଜ୍ଞାନ ଦ୍ୱାରା ହିଁ ଈଶ୍ୱରଙ୍କ ଧର୍ମକୁ ଜାଣି ପାରିବା । ଦେଶରେ ଏତେ ସ୍ୱାମୀଜୀମାନଙ୍କ ଭିତରୁ, ଏତେ ଜ୍ଞାନୀମାନଙ୍କ ଭିତରୁ, ପିଠାଧିପତିମାନଙ୍କ ଭିତରୁ କାହାର

ଜ୍ଞାନ ସଠିକ୍ ଜ୍ଞାନ ବୋଲି ପ୍ରଶ୍ନକଲେ, ସେହି ପ୍ରଶ୍ନର ସମାଧାନ ଭଗବତ୍ ଗୀତାରେ ଦେବାକୁ ଯାଇ ସ୍ୱୟଂ ଈଶ୍ୱର, **"ଯଜ୍ଞ କରିବା ଦ୍ୱାରା, ବେଦ ଅଧ୍ୟୟନ କରିବା ଦ୍ୱାରା, ଦାନଦେବା ଦ୍ୱାରା କିମ୍ବା ତପସ୍ୟା କରିବା ଦ୍ୱାରା ମୋତେ ଜାଣି ପାରିବା ଅସମ୍ଭବ"** ବୋଲି କହିଛନ୍ତି । ଈଶ୍ୱରଙ୍କ ବାଣୀ ଅନୁସାରେ ଦେଖିଲେ, ଜଣାଯାଏ ଏମାନଙ୍କ ଭିତରୁ କାହାର ଜ୍ଞାନ ମଧ୍ୟ ସଠିକ ଜ୍ଞାନ ନୁହେଁ । ସବୁ ପ୍ରକାରର ସ୍ୱାମୀଜୀମାନେ ଭଗବଦ୍ଗୀତାରେ ଭଗବାନ କହିବା ଭଳି ନକରି କେତେକ ବେଦପାଠ କରୁଛନ୍ତି, କେତେକ ଯଜ୍ଞ କରୁଛନ୍ତି, କେତେକ ଦାନ କରୁଛନ୍ତି, କେତେକ ଧ୍ୟାନକୁ ଆଶ୍ରୟ କରି ରହିଛନ୍ତି । ଏସବୁ ଈଶ୍ୱର କହିନଥିବା ଜ୍ଞାନ ହୋଇଥିବାରୁ, ସେମାନଙ୍କ ଜ୍ଞାନ ଦ୍ୱାରା ଈଶ୍ୱର ଜଣାପଡିବା ଅସମ୍ଭବ ବୋଲି ଜଣାଯିବା ସହିତ ଏସବୁ ଅଧର୍ମ ବୋଲି ସ୍ପଷ୍ଟହେଉଛି, ଏମାନଙ୍କୁ ଦୈବଧର୍ମ କଅଣ ଜଣା ନାହିଁ କହିଲେ ଅତ୍ୟୁକ୍ତି ହେଉନାହିଁ । ଯଜ୍ଞ, ବେଦ, ଦାନ, ଧ୍ୟାନ ସମ୍ବନ୍ଧୀୟ ଜ୍ଞାନ ଈଶ୍ୱରଙ୍କ ଧର୍ମ ନୁହେଁ ଅଧର୍ମ! ଅଧର୍ମ ଦ୍ୱାରା ଈଶ୍ୱର କଦାପି ଜଣାପଡନ୍ତି ନାହିଁ । କେବଳ ଈଶ୍ୱରଙ୍କ ଧର୍ମ ଅନୁସାରେ ତାଙ୍କୁ ଜାଣିପାରିବା ।

ଦେଖାଯାଉ ନଥିବା ଈଶ୍ୱରଙ୍କୁ ଜାଣିବାକୁ ହେଲେ ତାଙ୍କର ଧର୍ମକୁ ପ୍ରଥମେ ଜାଣିବା ଉଚିତ୍ । ସେତେବେଳେ ଈଶ୍ୱରଙ୍କ ଧର୍ମ କାହାକୁ ଜଣା ଅଛି ବୋଲି ଖୋଜିଲେ, **ଈଶ୍ୱରଙ୍କ ଧର୍ମ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାକୁ ଜଣାନଥାଏ । ତେଣୁ ଈଶ୍ୱରଙ୍କ ଧର୍ମକୁ ଈଶ୍ୱର ହିଁ କହିବେ, ତାଙ୍କଛଡା ଆଉ କେହି କହିପାରିବେ ନାହିଁ ବୋଲି କହିପାରିବା ।** ଈଶ୍ୱର ମଣିଷକୁ ତାଙ୍କ ଧର୍ମ ଥରେ କହିଲେ ମଧ୍ୟ ତାହା କିଛିକାଳ ପରେ ପୁଣି ଅଧର୍ମ ହୋଇଯାଇଥାଏ । ଥରେ କହିବାବେଳେ ଶୁଣିଥିବା ମଣିଷ କାଳକ୍ରମେ ଜନନମରଣ ଚକ୍ରରେ ରହୁଥିବାରୁ, ଦୈବଜ୍ଞାନ ଉପରେ ମଣିଷର ଶ୍ରଦ୍ଧା ନରହିବା ଦ୍ୱାରା, ଜଣାଥିବା ଧର୍ମ ଅଜଣା ରହିଯାଇ ତା ସ୍ଥାନରେ ଅଧର୍ମ ଆସିଯାଇଥାଏ । ଈଶ୍ୱରଙ୍କ ଧର୍ମ ବା ଦୈବଧର୍ମ କେବଳ ଈଶ୍ୱର କହନ୍ତି ଏହି ବିଷୟ ତିନି ଦୈବଗ୍ରନ୍ଥରେ କୁହାଯାଇଛି । ଭଗବଦ୍ଗୀତାର ଜ୍ଞାନଯୋଗ

ନାମକ ଅଧ୍ୟାୟରେ ଥିବା ସପ୍ତମ, ଅଷ୍ଟମ ଶ୍ଲୋକରେ, ବାଇବେଲରେ ଯୋହନଙ୍କ ଲିଖିତ ସୁସମାଚାରରେ ଥିବା ୧୬ତମ ଅଧ୍ୟାୟର ୧୨ ଏବଂ ୧୩ତମ ବାକ୍ୟରେ, କୋରାନର ଆଲି ଇମ୍ରାନ୍ ନାମକ ସୁରାର ସପ୍ତମ ଆୟତରେ କୁହାଯାଇଛି । ତିନି ମୂଳ ଗ୍ରନ୍ଥରେ ଥିବା ଦୈବଧର୍ମକୁ ଦୈବ ବା ଈଶ୍ୱର ହିଁ କହିଛନ୍ତି । ତେଣୁ ଅନ୍ୟ କୌଣସି ମଣିଷ ଈଶ୍ୱରଙ୍କୁ ଦେଖିନଥିବାରୁ ମଣିଷ ଈଶ୍ୱରଜ୍ଞାନ କହିପାରିବ ନାହିଁ । ଏହା ପୂର୍ବରୁ ଈଶ୍ୱର ତାଙ୍କ ଧର୍ମକୁ କହିବାବେଳେ କୌଣସି ମଣିଷ ଜଣେ ତ ନିଶ୍ଚୟ ଶୁଣିଥିବ ! ଈଶ୍ୱରଙ୍କ ଧର୍ମ ଅନୁସାରେ ତାଙ୍କୁ ଜାଣିପାରିଥିବ !! ସେ ମଣିଷ ଜଣକ ଈଶ୍ୱରଙ୍କ ଧର୍ମକୁ କାହିଁକି କହିପାରିବ ନାହିଁ ବୋଲି ଯଦି କିଏ ପ୍ରଶ୍ନକରେ, ତାପାଇଁ ସମାଧାନ ହେଉଛି ! ଈଶ୍ୱର ଏହା ପୂର୍ବରୁ ଥିବା ଯୁଗରେ ତାଙ୍କ ଧର୍ମକୁ କହିବା ବେଳେ, ଧର୍ମକୁ ଅନୁସରଣ କରି କେତେକ ଈଶ୍ୱରଙ୍କୁ ଜାଣି ପାରିଛନ୍ତି । କୌଣସି ମାନବ ହେଉ ଥରେ ଈଶ୍ୱରଙ୍କୁ ଜାଣିଗଲା ପରେ ତାର ସମସ୍ତ କର୍ମ ଦହନ ହୋଇ ମୋକ୍ଷ ହୋଇଯାଇଥାଏ, ସେଭଳି ଲୋକର ଆଉ ଜନ୍ମ ନଥାଏ । ତେଣୁ ଈଶ୍ୱରଙ୍କୁ ଜାଣିଥିବା କୌଣସି ବ୍ୟକ୍ତି ଭୂପୃଷ୍ଠରେ ନଥାନ୍ତି । ଥରେ ଦୈବଧର୍ମ ଜାଣି କିଛିଲୋକ ମୋକ୍ଷ ପାଇଥିବା ବେଳେ, ଧର୍ମକୁ ଭୁଲ୍ ବୁଝିଥିବା ଲୋକମାନେ, ଦୈବଜ୍ଞାନରେ ଶ୍ରଦ୍ଧା ନଥିବା ଲୋକମାନେ କିଛିକାଳ ପରେ ଦୈବଧର୍ମରେ ଅଧର୍ମ ଆଣିଥାନ୍ତି । ଅଧର୍ମକୁ ଆଶ୍ରୟ କରିଥାନ୍ତି, ସେତେବେଳେ ଧର୍ମ ସ୍ଥାନରେ ଅଧର୍ମ ରହିବା ଦ୍ୱାରା ଈଶ୍ୱର ଉପଯୁକ୍ତ ପଦ୍ଧତିରେ ବୁଝାପଡି ନଥାନ୍ତି, ଈଶ୍ୱରଙ୍କୁ ଅଧର୍ମରେ ଜାଣି, ତାଙ୍କୁ ମଧ୍ୟ ଜଣେ ଦେବତା ଭାବରେ ହିସାବ କରିଥାନ୍ତି । ଏହିଭଳି ପରିସ୍ଥିତି କିଛିକାଳ ରହିବା ପରେ ଅଧର୍ମର ସ୍ଥିତି ଯେତେବେଳେ ଅତ୍ୟଧିକ ହୋଇଯାଏ ସେତେବେଳେ ଈଶ୍ୱରଙ୍କୁ ଆସି ପୁନର୍ବାର ତାଙ୍କ ଧର୍ମ ଜଣାଇବାକୁ ପଡିଥାଏ ।

ଆମକୁ ଯେତିକି ଜଣାଅଛି ଦ୍ୱାପର ଯୁଗର ଶେଷ ସମୟରେ ଈଶ୍ୱର ଭଗବାନ ଭାବରେ ଅବତାର ଗ୍ରହଣକରି ଭଗବଦ୍ଗୀତା ରୂପରେ ତାଙ୍କ ଧର୍ମକୁ

ଜଣାଇଥିଲେ ବୋଲି କହିପାରିବୁ । ଈଶ୍ୱରଙ୍କ ଧର୍ମ ଜଣାପଡିବା ବେଳେ, ଅଧର୍ମ ସ୍ପଷ୍ଟ ଭାବରେ ବହିର୍ଗତ ହୋଇଥାଏ । ଏହା ଅଧର୍ମ ବୋଲି ସେ ସ୍ୱତନ୍ତ୍ର ଭାବରେ ନକହିଲେ ମଧ୍ୟ, ଧର୍ମ ଜଣାପଡିବା ବେଳେ ଏହା ଅଧର୍ମ ବୋଲି ଆପଣାଛାଏଁ ଜାଣିହୋଇଯାଏ ।

ଭଗବଦ୍ଗୀତାର ଅକ୍ଷର ପରବ୍ରହ୍ମ ଯୋଗର ଶେଷରେ ଥିବା ୨୮ତମ ଶ୍ଳୋକରେ..

**ବେଦେଷୁ ଯଜ୍ଞେଷୁ ତପସ୍ସୁଚୈବ ଦାନେଷୁ ଯପ୍ପୁଣ୍ୟଫଳଂପ୍ରଦିଷ୍ଟମ୍ ।**
**ଅତ୍ୟେତି ତସ୍ର୍ବ ମିଦଂ ବିଦିତ୍ୱା ଯୋଗୀପରଂସ୍ଥାନ ମୁପୈତି ଗ୍ଦ୍ୟମ୍ ॥**

**ଭାବାର୍ଥ:-** ଏହା ଯିଏ ଜାଣିଯାଇଛି ସେ ବେଦ, ଯଜ୍ଞ, ଦାନ, ତପସ୍ୟାକୁ ଆଚରଣ କରିବା ଦ୍ୱାରା ମିଳୁଥିବା ପୁଣ୍ୟଫଳକୁ ଅତିକ୍ରମ କରି ଉନ୍ନତ ଜ୍ଞାନାହରଣ କରି ମୋକ୍ଷ ପାଇଥାଏ ।

**ସେହିଭଳି ବିଶ୍ୱରୂପ ସଂଦର୍ଶନ ଯୋଗର ୪୮ତମ ଶ୍ଳୋକରେ..**

**ନଦେଦ ଯଜ୍ଞାଧ୍ୟୟନୈର୍ନ ଦାନୈର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ।**
**ଏବଂ ରୂପ ଶକ୍ୟ ଅହଂ ନୃଲୋକେ ଦ୍ରଷ୍ଟୁ ତ୍ୱଦନ୍ୟେନ କୁରୁପ୍ରବୀର ॥**

**ଭାବାର୍ଥ:-** ହେ ଅର୍ଜୁନ ! ଭୂପୃଷ୍ଠରେ ତୋ ବ୍ୟତୀତ, ମୋର ଏଇ ରୂପକୁ କେହି ଦେଖିନାହାନ୍ତି । ବେଦାଧ୍ୟୟନ ଦ୍ୱାରା, ଯଜ୍ଞ କରିବା ଦ୍ୱାରା, ଦାନ ଦେବା ଦ୍ୱାରା, ଉଗ୍ର ତପସ୍ୟା ଦ୍ୱାରା ମୋତେ ଦେଖିବା ଅସମ୍ଭବ ।

**ବିଶ୍ୱରୂପ ସନ୍ଦର୍ଶନ ଯୋଗର ୫୩ତମ ଶ୍ଳୋକରେ..**

**ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା !**
**ଶକ୍ୟ ଏବଂ ବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ॥**

**ଭାବାର୍ଥ:-** ବେଦ ଦ୍ୱାରା ହେଉ, ତପସ୍ୟା (ଧ୍ୟାନ) ଦ୍ୱାରା ହେଉ, ଦାନ

ଦେବା ଦ୍ୱାରା ହେଉ କିମ୍ବା ଯଜ୍ଞ କରିବା ଦ୍ୱାରା ହେଉ ତୁ ଦେଖିଥିବା ମୋର ରୂପକୁ ଦେଖିବା ସମ୍ଭବ ନୁହେଁ ।

ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗ ନାମକ ଅଧ୍ୟାୟ ଆଗରୁ ଥିବା ତିନି ଅଧ୍ୟାୟ ପୂର୍ବରୁ ଅକ୍ଷର ପରବ୍ରହ୍ମ ଯୋଗ ନାମକ ଅଧ୍ୟାୟର ୨୮ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ **"କୌଣସି ମାନବ ଧର୍ମକୁ ଜାଣିବା ବେଳେ, ଅଧର୍ମ ଦ୍ୱାରା ମିଳୁଥିବା ଜନ୍ମଫଳକୁ ଅତିକ୍ରମ କରି ଜନ୍ମ ରହିତ ମୋକ୍ଷ ପାଇଥାଏ"** ବୋଲି କହିଛନ୍ତି । ତାପରେ ବିଶ୍ୱରୂପ ସନ୍ଦର୍ଶନ ଯୋଗର ୪୮ତମ ଶ୍ଳୋକରେ ଭଗବାନ ନକହି ସ୍ୱୟଂ ପରମାତ୍ମା ବା ଈଶ୍ୱର ଜଣାଇଥିବା ବିଷୟ ଅନୁସାରେ ଅଧର୍ମ ହୋଇଥିବା ଗରି କ୍ରିୟା ଦ୍ୱାରା ମୁଁ ଜଣାପଡି ନଥାଏ, ଏଭଳି ଅଧର୍ମ କ୍ରିୟା ଦ୍ୱାରା ମୋତେ ଜାଣିବା କଦାପି ସମ୍ଭବ ନୁହେଁ ବୋଲି ଜଣାଇଦେଇଛନ୍ତି । ତାପରେ ସେହି ଅଧ୍ୟାୟରେ ପୁନଃ ଭଗବାନ ଶ୍ରୀକୃଷ୍ଣ କହିଥିବା ୫୩ତମ ଶ୍ଳୋକରେ ମଧ୍ୟ ଈଶ୍ୱରଙ୍କ ଧର୍ମକୁ ଭୁଲି ଯେଉଁ ଗରି କ୍ରିୟାଗୁଡିକର ଆଚରଣ କରନ୍ତି ତଦ୍ୱାରା ଈଶ୍ୱରଙ୍କୁ ଜାଣିବା ସମ୍ଭବ ନୁହେଁ ବୋଲି ଜଣାଯାଉଛି । ଅକ୍ଷର ପରବ୍ରହ୍ମ ଯୋଗର ୨୮ତମ ଶ୍ଳୋକରେ, ତାପରେ ବିଶ୍ୱରୂପ ସନ୍ଦର୍ଶନ ଯୋଗର ୪୮ତମ ଶ୍ଳୋକରେ, ୫୩ତମ ଶ୍ଳୋକରେ ଅଧର୍ମ ଗୁଡିକର ନାଆଁ, ଏବଂ ସେଗୁଡିକର ଆଚରଣ ବାବଦରେ ଜଣାପଡିଛି । ଭଗବଦ୍ଗୀତାରେ ଶ୍ରୀକୃଷ୍ଣ କହିଥିବା କଥା କାହିଁକି ଶୁଣିବା ? ସେ ମଧ୍ୟ ଜଣେ ଆମରି ଭଳି ମଣିଷ ! ବୋଲି କେହି ମଧ୍ୟ ଭାବିପାରେ । ସେଥିଲାଗି ମଣିଷ ଭିତରେ ଏଇ ଭାବନା ଆସିବାକୁ ନଦେଇ, ଜ୍ଞାନଯୋଗ ନାମକ ଅଧ୍ୟାୟରେ ଅର୍ଜୁନ ପଚାରିଥିବା ଏଇ ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ କହିଛନ୍ତି ଯେ-

**ଜ୍ଞାନଯୋଗ, ଶ୍ଳୋକ-୫ :-**

**ବହୂନିମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ !**
**ତାନ୍ୟହଂ ବେଦ ସର୍ବାଣି ସତ୍ୱଂ ବେତ୍ଥ ପରନ୍ତପ ॥**

**ଜ୍ଞାନଯୋଗ, ଶ୍ଳୋକ-୬ :-**

**ଅଜୋପି ସନ୍ନବ୍ୟୟାତ୍ମା ଭୂତାମିଶ୍ୱରୋଽପିସନ୍ ।**
**ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥**

**ଜ୍ଞାନଯୋଗ, ଶ୍ଳୋକ-୭ :-**

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ !**
**ଅଭ୍ୟୁତ୍‌ଥାନ ମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥**

**ଜ୍ଞାନଯୋଗ, ଶ୍ଳୋକ-୮ :-**

**ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

ଦ୍ୱାପର ଯୁଗର ଶେଷରେ ଈଶ୍ୱର (ପରମାତ୍ମା) ଭଗବାନ ହୋଇ ଜନ୍ମ ହୋଇଥିଲେ । ଈଶ୍ୱର ଈଶ୍ୱର ଭାବରେ ଜନ୍ମହେବା ଅସମ୍ଭବ, ତେଣୁ ସେ (ଈଶ୍ୱର) ଜଣେ ମଣିଷ ଭଳି ଜନ୍ମହୁଅନ୍ତି, ତାଙ୍କର ସେହି ଜନ୍ମକୁ ଭଗବାନ ଅବତାର କୁହାଯାଏ । ଉପରେ ଥିବା ୫ମ ଶ୍ଳୋକ ଅନୁସାରେ ଜଣାଯାଏ ଈଶ୍ୱର ଭଗବାନ ହୋଇ ଅତୀତରେ ମଧ୍ୟ ଜନ୍ମ ହୋଇଥିଲେ । ତାଛଡା ଆମେ କେତେଥର ଜନ୍ମ ହୋଇଛେ ଆମକୁ ଜଣାନଥିଲେ ମଧ୍ୟ, ତାଙ୍କ ଜନ୍ମଗୁଡିକ ତାଙ୍କର ମନେ ଥାଏ ବୋଲି ଜଣାପଡୁଛି । ଷଷ୍ଠତମ ଶ୍ଳୋକରେ "ସକଳ ଜୀବରାଶିର ଈଶ୍ୱର ହୋଇଥିବା, ଜନ୍ମ ମରଣ ନଥିବା ମୁଁ, ମୋର ପ୍ରକୃତିକୁ ଆଧାର କରି ଶରୀରରେ ମାୟାର ସହିତ ଜନ୍ମହୁଏ" ବୋଲି କହିଛନ୍ତି । ସପ୍ତମ ଶ୍ଳୋକରେ ଯେତେବେଳେ ଧର୍ମ ଅଜଣା ରହିଯାଏ, ଅଧର୍ମକୁ ମଣିଷ ଯେତେବେଳେ ଧର୍ମ ଭାବେ ମୁଁ ସେତେବେଳେ ଜନ୍ମହୁଏ ବୋଲି କହିଛନ୍ତି । ଈଶ୍ୱର ଜନ୍ମହୋଇ କଣ କରନ୍ତି ? ବୋଲି ପ୍ରଶ୍ନର ସମାଧାନରେ ଅଷ୍ଟମ ଶ୍ଳୋକରେ ମୁଁ ଧର୍ମ ଜଣାଇବା ପାଇଁ ଜନ୍ମ ହୋଇଥାଏ ବୋଲି ସ୍ୱଷ୍ଟ କରିବାକୁ ଯାଇ, "ଧର୍ମ ଜଣାଇ ଅଧର୍ମର ବିନାଶ କରିବା ପାଇଁ

ଆସିଥିବା ମୁଁ ଏହା ଧର୍ମ, ତାହା ଅଧର୍ମ ବୋଲି ଜଣାଇଥାଏ” ଏଭଳି ଧର୍ମକୁ ଚିହ୍ନାଇବା ଦ୍ୱାରା ଅଧର୍ମୀମାନେ ସେମାନଙ୍କ ଆଚରଣ ଛାଡି, ଧର୍ମ ଜାଣି ସାଧୁଜନରେ ପରିଣତ ହେବେ ।

ଏହି ଚାରି ଶ୍ଳୋକର ସାରାଂଶ ଈଶ୍ୱର ଜନ୍ମହୋଇ ତାଙ୍କ ଧର୍ମକୁ ଜଣାଇଥାନ୍ତି ବୋଲି ଜଣାଇଥାଏ । ଆମେ ଆଗରୁ କହିଥିବା ସୂତ୍ର ଅନୁସାରେ ପଦାର୍ଥ ଅନୁସାରେ ତାର ଧର୍ମକୁ ଜାଣିପାରିବା କିମ୍ବା ପଦାର୍ଥର ଧର୍ମ ଅନୁସାରେ ପଦାର୍ଥକୁ ଜାଣିପାରିବା । ତେଣୁ ପଦାର୍ଥର ଏକ ଧର୍ମ ଥାଏ, ପଦାର୍ଥରୁ ତାର ଧର୍ମକୁ କିମ୍ବା ଧର୍ମରୁ ପଦାର୍ଥକୁ ଜାଣିହୁଏ ବୋଲି ଆମେ ଜାଣିଛେ । ଅଭିନ୍ନଭାବ ସମ୍ପର୍କ ଥିବା ପଦାର୍ଥ କିମ୍ବା ତାର ଧର୍ମ ନାମକ ଦୁଇଟି ଜିନିଷରୁ ଯଦି କୌଣସି ଗୋଟିକର ଆଧାର ଆମ ପାଖରେ ଅଛି, ସେହି ଏକ ଆଧାରରେ ପଦାର୍ଥ କିମ୍ବା ତାର ଧର୍ମକୁ ଜାଣି ପାରିବା । ସେହିଭଳି ଏବେ ଈଶ୍ୱରଙ୍କ ବିଷୟକୁ ଆସିଲେ, ଯଦି କୌଣସି ମଣିଷ ଈଶ୍ୱରଙ୍କୁ ଦେଖିଥିବ ତେବେ ତାହାକୁ ଆଧାର କରି ତାଙ୍କ ଧର୍ମକୁ ଚିହ୍ନି ପାରିବ । ସେହିଭଳି ଆଗରୁ ଈଶ୍ୱରଙ୍କୁ ନଦେଖି ତାଙ୍କ ଧର୍ମକୁ ଯଦି କିଏ ଜାଣିଛି ତେବେ ସେହି ଧର୍ମ ଅନୁସାରେ ଈଶ୍ୱରଙ୍କୁ ଜାଣି ପାରିବ । ହେଲେ ଏଠାରେ ଈଶ୍ୱର ହୁଅନ୍ତୁ, ତାଙ୍କ ଧର୍ମ ହେଉ ଆମ ପାଖରେ କିଛି ଆଧାର ନଥିବା ବେଳେ ମଣିଷ ଈଶ୍ୱରଙ୍କୁ ହେଉ କିମ୍ବା ତାଙ୍କ ଧର୍ମକୁ ହେଉ ଜାଣିପାରିବା ଅସମ୍ଭବ, ତେଣୁ ଭୂପୃଷ୍ଠରେ ଦୈବଜ୍ଞାନ ନାମକ ଧର୍ମକୁ ଈଶ୍ୱର ହିଁ ଆସି କହିଥାନ୍ତି ବୋଲି ଜଣାଯାଉଛି । ଈଶ୍ୱରଙ୍କ ଧର୍ମ ଈଶ୍ୱରଙ୍କ ବ୍ୟତୀତ କୌଣସି ମଣିଷକୁ ଜଣା ନାହିଁ ବୋଲି ଅଖଣ୍ଡନୀୟ ବାକ୍ୟଟି ଦୈବଗ୍ରନ୍ଥରେ କୁହାଯାଇଛି ।

ମଣିଷକୁ ଈଶ୍ୱର କିମ୍ବା ଈଶ୍ୱରଙ୍କ ଧର୍ମ ବାବଦରେ ଜଣାନଥିବା ବେଳେ ସ୍ୱୟଂ ଈଶ୍ୱର ହିଁ ଆସି ମଣିଷକୁ ଧର୍ମ ଜଣାଇଛନ୍ତି । ଏଭଳି ମଣିଷ ଜାଣିପାରିଥିବା ଧର୍ମ କାହା ଦ୍ୱାରା ଜଣାପଡିଲା ବୋଲି ଜାଣି ନପାରି,

ଆମରି ଭଳି ଜଣେ ମଣିଷ କହିଥିବ ବୋଲି ଭାବିଥାଏ । ଆସି କହିଥିବା ପାତ୍ର ଈଶ୍ୱରଙ୍କ ଅଂଶ ହୋଇଥିଲେ ମଧ୍ୟ, ସେ ମଣିଷ ନୁହେଁ ଭଗବାନ ବୋଲି କାହାରିକୁ ଚିହ୍ନାପଡନ୍ତି ନାହିଁ । ଭୂପୃଷ୍ଠରେ ଜଣେ ମଣିଷ ଦ୍ୱାରା ଧର୍ମ ଜଣାପଡୁଥିଲେ ମଧ୍ୟ, ସେ ମଣିଷ ଜଣକ ଭଗବାନ, ଭଗବାନ ହିଁ ଈଶ୍ୱର ବୋଲି କେହି ଗ୍ରହଣ କରିପାରନ୍ତି ନାହିଁ । ଧର୍ମ ହଜିଯାଇ ମଣିଷ ଭିତରେ ଅଧର୍ମ ପ୍ରବେଶ କରିଥିବା ବେଳେ, ଈଶ୍ୱର ମଣିଷ ରୂପରେ ଆସି ଧର୍ମ ଜଣାଇଲେ ମଧ୍ୟ, କହୁଥିବା ପାତ୍ରର ମୂଲ୍ୟକୁ ଜାଣିପାରୁ ନଥିବା ମଣିଷ, ନିଜକୁ ଯାହା ଜଣାପଡିଛି ତାହା ଧର୍ମ, ଭଗବାନ ଯାହା କହୁଛନ୍ତି ତାହା ଅଧର୍ମ ବୋଲି କହିଥାଏ । ଭଗବାନ କହିଥିବା ଧର୍ମର ପ୍ରଚାର ମଧ୍ୟ ହେବାକୁ ନଦେଇ, ଏହା ଠିକ୍ ନୁହେଁ, ଏହା ଆମ ଧର୍ମ ନୁହେଁ, ପରଧର୍ମ, ଇନ୍ଦୁମତ ନାମରେ ଇତର ମତର ବାଣୀ କହୁଛନ୍ତି ବୋଲି ପ୍ରଚାର କରି ପ୍ରକୃତ ଧର୍ମକୁ କେହି ଜାଣିନପାରିବା ଭଳି କରିଥାନ୍ତି । ଆମେ ହିନ୍ଦୁ, ହିନ୍ଦୁ ମତର ରକ୍ଷକ, ହିନ୍ଦୁଧର୍ମ ପୋଷକ ନାମରେ ନାମିତ ହୋଇଥିବା ଲୋକମାନେ, ଦୈବଧର୍ମ ଜାଣିନଥିବା, ଇନ୍ଦୁଧର୍ମ ଜାଣିନଥିବା ଲୋକମାନେ ପ୍ରକୃତ ଈଶ୍ୱରଙ୍କୁ, ଦେଖାଯାଉଥିବା ଭଗବାନଙ୍କୁ ସାଧାରଣ ମଣିଷ ଭାବରେ ହିସାବ କରି, ତାଙ୍କୁ ଅପମାନ ଦେବା ଭଳି କଥାବାର୍ତ୍ତା କରିଥାନ୍ତି, ତାଙ୍କୁ ଘୃଣା କରିଥାନ୍ତି । ମାନବକୁ ଉଦ୍ଧାର କରିବା ପାଇଁ ଏତେ ମହାନ ଈଶ୍ୱର ମଣିଷ ହୋଇ ଭୂପୃଷ୍ଠକୁ ଆସିବା ବେଳେ, ତାଙ୍କୁ ସାଧାରଣ ମଣିଷ ଅପେକ୍ଷା ଆହୁରି ହୀନ ମନେ କରି, ଆମେ ହିଁ ପ୍ରକୃତ ଧର୍ମରକ୍ଷକ ବୋଲି କହି, ଭଗବାନ କହିଥିବା ଧର୍ମକୁ ନିଜ ମତର, ନିଜ ଧର୍ମର ବିରୋଧି କହି ତାଙ୍କୁ (ଭଗବାନଙ୍କୁ) ହତ୍ୟା କରିବା ପାଇଁ ଚେଷ୍ଟା କରୁଥିବା ଲୋକମାନେ ମଧ୍ୟ ଅଛନ୍ତି ।

ଭଗବଦ୍ଗୀତାରେ ଶ୍ରୀକୃଷ୍ଣ ରାଜବିଦ୍ୟା ରାଜଗୁହ୍ୟ ଯୋଗର ୧୧ତମ ଶ୍ଳୋକରେ କହିଛନ୍ତି -

**ଶ୍ଲୋ ।। ଅବଜାନ୍ତି ମାଂ ମୁଢା ମାନୁଷୀଂ ତନୁମାଶ୍ରିତମ୍ ।**
**ପରଂଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍ ।।**

**ଭାବାର୍ଥ:–** ସର୍ବଜୀବରାଶିର ଈଶ୍ୱର ହୋଇଥିବା ମୁଁ, ମନୁଷ୍ୟ ଶରୀର ଧାରଣ କରି ଭୂପୃଷ୍ଠରେ ମଣିଷ ମଧ୍ୟରେ ଆସିଲେ, ମୂଢମାନେ (ଅଜ୍ଞାନୀମାନେ) ମୋ ଦୈବତ୍ୱକୁ ଜାଣିନପାରି ମୋର ଅବମାନନା କରନ୍ତି ।

କଳିଯୁଗ ଅପେକ୍ଷା କିଛି ଉନ୍ନତ ହୋଇଥିବା ଦ୍ୱାପରଯୁଗରେ ଆଜି ଥିବା ଭଳି ମୁର୍ଖମାନେ, ମୂଢମାନେ ସେତେବେଳେ ନଥିଲେ ବୋଲି ଭାବିପାରିବା । କଳିକାଳ ଅପେକ୍ଷା ଉନ୍ନତ ହୋଇଥିବା ଦ୍ୱାପରଯୁଗରେ ଶ୍ରୀକୃଷ୍ଣଙ୍କୁ ଯେତେବେଳେ ୯୦ବର୍ଷ ସେତେବେଳେ ସେ ଦୈବଧର୍ମ ଭଗବଦ୍ଗୀତା କହିଥିଲେ, ତାହା ମଧ୍ୟ କେହି ଅନ୍ୟମାନେ ଜାଣି ନପାରିବା ଭଳି କେବଳ ଅର୍ଜୁନଙ୍କୁ କହିଥିଲେ । ଯୁଦ୍ଧ ଭୂମିରେ କେବଳ ଥରେ ଜ୍ଞାନ (ଧର୍ମ) କହିବା ଛଡା ଆଉ କେତେବେଳେ ମଧ୍ୟ କହିନଥିଲେ । ଜୀବନରେ ଥରେ ଜ୍ଞାନ କହିଥିବା ତାଙ୍କୁ ମଧ୍ୟ ମୂଢମାନଙ୍କ ଅବମାନନା ସହିବାକୁ ପଡିଥିଲା । ସେତେବେଳେ ଭଗବାନଙ୍କୁ ଏଭଳି ସମସ୍ୟାର ସମ୍ମୁଖୀନ କରିବାକୁ ପଡିଥିବାବେଳେ, ସବୁଦିନ ଜ୍ଞାନ କହୁଥିବା ଆମଭଳି ଲୋକକୁ ସେମାନେ କିଭଳି ଅବମାନନା କରୁଥିବେ ଆପଣମାନେ ଭାବନା କରି ପାରିବେ । ଆମେ ଲେଖିଥିବା **"ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା'**କୁ ଅନନ୍ତପୁର ଜିଲ୍ଲାର ଗୁନ୍ତକଲ୍ ବିଶ୍ୱ ହିନ୍ଦୁପରିଷଦ ଅଫିସ୍ ସାମ୍ନାରେ ଆମେ ହିନ୍ଦୁ କହୁଥିବା ଲୋକମାନେ ହିଁ ନିଆଁ ଲଗାଇ ପୋଡିଦେବା, ଫୋନରେ ଆମକୁ ନିନ୍ଦା ଦେବା କଣ ଆମର ଅବମାନନା ନୁହେଁ ! ହାଇଦ୍ରାବାଦର ଦିଲ୍‌ଖୁସ୍ ନଗର ବିଜେପି କାର୍ଯ୍ୟକର୍ତ୍ତାମାନେ ଆମ ଭକ୍ତମାନଙ୍କ ଉପରେ ଭୌତିକ ଆକ୍ରମଣ କରିବା କଣ ଆମର ଅବମାନନା ନୁହେଁ ! ଆମେ ସ୍ୱଚ୍ଛ ଇନ୍ଦୁଧର୍ମ ବୋଧ କରୁଥିଲେ ମଧ୍ୟ, ପରମତ ବୋଧ କରୁଛୁ ବୋଲି ପ୍ରଚାରକରି କୋର୍ଟରେ କେସ୍ ଦେଇଥିବା ହିନ୍ଦୁମାନେ ମଧ୍ୟ ଅଛନ୍ତି । ହମ୍ପିଠାରୁ ମାତ୍ର କିଲୋମିଟର

ଦୂରରେ ଥିବା ଏକ କାନ୍ଥରେ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ପାଠକରନ୍ତୁ ବୋଲି ଲେଖିଥିବା ବେଳେ, ହମ୍ପି ପାଖାପାଖି ଏଭଳି ଲେଖା ରହିବା ଉଚିତ୍ ନୁହେଁ ବୋଲି ବାହାନାରେ ଆମ ଲୋକମାନଙ୍କୁ ହୋସ୍‌ପେଟା କୋର୍ଟରୁ ୨୦ଦିନ ଜେଲ ଦଣ୍ଡ ଦିଆଇଥିବା ହିନ୍ଦୁମାନେ ଅଛନ୍ତି । ଅଦ୍ୱୈତ ସିଦ୍ଧାନ୍ତ, ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତ,ଦ୍ୱୈତସିଦ୍ଧାନ୍ତ ଭଳି ଆମେ ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛୁ, ହିନ୍ଦୁମତରେ କଣସବୁ ସିଦ୍ଧାନ୍ତ ଅଛି ଜାଣିନଥିବା ହିନ୍ଦୁମାନେ ଏହା ଖ୍ରୀଷ୍ଟମତର **ତ୍ରୀତ୍ୱ** କହି ଆମକୁ ଖ୍ରୀଷ୍ଟମତ ପ୍ରଚାରକ କହୁଛନ୍ତି ।

ଥରେ ଧର୍ମ ବୋଧ କରିଥିବା ଭଗବାନଙ୍କୁ ଅବମାନ କରିଥିବା ହିନ୍ଦୁମାନେ, ନିତ୍ୟ ଭାବରେ ଦୈବଧର୍ମ କହୁଥିବା ଆମ ଭଳି ଲୋକଙ୍କୁ ହତ୍ୟାକରିବା ପାଇଁ ମଧ୍ୟ ପଛେଇବେ ନାହିଁ । ଏସବୁ ହିନ୍ଦୁମତରେ ଅଧର୍ମକୁ ଆଶ୍ରୟ କରି ରହିଥିବା ହିନ୍ଦୁମାନଙ୍କ ଆଖି ଖୋଲିବା ପାଇଁ କହୁଛୁ । ହିନ୍ଦୁଧର୍ମ ରକ୍ଷକ ବୋଲି ସଂସ୍ଥାର ନାମ ଦେଇଥିବା ଆପଣମାନେ ହିନ୍ଦୁଧର୍ମ (ଇନ୍ଦୁଧର୍ମ) କଣ ଜାଣିଛନ୍ତି ? ବୋଲି ପଚାରୁଛୁ । ହିନ୍ଦୁ ବେଶରେ ପରମତ ପ୍ରଚାର କରୁଛୁ ବୋଲି ଆମ ନାଆଁରେ ଅଭିଯୋଗ ଆଣିଥିବା ଲୋକମାନଙ୍କ ଆଖି ଖୋଲିବା ପାଇଁ ଏହି ଗ୍ରନ୍ଥଟି ଲେଖୁଛୁ । ହିନ୍ଦୁ (ଇନ୍ଦୁ) ମତରେ ଜ୍ଞାନ କହିଥାନ୍ତି ସିଦ୍ଧାନ୍ତକର୍ତ୍ତାମାନେ । ସିଦ୍ଧାନ୍ତକର୍ତ୍ତା ମାନଙ୍କ ବାବଦରେ ଜାଣି ନଥିବା ଲୋକମାନେ କିପରି ହିନ୍ଦୁ? ବୋଲି ପଚାରୁଛୁ । ଅତୀତରେ ତିନିଜଣ ସିଦ୍ଧାନ୍ତକର୍ତ୍ତା ନିଜ ନିଜର ସିଦ୍ଧାନ୍ତ ଅନୁସାରେ ହିନ୍ଦୁମାନଙ୍କୁ ଜ୍ଞାନ ବୋଧ କରିଥିଲେ । ଆଜି ଆମ ଦ୍ୱାରା **ତ୍ରୈତସିଦ୍ଧାନ୍ତ** ଭଗବଦ୍ଗୀତାରୁ ହିଁ ପ୍ରତିପାଦିତ ହୋଇଛି । ଅତୀତରେ ତିନି ସିଦ୍ଧାନ୍ତକର୍ତ୍ତା ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ମଧ୍ୱାଚାର୍ଯ୍ୟଙ୍କ ସିଦ୍ଧାନ୍ତ ଶୁଣିଥିବା ହିନ୍ଦୁମାନେ ଆଜି ତ୍ରୈତ ସିଦ୍ଧାନ୍ତକୁ କାହିଁକି ଘୃଣା କରୁଛନ୍ତି ? ଦେଖିଲେ ଏହାର ଜବାବ ମିଳିଯାଉଛି ! ଆଜି ଆମେ ଜ୍ଞାନୀ, ଆମେ ହିନ୍ଦୁଧର୍ମର ଗୁରୁ, ଆମେ ସ୍ୱାମୀଜୀ, ଆମେ ହିନ୍ଦୁଧର୍ମର ରକ୍ଷକ, ଧର୍ମସାଧକ ବୋଲି କହୁଥିବା ସମସ୍ତଙ୍କୁ ଅତୀତରେ

ସିଦ୍ଧାନ୍ତକର୍ତ୍ତା ମାନଙ୍କ ବାଣୀ, ସେମାନଙ୍କ ସିଦ୍ଧାନ୍ତ ତ କିଛି ଅସୁବିଧାରେ ପକାଇ ନାହିଁ । କାହାର ଆଚରଣ ସିଦ୍ଧାନ୍ତକର୍ତ୍ତା ମାନଙ୍କ ବାଣୀର ବ୍ୟତିରେକ ଦେଖାଯାଇ ନାହିଁ, ହେଲେ ଏବେ ତ୍ରୈତସିଦ୍ଧାନ୍ତ ଜ୍ଞାନ ମାତ୍ର କେଇଜଣଙ୍କୁ ଛାଡିଦେଲେ ସମସ୍ତଙ୍କୁ ପସନ୍ଦ ହେଉନାହିଁ । କାରଣ ! "ତ୍ରୈତ ସିଦ୍ଧାନ୍ତ" ଭଗବଦ୍ଗୀତା ଗର୍ଭରୁ ଜନ୍ମହୋଇଛି, **ତାହା ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୬ ଏବଂ ୧୭ତମ ଶ୍ଲୋକ ଦ୍ୱୟର ଆଧାରରେ କୁହାଯାଇଥିବା ତିନି ଆତ୍ମାର ସିଦ୍ଧାନ୍ତ** । ତ୍ରୈତ ସିଦ୍ଧାନ୍ତ ଗୀତା ଗର୍ଭରୁ ଜନ୍ମ ହୋଇଥିବାରୁ ଏଥିରେ ଗୀତାଧର୍ମ କହିବାକୁ ପଡୁଛି । ଅନ୍ୟ ସିଦ୍ଧାନ୍ତଗୁଡିକ ବେଦରୁ ଉଦ୍ଭବ, ତ୍ରୈତ ସିଦ୍ଧାନ୍ତ ସହିତ ବେଦର କୌଣସି ସମ୍ପର୍କ ନାହିଁ ।

ଆମ ଆଗରୁ କେରଳର ଅଦ୍ୱୈତ ସିଦ୍ଧାନ୍ତକର୍ତ୍ତା ଆଦିଶଙ୍କରାଚାର୍ଯ୍ୟ ଆସିଥିଲେ, ତାପରେ ତାମିଲନାଡୁରୁ ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକର୍ତ୍ତା ରାମାନୁଜାଚାର୍ଯ୍ୟ ଆସିଥିଲେ, ତାପରେ କର୍ଣ୍ଣାଟକରୁ ଦ୍ୱୈତ ସିଦ୍ଧାନ୍ତକର୍ତ୍ତା ମଧ୍ୱାଚାର୍ଯ୍ୟ ଆସିଥିଲେ । ସମସ୍ତଙ୍କଠାରୁ ପ୍ରଥମେ ଆସିଥିବା ଆଦି ଶଙ୍କରାଚାର୍ଯ୍ୟ ମାତ୍ର ୩୨ବର୍ଷ ବଞ୍ଚି ତାଙ୍କ ସିଦ୍ଧାନ୍ତ ପ୍ରତିପାଦନ କରିଥିଲେ, ତାପରେ ଆସିଥିବା ରାମାନୁଜାଚାର୍ଯ୍ୟ ୧୨୦ବର୍ଷ ବଞ୍ଚି ତାଙ୍କ ସିଦ୍ଧାନ୍ତକୁ କହିଲେ, ତାପରେ ଆସିଥିବା ମଧ୍ୱାଚାର୍ଯ୍ୟ ୭୯ବର୍ଷ ବଞ୍ଚି ତାଙ୍କ ସିଦ୍ଧାନ୍ତକୁ ପ୍ରବେଶ କରାଇଥିଲେ । ହେଲେ ସେମାନେ ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତଗୁଡିକ ବେଦରୁ ଉତ୍ପତ୍ତି କରାଇଥିଲେ । ବ୍ୟାସ ଲେଖିଥିବା ବେଦର ଆଧାରରେ ଏହି ତିନି ସିଦ୍ଧାନ୍ତ ଆସିଥିବାରୁ, ତିନି ସିଦ୍ଧାନ୍ତକର୍ତ୍ତା ସେମାନଙ୍କ ସିଦ୍ଧାନ୍ତ ଅନୁସାରେ ବେଦକୁ ଉନ୍ନତ ରୀତିରେ ପ୍ରଚାର କରିଥିଲେ । ତିନି ଆଚାର୍ଯ୍ୟଙ୍କ ତିନି ସିଦ୍ଧାନ୍ତ ବେଦରୁ ହିଁ ଜନ୍ମ ହୋଇଥିଲା, ସେଗୁଡିକ ସହିତ ଭଗବଦ୍ଗୀତାର କୌଣସି ସମ୍ପର୍କ ନାହିଁ । ତିନି ସିଦ୍ଧାନ୍ତକର୍ତ୍ତାଙ୍କ ସିଦ୍ଧାନ୍ତ ଅନୁସାରେ ଆଜି ଅନେକ ଲୋକ ବେଦକୁ ହିଁ ମୁଖ୍ୟ କହୁଛନ୍ତି । ମୁଖ୍ୟତଃ ତିନି ସିଦ୍ଧାନ୍ତକର୍ତ୍ତା ଜଣେ କେରଳି ବ୍ରାହ୍ମଣ, ଜଣେ ତାମିଲନାଡୁର ବ୍ରାହ୍ମଣ,

ଆଉଜଣେ କର୍ଣ୍ଣାଟକର ଉଡୁପିରୁ ଆସିଥିବା ବ୍ରାହ୍ମଣ ଥିଲେ, ସେମାନେ ତିନିଜଣ ବ୍ରାହ୍ମଣ ହୋଇଥିବାରୁ ଅଧିକାଂଶ ବ୍ରାହ୍ମଣ ସମାଜ ହିଁ ବେଦ ଅଭ୍ୟାସ କରିଛି । ପ୍ରଥମରୁ ବ୍ରାହ୍ମଣମାନେ ହିଁ ଚତୁର ଥିବାରୁ ଜ୍ଞାନ, ଧର୍ମ ସବୁ ବେଦରେ ରହିଛି ବୋଲି କହି ସମସ୍ତଙ୍କୁ ବେଦ ଦିଗରେ ଚଲାଇଛନ୍ତି । ଯିଏ ବେଦ ପଢିଛି ସେ ଜ୍ଞାନୀ ବୋଲି ପ୍ରଚାର ହୋଇଯାଇଛି । ଏହା ଦ୍ୱାରା ଜ୍ଞାନଜୀଜ୍ଞାସୁମାନେ ଆଜି ମଧ୍ୟ ବେଦ ଉପରେ ଆକର୍ଷିତ ହେଉଛନ୍ତି ।

ଆଜି ନୂଆ ଜନ୍ମ ହୋଇଛି ତ୍ରୈତସିଦ୍ଧାନ୍ତ । ତ୍ରୈତସିଦ୍ଧାନ୍ତ ବେଦ ସହିତ କୌଣସି ସମ୍ପର୍କ ନରଖି ବେଦରେ ହିଁ ଅଧର୍ମ ଅଛି ବୋଲି ଚିହ୍ନାଇ ଦେଉଛି । ତାଛଡା ଯଜ୍ଞ କରିବା ଅଧର୍ମ ଆଚରଣ ବୋଲି କହିବା ଦ୍ୱାରା, ତ୍ରେତାଯୁଗର ବ୍ରହ୍ମଜ୍ଞାନୀ ହୋଇଥିବା ରାବଣ (ରାବଣ ବ୍ରହ୍ମ) ଏହି ଅଧର୍ମ ବିନାଶ କରିବାକୁ ଚେଷ୍ଟା କରିଥିଲେ କହିବା ଦ୍ୱାରା, ଆଜି ବେଦପ୍ରିୟ ମାନଙ୍କ ଦେହ ତଳୁ ଉପର ପର୍ଯ୍ୟନ୍ତ ଜଳିଯାଉଛି, ସେଇ ତାତିରେ ସମସ୍ତେ ତ୍ରୈତ ସିଦ୍ଧାନ୍ତର ବ୍ୟତିରେକ ହୋଇଯାଇଛନ୍ତି । ଅନ୍ୟମାନଙ୍କୁ ମଧ୍ୟ ତ୍ରୈତ ସିଦ୍ଧାନ୍ତ ବିରୁଦ୍ଧରେ ମତାଉଛନ୍ତି । ତ୍ରୈତସିଦ୍ଧାନ୍ତ ହିନ୍ଦୁମତର (ହିନ୍ଦୁଧର୍ମର) ନୁହେଁ ବୋଲି ପ୍ରଚାର କରୁଛନ୍ତି । ଚତୁର ଲୋକମାନେ ଏଭଳି ପ୍ରଚାର କରୁଥିବା ସ୍ଥଳେ, ବିଚାରହୀନମାନେ ଟିକିଏ ମଧ୍ୟ ବିଚାର ନକରି ସେମାନଙ୍କ କଥା ଅନ୍ଧ ଭାବରେ ଶୁଣି ତ୍ରୈତ ସିଦ୍ଧାନ୍ତକୁ ନିନ୍ଦାକରୁଛନ୍ତି । କିଛିଲୋକ ପଛରୁ ଥାଇ ମତାଉଥିବା ବେଳେ, ଆଲୋଚନାହୀନ ସାଧାରଣ ପ୍ରଜାମାନେ ସବୁଠାରୁ ଉନ୍ନତ, ଅଦ୍ଭୁତ ତ୍ରୈତ ସିଦ୍ଧାନ୍ତକୁ ଗ୍ରହଣ ନକରି, ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଥିବା ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କୁ ଅବମାନନା କରିବା, ନିନ୍ଦାକରିବା ଆରମ୍ଭ କରିଦେଲେଣି । ହେଲେ ଯୋଗୀଶ୍ୱର ଏସବୁ ଅଧର୍ମୀମାନଙ୍କ କାର୍ଯ୍ୟ ବୋଲି ଗ୍ରହଣ କରି, ନିଜ କାର୍ଯ୍ୟରେ ଅବହେଳା କରିବା ଉଚିତ୍ ନୁହେଁ, କରୁଥିବା କାର୍ଯ୍ୟ ପ୍ରକୃତ ଦୈବକାର୍ଯ୍ୟ ଭାବି ବାସ୍ତବ ଦୈବଧର୍ମ ପ୍ରଚାର କରୁଛନ୍ତି ।

ଦ୍ୱାପର ଯୁଗରେ ଆଜି ଅପେକ୍ଷା ଅଧିକ ଭକ୍ତି ଭାବନାରେ ରହି ବହୁଳ ଭାବରେ ଯାଗଯଜ୍ଞ କରୁଥିଲେ । ସେହିଭଳି ଧ୍ୟାନ, ତପସ୍ୟା, ବେଦମନ୍ତ୍ର ଉଚ୍ଚାରଣ ଅଧିକ ହେଉଥିଲା । ସବୁଦିନ ଯଜ୍ଞ କରୁଥିବା ଲୋକେ କେତେକ ଥିବାବେଳେ, ନିତ୍ୟ ବେଦପାରାୟଣ କରୁଥିବା ଲୋକମାନେ ମଧ୍ୟ ଅନେକ ଥିଲେ । ସବୁଦିନ କାହାକୁ କିଛି ଦାନଦେବା କାର୍ଯ୍ୟ ମଧ୍ୟ କିଛିଲୋକ କରୁଥିବା ସ୍ଥଳେ, ସବୁଦିନ ସକାଳେ, ସଂଧ୍ୟାରେ ଧ୍ୟାନରେ ବସୁଥିବା ଲୋକମାନେ ଥିଲେ, ବର୍ଷକୁ ମାସେ କିମ୍ବା ଦୁଇମାସ ଏକକାଳୀନ ତପସ୍ୟା କରୁଥିବା ଲୋକମାନେ ମଧ୍ୟ ଥିଲେ । ବେଦ ପାରାୟଣ କରୁଥିବା ଲୋକମାନେ, ଯଜ୍ଞ କରୁଥିବା ଲୋକମାନେ, ତପସ୍ୟା କରୁଥିବା ଲୋକମାନେ, ଦାନ ଦେଉଥିବା ଲୋକମାନେ ସେକାଳରେ ହିଁ ସମାଜରେ ମହାଜ୍ଞାନୀ ଭାବରେ, ମହାନ ବ୍ୟକ୍ତି ଭାବରେ ପରିଗଣିତ ହେଉଥିଲେ, ସେହିମାନଙ୍କୁ ହିଁ ଧାର୍ମିକ କୁହାଯାଉଥିଲା । ଏହିଭଳି ପୂର୍ବ ଯୁଗରେ ହିଁ ସେମାନେ ଦୈବମାର୍ଗରେ ଥିବା ଲୋକ ଭାବରେ ପରିଗଣିତ ହୋଇଥିଲେ । ପ୍ରଜାମାନେ ମଧ୍ୟ ସେମାନଙ୍କୁ ମହାନ ଭାବିବା ଅଭ୍ୟାସରେ ପଡିଯାଇଥିଲେ । ସେ କାଳରେ ଦାନ, ତପସ୍ୟା, ଯଜ୍ଞ ଯେପରି ଥିଲେ ମଧ୍ୟ ବେଦର ନିର୍ଦ୍ଧିଷ୍ଟତା କିଛି ନଥିଲା । କେତେକ ଶୁଭକାର୍ଯ୍ୟରେ ସେମାନେ ମନ୍ତ୍ରର ବ୍ୟବହାର କରୁଥିଲେ ମଧ୍ୟ ତାହା ବେଦମନ୍ତ୍ର ନହୋଇ ଭିନ୍ନ ଥିଲା । ଦ୍ୱାପର ଯୁଗରେ ବ୍ୟାସମହର୍ଷି ଚାରି ବେଦକୁ ତିଆରି କଲେ । ବ୍ୟାସ ବେଦ ଲେଖିବା ପରେ କିଛିକାଳ ଉତ୍ତାରେ ୧୮ଖଣ୍ଡ ପୁରାଣ ମଧ୍ୟ ଲେଖିଲେ । ସେତେବେଳେ ବ୍ୟାସମହର୍ଷି ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଖୁବ୍ ଭଲକାର୍ଯ୍ୟ, ପ୍ରଜାମଙ୍ଗଳ କାର୍ଯ୍ୟ ବୋଲି ଭାବି ଉତ୍ସାହର ସହିତ ଚାରିବେଦ, ଅଷ୍ଟାଦଶ ପୁରାଣ ଲେଖିଥିଲେ । ଏଭଳି ବ୍ୟାସଙ୍କ ଦ୍ୱାରା ଲେଖାଯିବା ପରେ ବେଦ, ପୁରାଣକୁ ସମସ୍ତେ ପଢିବା ସୁଯୋଗ ପାଇଲେ । ବ୍ୟାସ ରଚିତ ବେଦ ବାହାରକୁ ଆସିବା ପରେ ବ୍ୟାସ କହିବା ଭଳି ବେଦମନ୍ତ୍ରକୁ ଉପଯୋଗ କରି

ଯଜ୍ଞଯାଗାଦି ବହୁଳ ଭାବରେ ହେବାକୁ ଲାଗିଲା । ବେଦପାରାୟଣ କରିବା ହିଁ ବାସ୍ତବିକ ଦୈବମାର୍ଗ, ବେଦର ରଚୟିତା ହିଁ ଭଗବାନ ବୋଲି ବ୍ୟାସଙ୍କୁ ଭଗବାନ ନାମରେ, ଭଗବାନ ବ୍ୟାସ କହିବାକୁ ଲାଗିଲେ । ପ୍ରଜାମାନଙ୍କ ଦ୍ୱାରା ନିଜର ଗୁଣଗାନରେ ବ୍ୟାସ ଅତି ସନ୍ତୋଷରେ କାଳ କାଟୁଥିଲେ । ବ୍ୟାସଙ୍କ ସମୟରେ ମହାନ ବୋଲାଉଥିବା କେତେକ ମହର୍ଷିମାନେ ମଧ୍ୟ ଯଜ୍ଞକାର୍ଯ୍ୟ କରିବାରେ, ବେଦପ୍ରଚାର କରିବାରେ ନିମଗ୍ନ ହୋଇଥିଲେ ।

ଏସବୁ ମାନବମାତ୍ର ହୋଇଥିବା ଆମକୁ ଭଲ ଦେଖାଯାଉଥିଲେ ମଧ୍ୟ ଦୈବଦୃଷ୍ଟିରେ ଧର୍ମରେ ବିପଦ ଆସିବା ଭଳି ହୋଇଥାଏ । ଧର୍ମ ଅଜଣା ରହି ତା ସ୍ଥାନରେ ଅଧର୍ମ ଆସିଥିବା ଭଳି ହୋଇଥାଏ । ଧର୍ମରେ ଗ୍ଳାନି ଆସିବା ଭଳି ହୋଇଥାଏ, ଅଧର୍ମ ବଳଶାଳୀ ହେବାଭଳି ହୋଇଥାଏ, ଏଥିରେ ଆଉ ସନ୍ଦେହର ସ୍ଥାନ ନାହିଁ, ଏହା କିଛିମାତ୍ର ଲୋକଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଥିଲେ ମଧ୍ୟ ନିରାଟ ସତ୍ୟ । ଯେତେବେଳେ ଧର୍ମରେ ବିପଦ ସୃଷ୍ଟିହୋଇ ଅଧର୍ମ ଅଭିବୃଦ୍ଧି ହୁଏ, ସେତେବେଳେ ମୁଁ ଅବତାର ଗ୍ରହଣକରି ପୁନଃ ଧର୍ମ ସଂସ୍ଥାପନା କରିଥାଏ ବୋଲି ଈଶ୍ୱର କହିବା ଭଳି, ଦ୍ୱାପର ଯୁଗରେ ଧର୍ମରେ ଏହି ବିପଦ ଯେତେବେଳେ ଆସିଲା, ସେତେବେଳେ ଈଶ୍ୱର ଭଗବାନ ହୋଇ ଜନ୍ମନେଇ ତାଙ୍କ ଧର୍ମ ଜଣାଇଥିଲେ । ଈଶ୍ୱରଙ୍କ ଧର୍ମ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାକୁ ଜଣାନଥାଏ, ତେଣୁ ଈଶ୍ୱର ହିଁ ମାନବ ରୂପରେ ଆସି ଭଗବଦ୍ଗୀତା ରୂପରେ ତାଙ୍କ ଧର୍ମ ଜଣାଇଥିଲେ । ଭଗବାନ ଶ୍ରୀକୃଷ୍ଣ ସେଦିନ ଜଣାଇଥିବା ଧର୍ମ ସବୁ ଲୋକବିରୁଦ୍ଧ ବୋଲି ଯଦି ଜଣାଇବେ, ସେହିଭଳି ଲୋକେ ଯେଉଁସବୁ ଅଭ୍ୟାସଗତ ଆଚରଣ କରୁଛନ୍ତି, ଯଦି ତାହାସବୁ ଅଧର୍ମ ବୋଲି କହିବେ, ତେବେ ତାଙ୍କ କଥାକୁ କେହି ହଜମ କରିପାରିବେ ନାହିଁ ବୋଲି, କେବଳ ତାଙ୍କର ଅନୁକୂଳିତ ହୋଇଥିବା ବ୍ୟକ୍ତି ଅର୍ଜୁନଙ୍କୁ ଜଣାଇଥିଲେ । ଏହିଭଳି ଜଣାଇଥିବା ଜ୍ଞାନ କିଛିଦିନ ପରେ ଅର୍ଜୁନଙ୍କ ଦ୍ୱାରା ବ୍ୟାସ ଶୁଣିପାରିଲେ । ବ୍ୟାସ ଥିଲେ

ଚତୁର ଏବଂ ସୂକ୍ଷ୍ମଗ୍ରାହୀ । ତେଣୁ ଅର୍ଜୁନଙ୍କଠାରୁ ଶୁଣିଥିବା ଜ୍ଞାନ ସମସ୍ତଙ୍କ ଭଳି ବିରୁଦ୍ଧ ନଭାବି, ଅତି ଚତୁରତାର ସହିତ ସେଥିରେ ଥିବା ସତ୍ୟକୁ, ଧର୍ମକୁ ଗ୍ରହଣ କରିପାରିଥିଲେ । ବ୍ୟାସ ଅର୍ଜୁନଙ୍କଠାରୁ ଶୁଣିଥିବା ବିଷୟ ନିଜ ଲେଖାର ବିରୁଦ୍ଧ ବୋଲି ଜାଣିପାରିଲେ, ତେଣୁ ଅର୍ଜୁନ ଯାହା କହିଛନ୍ତି ତାହା ନିରାଟ ସତ୍ୟ ଏବଂ ଦୈବଧର୍ମ ବୋଲି ଗ୍ରହଣ କରି ନିଜେ କରିଥିବା ତ୍ରୁଟିକୁ ନିଜ ଭିତରେ ସ୍ୱୀକାର କରିଥିଲେ । ବେଦ, ପୁରାଣ ଲେଖି ସେ ଯେଉଁ ଭୁଲ୍ କରିଛନ୍ତି ତାହା ଭୁଲ୍ ବୋଲି ସ୍ୱୀକାର କଲେ । ବିଶେଷ କଥା ହେଉଛି ଯୁଦ୍ଧ ସମୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିବା ଜ୍ଞାନ ବାସ୍ତବରେ ଅର୍ଜୁନଙ୍କର ଦରକାର ନାହିଁ ମୋର ଦରକାର ବୋଲି ବ୍ୟାସ ଭାବିଥିଲେ । ଶ୍ରୀକୃଷ୍ଣ ଅତି ଚତୁରତାର ସହିତ ତାଙ୍କୁ ଜଣାଇଥିବା ଜ୍ଞାନ ଅର୍ଜୁନଙ୍କ ଦ୍ୱାରା ଜଣାଇଛନ୍ତି ବୋଲି ଜାଣିଲେ । ରହସ୍ୟ ଜ୍ଞାନକୁ ଜାଣିବା ପରେ ନିଜର କର୍ତ୍ତୃତ୍ୱ ଅଧର୍ମ ଦିଗରେ ଚାଲିଯାଇଛି ଜାଣି ଦୁଃଖିତ ହୋଇଥିଲେ, ପ୍ରାୟଶ୍ଚିତ ପାଇଁ କଣ କରିବେ ବୋଲି ଚିନ୍ତାରେ ମଧ୍ୟ ପଡିଯାଇଥିଲେ ।

ଏହିଭଳି ନିଜର ଭୁଲ୍ ବୁଝିପାରିଥିବା ବ୍ୟାସମହର୍ଷି ମୁଁ କରିଥିବା ଭୁଲ୍ ପାଇଁ କଣ କଲେ କ୍ଷମା ମିଳିବ ବୋଲି ଚିନ୍ତାକଲେ । ଏହିଭଳି ଅନେକ ଚିନ୍ତା କରିବା ପରେ ତାଙ୍କ ମୁଣ୍ଡରେ ଏକ ବିଚାର ଆସିଲା । ସେତେବେଳେ ତାଙ୍କଠାରେ ଆସିଥିବା ବିଚାର ଅନୁସାରେ ନିଜେ ଯେଉଁ ଅଧର୍ମ ପ୍ରଚାର କରି ଅଜସ୍ର ପାପ କରିଛନ୍ତି, ସେହି ପାପର ପ୍ରାୟଶ୍ଚିତ ପାଇଁ ଶ୍ରୀକୃଷ୍ଣ କହିଥିବା ଧର୍ମକୁ ସ୍ୱୟଂ ପ୍ରଜାମାନଙ୍କୁ ଜଣାଇବେ ବୋଲି ଭାବିଲେ, ତାଙ୍କଠାରେ ଏହି ଭାବନା ଆସିବା ପରେ ଆଉ ଡେରି ନକରି ଅର୍ଜୁନଙ୍କଠାରୁ ଶୁଣିଥିବା ବିଷୟକୁ ଗ୍ରନ୍ଥରୂପ ଦେଇଥିଲେ । ବ୍ୟାସ ସେଦିନ ଲେଖିଥିବା ଗ୍ରନ୍ଥ ଆଜି ଆମେ ଦେଖୁଥିବା ଭଗବଦ୍ଗୀତା । ଭଗବଦ୍ଗୀତା ଲେଖିବା ଆଗରୁ, ଭଗବଦ୍ଗୀତାର ସମ୍ପୂର୍ଣ୍ଣ ବିରୁଦ୍ଧ ବେଦ, ପୁରାଣାଦି ଲେଖିଥିବା ବ୍ୟାସ ନିଜର ପାପ କାଟିବାକୁ ଭଗବଦ୍ଗୀତା ଲେଖିଥିଲେ । ଯେତେବେଳେ ବ୍ୟାସ ବଦଳି–

ଯିବା ପରେ ଭଗବାନଙ୍କ ବାଣୀ ଭଗବଦ୍ଗୀତାରେ ଲେଖିଥିଲେ ମଧ୍ୟ, ତାହା ଦେଖିବା ପରେ ଅଧର୍ମୀମାନେ ଯଜ୍ଞ, ବେଦ, ଧ୍ୟାନ, ଦାନାଦିକୁ ଛାଡି ନପାରି ବ୍ୟାସଙ୍କ ନିନ୍ଦା କରିବାକୁ ଲାଗିଲେ । ଆମେ ଯାହାସବୁ ଆଚରଣ କରୁଛୁ ତାହା ବାସ୍ତବରେ ଅଧର୍ମ, ଭଗବଦ୍ଗୀତାରେ ବ୍ୟାସ ଯାହାସବୁ ଲେଖିଛନ୍ତି ତାହା ବାସ୍ତବ ଧର୍ମ ବୋଲି ସେମାନେ ଜାଣି ପାରିଲେ ନାହିଁ । ବ୍ୟାସ ପାଗଳ ହୋଇଯାଇ ଏଭଳି ଲେଖିଛନ୍ତି ବୋଲି ମଧ୍ୟ ଭାବିଲେ । ଯାହା ସବୁ ଅତୀତରେ ବେଦ ପୁରାଣରେ ଲେଖିଥିଲେ ତାହା ଭଗବଦ୍ଗୀତାରେ ସମ୍ପୂର୍ଣ୍ଣ ବିରୁଦ୍ଧ ଲେଖାଯାଇଥିବାରୁ ବ୍ୟାସଙ୍କର ମତିଭ୍ରମ ହୋଇଯାଇଛି ବୋଲି ଭାବିଲେ ସିନା ବ୍ୟାସଙ୍କ ନିକଟରେ ନିଜ ଅଭିପ୍ରାୟକୁ କେହି ସାହସ କରି ଖୋଲି କହିପାରିଲେ ନାହିଁ ।

କିଛିକାଳ ପରେ ଯେତେବେଳେ ବ୍ୟାସଙ୍କର ମୃତ୍ୟୁହେଲା, ସେତେବେଳେ ବ୍ୟାସ ସଂସ୍କୃତଶ୍ଳୋକ ରୂପରେ ଲେଖିଥିବା ଭଗବଦ୍ଗୀତା ଭିତରେ ସେ ସମୟରେ ସଂସ୍କୃତ ଭାଷା ଜାଣିଥିବା ପଣ୍ଡିତମାନେ ଯଜ୍ଞ, ବେଦ ସମ୍ବନ୍ଧୀୟ ଶ୍ଳୋକଗୁଡିଏ ତିଆରିକରି ଗୀତାରେ ସୁଯୋଗ ଦେଖି, ଯେଉଁଠି ରଖିଲେ କାହାର ସନ୍ଦେହ ହେବ ନାହିଁ ସେହିଠାରେ ମିଶାଇଥିଲେ । ବ୍ୟାସ ଶ୍ରୀକୃଷ୍ଣ କହିଥିବା ପ୍ରକୃତ ଭଗବଦ୍ଗୀତା ଲେଖିଥିଲେ, ତାପରେ କିଛି ସ୍ୱାର୍ଥପର ଅଧର୍ମୀ ଲୋକମାନଙ୍କ ଦ୍ୱାରା କଳୁଷିତ ହୋଇଯାଇଥିଲା, ସେହି ଦିନରୁ ଗୀତାରେ ଧର୍ମ, ଅଧର୍ମ ଦୁଇ ପ୍ରକାରର ବାଣୀ ଥିବା ଭଳି ଦେଖାଗଲା । ଏହିଭଳି ହିନ୍ଦୁ ଧର୍ମ (ଇନ୍ଦୁଧର୍ମ) କେବେଠାରୁ ଭ୍ରଷ୍ଟ ହୋଇଯାଇଛି । ଧର୍ମ ଅଧର୍ମର ସମ୍ମେଳନ ହୋଇଥିବା ଭଗବଦ୍ଗୀତାକୁ ପଢିଥିବା ଲୋକମାନେ, ଦରକାରୀ ଅଧର୍ମକୁ ହିଁ ଗୀତାରୁ ଗ୍ରହଣ କରୁଛନ୍ତି, ଅର୍ଥାତ୍ ଅଧର୍ମ ଆଚରଣର ସପକ୍ଷରେ ଥିବା ଶ୍ଳୋକଗୁଡିକୁ ଗ୍ରହଣ କରୁଛନ୍ତି, ଧର୍ମକୁ ଛାଡିଦେଉଛନ୍ତି । ଭଗବାନ କହିଥିବା, ବ୍ୟାସ ଲେଖିଥିବା ଉଦ୍ଦେଶ୍ୟକୁ କେହି ଗ୍ରହଣ କରିପାରୁ ନାହାନ୍ତି । ବ୍ୟାସ ସ୍ୱୟଂ ଯଜ୍ଞ ବାବଦରେ, ବେଦ ବାବଦରେ ଲେଖିଥିବା

କାରଣରୁ, ଗୀତାରୁ କେବଳ ସେହି କଥାକୁ କିଛିଲୋକ ବୁଝିପାରିଛନ୍ତି । ବ୍ୟାସ ନିଜର ଦୋଷଦୁର୍ବଳତା ବୁଝି, ଅନେକ ଚିନ୍ତାରେ ପଡି ଶେଷରେ ନିଜର ପାପ ପରିହାର୍ଥେ ଭଗବଦ୍ଗୀତା ଲେଖିଥିଲେ ମଧ୍ୟ, ତାହା ଆସିବା ପରେ ଲୋକେ ତାହା ପଢି ମଧ୍ୟ, ନିଜ ନିଜ ଉଦ୍ଦେଶ୍ୟ ଅନୁଗୁଣ ରହିଛନ୍ତି ସିନା, ଭୁଲ୍ କେଉଁଠି ରହିଲା ଜାଣିପାରୁ ନାହାନ୍ତି । ବ୍ୟାସ ନିଜର ଭୁଲ୍ ବୁଝିଥିଲେ ମଧ୍ୟ, ଲୋକେ ନିଜର ଭୁଲ୍ ବୁଝିପାରୁ ନାହାନ୍ତି, ସେଦିନରୁ ଆଜିଯାଏ ମୁର୍ଖଙ୍କ ଭଳି ଆଚରଣ କରି ଆମେ ଯାହା ବୁଝୁଛୁ ତାହା ହିଁ ଧର୍ମ ବୋଲି ଭାବୁଛନ୍ତି ।

ଏହି ମଧ୍ୟକାଳୀନ ସମୟର ୨୦୦୦ ମସିହାରେ ଆମେ ତ୍ରୈତ ସିଦ୍ଧାନ୍ତକୁ ଉପଯୋଗ କରି ଭଗବଦ୍ଗୀତା ଲେଖିବାବେଳେ ବ୍ୟାସ ଲେଖିଥିବା ଶ୍ଲୋକଗୁଡିକର ଭାବାର୍ଥ ଲେଖି, ଅଧର୍ମୀମାନେ ଲେଖିଥିବା ଶ୍ଲୋକଗୁଡିକର ଭାବାର୍ଥକୁ ଛାଡିଦେଇଛୁ, ସେଗୁଡିକୁ କଳ୍ପିତ ଶ୍ଲୋକ ବୋଲି ଲେଖିଛୁ । ଆମେ ଏହିଭଳି କଳ୍ପିତ ଶ୍ଲୋକଗୁଡିକୁ ଚିହ୍ନି ବହିର୍ଗତ କରିବା ବିଷୟକୁ ଦେଖି କିଛିଲୋକ ଜୀର୍ଣ୍ଣ କରିପାରୁ ନାହାନ୍ତି । ଆମେ ହିନ୍ଦୁ ବେଶରେ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛୁ ବୋଲି କହୁଛନ୍ତି । ତ୍ରୈତ କହିଲେ ଖ୍ରୀଷ୍ଟମତର ତ୍ରୀତ୍ୱ କହି, ସେମାନେ ବେଶ ବଦଳାଇ ଖ୍ରୀଷ୍ଟମତର ପ୍ରଚାର କରୁଛନ୍ତି, ସେମାନଙ୍କ ପାଖକୁ ଯାଅ ନାହିଁ ବୋଲି ସାଧାରଣ ଲୋକମାନଙ୍କୁ ଆମ ବିରୁଦ୍ଧରେ କହୁଛନ୍ତି । ଏଇଭଳି କିଛି ଲୋକମାନଙ୍କ ଦ୍ୱାରା ଆମେ କିଛି ବିପଦର ସମ୍ମୁଖୀନ କରିଥିଲେ ମଧ୍ୟ, ତ୍ରୈତ ସିଦ୍ଧାନ୍ତ ଜ୍ଞାନ ଜାଣିବା ପରେ ଅନେକ ମେଧାବୀମାନେ ମଧ୍ୟ ଆସି ବ୍ୟାସଙ୍କ ଭଳି ନିଜର ଭୁଲ୍ ସ୍ୱୀକାର କରିବା ପୂର୍ବକ ଏହାଠାରୁ ବଳି ଜ୍ଞାନ ଆଉ କେଉଁଠାରେ ନାହିଁ ବୋଲି କହୁଛନ୍ତି । ସେମାନେ ସାଧାରଣ ଲୋକ ମଧ୍ୟ ନୁହନ୍ତି, ସେମାନେ ଏପର୍ଯ୍ୟନ୍ତ ବେଦ ପୁରାଣର ମହାନତାରେ ଜ୍ଞାନୀ ଭାବରେ ଗଣାଯାଉଥିବା ବଡ ବଡ ଲୋକମାନେ । ଆମେ ଏପର୍ଯ୍ୟନ୍ତ ଅଯଥା କାଳାତୀପାତ କରି ବିଭିନ୍ନ

ପ୍ରକାରର ଗ୍ରନ୍ଥ ପଢିଛୁ, ଅନେକଙ୍କ ବାଣୀ ଶୁଣିଛୁ, ସେସବୁ ଦ୍ୱାରା ଆମେ ନିଜକୁ ଜ୍ଞାନୀ ଭାବୁଥିଲୁ, କିନ୍ତୁ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ପଢିବା ପରେ ଆମେ ଯାହାସବୁ ଜାଣିଥିଲୁ ବାସ୍ତବରେ ତାହା ଜ୍ଞାନ ହିଁ ନଥିଲା କହି, ବିତାଇ ଦେଇଥିବା କାଳ ଅକାରଣରେ ବିତିଗଲା ବୋଲି ସେମାନେ ଦୁଃଖ ପ୍ରକାଶ କରୁଛନ୍ତି । ଜ୍ଞାନରେ ମହାନ ବୋଲାଉଥିବା ଲୋକମାନେ ମଧ୍ୟ ଆସି ଏହି ଜ୍ଞାନ ଆଗରେ ଠିଆହେବା ଭଳି ଆଉ କୌଣସି ଜ୍ଞାନ ନାହିଁ କହିବା ବିଷୟକୁ ଦେଖିଲେ, ମୁର୍ଖମାନେ ଆମକୁ ଦେଉଥିବା ଅନେକ ଦୁଃଖଯନ୍ତ୍ରଣା ଅପେକ୍ଷା, ଆମଠାରେ ବଢିଥିବା ଉତ୍ସାହକୁ ଦେଖି ଆମକୁ ବହୁତ ଖୁସି ଲାଗୁଛି । ଭଗବଦ୍ଗୀତାର ବାସ୍ତବ ଧର୍ମ ବାହାରକୁ ଆସିଲେ ସମାଜରେ ଥିବା ସେମାନଙ୍କର ମାନସମ୍ମାନ ତଳେ ପଡିଯିବ ବୋଲି ଡରୁଥିବା ଲୋକମାନେ ଆମକୁ କେତେ ଅସୁବିଧାରେ ପକାଇଲେ ମଧ୍ୟ, ଆମ ବିରୁଦ୍ଧରେ କେତେ ଲୋକଙ୍କୁ ମତାଇଲେ ମଧ୍ୟ ଆମେ ଭୟ କରିବୁ ନାହିଁ ।

ଜଣେ ଜନନ ମରଣ ଚକ୍ରରୁ ବହିର୍ଗତ ହୋଇ ଈଶ୍ୱରଙ୍କଠାରେ ଐକ୍ୟ ହେବାପାଇଁ ଅତୀତରୁ ଅର୍ଜନ କରିଥିବା ପାପପୁଣ୍ୟକୁ ନିଖୋଜ କରିବାକୁ ହେବ । ପାପପୁଣ୍ୟକୁ ନିଖୋଜ କରିବା ପାଇଁ ଦୁଇଟି ମାର୍ଗ ରହିଛି । ଗୋଟିଏ ମାର୍ଗ ହେଉଛି ଅନୁଭବ କରିବା, ଅନ୍ୟଟି ହେଉଛି ଜ୍ଞାନ ଜାଣିବା ଦ୍ୱାରା ତିଆରି ହେଉଥିବା ଜ୍ଞାନଗ୍ନିରେ କର୍ମକୁ ଦହନ କରିବା । ପ୍ରଥମ ମାର୍ଗ ଅନୁସାରେ କର୍ମକୁ ଅନୁଭବ କରି ନିଖୋଜ କରିପାରିବା ଅସମ୍ଭବ କାର୍ଯ୍ୟ । କାରଣ ! ଅନୁଭବ କରି ଥିବା କର୍ମକୁ ଶେଷ କରିବା ବେଳେ, ପୁଣି ନୂଆ କର୍ମ ଆସିଯାଉଥାଏ । ତେଣୁ ପାପପୁଣ୍ୟ ନାମକ ସେହି କର୍ମକୁ ଅନୁଭବ କରିଦେଲେ ତାହା ଶେଷ ହୋଇଯିବ ନାହିଁ ବୋଲି ଜଣାଯାଉଛି, କିନ୍ତୁ ଦ୍ୱିତୀୟ ମାର୍ଗ ଅନୁସାରେ ଦୈବଜ୍ଞାନକୁ ପ୍ରାପ୍ତହେବା ଦ୍ୱାରା, ମଣିଷଠାରେ ସୃଷ୍ଟି ହେଉଥିବା ଜ୍ଞାନାଗ୍ନିରେ କର୍ମକୁ ସମ୍ପୂର୍ଣ୍ଣ ଦହନ

କରିହେବ, ଏହା ସହଜମାର୍ଗ । ଏକଥା ଭଗବଦ୍ଗୀତାର ଜ୍ଞାନ ଯୋଗରେ ଥିବା ୩୭ତମ ଶ୍ଳୋକରେ କହିଛନ୍ତି ।

**ଶ୍ଳୋ ।। ଯଥୈଧାଂସି ସମିଧୋଗ୍ନିଃ ଭସ୍ମସାତ୍ କୁରୁତେର୍ଜୁନ !**
**ଜ୍ଞାନାଗ୍ନି ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ।।**

**ଭାବାର୍ଥ:-** ଯେପରି ଅଗ୍ନିରେ ସମୀଧ ଜଳିଯାଏ, ସେପରି ଜ୍ଞାନ ନାମକ ଅଗ୍ନିରେ ମଣିଷର ସମସ୍ତ କର୍ମ ଜଳିଯାଏ ।

ମଣିଷ ନିଜର କର୍ମକୁ ଜଳାଇବାକୁ ହେଲେ ଜ୍ଞାନକୁ ଧର୍ମଯୁକ୍ତ ଭାବରେ ଜାଣିବାକୁ ହେବ, ସେତେବେଳେ ଜ୍ଞାନରୁ ମିଳୁଥିବା ଜ୍ଞାନାଗ୍ନି ଦ୍ୱାରା ଜନ୍ମ ରହିତ ହୋଇ ମୁକ୍ତି ପାଇପାରିବ । କର୍ମରହିତ ହେବାପାଇଁ ଦରକାରୀ ଜ୍ଞାନ ଭଗବଦ୍ଗୀତାରେ ଧର୍ମଯୁକ୍ତ ଭାବେ ଜଣାଇଦିଆଯାଇଛି, ସେହି ବିଷୟକୁ ଆମେ ଏଠାରେ ବୋଧ କରୁଛୁ । ପ୍ରତି ମଣିଷ ମୁକ୍ତି, ମୋକ୍ଷ, ପରମପଦ, ପରଲୋକ କୁହାଯାଉଥିବା ପରମାତ୍ମାଙ୍କ ଠାରେ ଐକ୍ୟ ହେବାପାଇଁ ଆବଶ୍ୟକୀୟ ଜ୍ଞାନ ଭଗବଦ୍ଗୀତାରେ କୁହାଯାଇଛି । ତେଣୁ ସମସ୍ତେ ଗୀତା ପଢନ୍ତୁ କହିବା ସହିତ, ଭଗବଦ୍ଗୀତାର ବିଷୟକୁ ସମସ୍ତେ ସହଜରେ ବୁଝିପାରିବା ପାଇଁ ଗୀତାଜ୍ଞାନକୁ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ନାମରେ ଲେଖିଛୁ । ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ୨୦୦୦ ମସିହାରେ ଛପା ହୋଇଥିଲା । ସେତେବେଳେ ଅନେକଙ୍କୁ ଭଗବଦ୍ଗୀତା ଆମେ ମାଗଣାରେ ବାଣ୍ଟିଥିଲୁ । ମୁଁ ଛୋଟବେଳେ ଗୋରଣ୍ଟା ହାଇସ୍କୁଲ୍‌ରେ ସପ୍ତମ କି ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ, ଆମ ପାଖ ଗାଆଁର ଜଣେ ବ୍ରାହ୍ମଣ ଘରର ପୁଅ ଆସି ମୁଁ ପଢୁଥିବା ଶ୍ରେଣୀରେ ପାଠପଢୁଥିଲା । ସେ ୨୦୦୦ ମସିହା ବେଳକୁ ହାଇଦ୍ରାବାଦ୍‌ରେ ଜଣେ ପୋଲିସ୍ ଅଫିସର ଭାବରେ ଚାକିରି କରୁଛି ଜାଣି, ତାକୁ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ଦେଇଥିଲୁ । ସପ୍ତାହଟିଏ ବିତିଗଲା ପରେ, ଭଗବଦ୍ଗୀତା ଦେବାବେଳେ ମୋ ସହିତ ଯେଉଁ

ବ୍ୟକ୍ତି ଜଣକ ଥିଲେ ସେ ତାଙ୍କୁ ଆମ ଭଗବଦ୍ଗୀତା ବାବଦରେ କହିବାକୁ ଯାଇ, "ଏଥିରେ ତ୍ରୈତ ସିଦ୍ଧାନ୍ତ ନାଆଁ ଲେଖାଯାଇଛି, ବୋଧହୁଏ ଖ୍ରୀଷ୍ଟଧର୍ମର, ତୁ ପଢିବୁ ନାହିଁ" ବୋଲି କହିଥିଲା । ସେଦିନ ମୋ ସହିତ ଥିବା ବ୍ୟକ୍ତି ଜଣକ ତାର ସହକର୍ମୀ ପୋଲିସ୍ ଥିଲେ, ସେହି ପରିଚୟରେ ସେ ଆମ ଭଗବଦ୍ଗୀତା ବାବଦରେ କହିଥିଲା ।

ମୁଁ ବ୍ରାହ୍ମଣ ନୁହେଁ ଅନ୍ୟକୁଳର ବୋଲି ସେ ପୋଲିସ୍ ଅଫିସରକୁ ଜଣାଥିଲା । ତାଠାରେ କେବଳ ବ୍ରାହ୍ମଣ ହିଁ ଜ୍ଞାନ କହିବା ଉଚିତ୍, ଅନ୍ୟମାନେ କହିବା ଉଚିତ୍ ନୁହେଁ ବୋଲି ଘୃଣ୍ୟଭାବ ରହିବା କାରଣରୁ, ସେ ଏଭଳି କଥା କହିଥିଲା । ମୋର ସିଦ୍ଧାନ୍ତ ତ୍ରୈତ ସିଦ୍ଧାନ୍ତ ହୋଇଥିବାରୁ ତ୍ରୈତ ସିଦ୍ଧାନ୍ତ ନାଆଁ ଶୁଣୁ ଶୁଣୁ ତାହା ଖ୍ରୀଷ୍ଟିଆନ ମାନଙ୍କର ବୋଲି କହି, ଏସବୁ ଖ୍ରୀଷ୍ଟମତ ପ୍ରଚାର ବୋଲି ଆମ ବିରୁଦ୍ଧରେ ନିନ୍ଦା କରିଥିଲା । ୨୦୧୦ରେ ଆମ ରଚନାର ଆଉ ଏକ ଗ୍ରନ୍ଥ **"ପ୍ରେତ ଭୂତଙ୍କ ଯଥାର୍ଥ ସଂଘଟନା"** ମୁଦ୍ରଣ ହେଲା । ତାହା ଆମ ରଚନାର ୨୫ତମ ଗ୍ରନ୍ଥ ଥିଲା । ସେହି ଗ୍ରନ୍ଥରେ ତାଙ୍କ ଗାଆଁ ପାଖରେ ଥିବା ଗୋରଣ୍ଟା ନାମକ ଗ୍ରାମର ଏକ ଘଟିଥିବା ସତ୍ୟ ଘଟଣା ରହିଥିବାରୁ, ସେ ଗ୍ରନ୍ଥକୁ ମଧ୍ୟ ସେ ପୋଲିସ୍ ଅଫିସରକୁ ପଢିବା ପାଇଁ ଦେଇଥିଲୁ । ସେତେବେଳେ ସେ ପୋଲିସ୍ ବିଭାଗର ଏକ ଉନ୍ନତ ପଦବୀ ହୋଇଥିବା ଡି. ଜି. ପି ଥିଲା । ତାକୁ ଯେତେବେଳେ **"ପ୍ରେତ ଭୂତଙ୍କ ଯଥାର୍ଥ ସଂଘଟନା"** ଦେଲୁ, ସେତେବେଳେ ସେ ଗ୍ରନ୍ଥଟି ଦେଉଥିବା ଆମ ଲୋକକୁ ତୁମ ସ୍ୱାମୀଜୀ ଲେଖିଥିବା ଗ୍ରନ୍ଥ ମୁଁ ପଢିବି ନାହିଁ ବୋଲି କହିଥିଲା । ଆହୁରି କହିଥିଲା ଯେ, "ତମ ସ୍ୱାମୀଜୀକୁ ସଂସ୍କୃତ ହିଁ ଜଣା ନାହିଁ, ସଂସ୍କୃତ ଜଣାନଥିବା ଲୋକ ପୁସ୍ତକ ଲେଖିବା ଉଚିତ୍ ନୁହେଁ, ଏଇଭଳି ଯିଏ ଯାହା ଲେଖି ହିନ୍ଦୁମତକୁ ଛାରଖାର କରିଦେଲେଣି, ଯାହା ଇଚ୍ଛାରେ ଯିଏ ସ୍ୱାମୀଜୀ ହେଇଗଲେଣି, ଇଚ୍ଛା ଅନୁସାରେ ବହି ଲେଖି ପକାଉଛନ୍ତି, ଏକଥା ଯଦି ମୁସ୍ଲିମ୍ ସମାଜରେ ହୁଅନ୍ତା ତେବେ ସେମାନେ

ସୋନଙ୍କ ଉପରେ ଫତ୍ୱା ଜାରିକରି ବନ୍ଦ କରିଦିଅନ୍ତେ" । ମୁଁ ବ୍ରାହ୍ମଣ ନୁହେଁ, ସେଥିଲାଗି ଜ୍ଞାନ ଜାଣିଥିବା ବ୍ୟକ୍ତି ଭାବରେ ପରିଗଣିତ ହେବା ଉଚିତ ନୁହେଁ ବୋଲି ତାର ଭାବନାକୁ ଜାଣିପାରିଲି । ଜଣେ ବଡ ପଦବୀରେ ଥିବା ବ୍ୟକ୍ତି ଏଭଳି କଥାବାର୍ତ୍ତା କରିବା ଦ୍ୱାରା ତାଠାରେ ଆମ ପ୍ରତି ଥିବା ଘୃଣ୍ୟ ଭାବ କେତେ ତାହା ସ୍ପଷ୍ଟ ହେଉଛି । ସଦ୍‌ବ୍ରାହ୍ମଣ ଭାବରେ ଥିବା କିଛି ଲୋକଙ୍କଠାରେ ଏଭଳି ଘୃଣ୍ୟଭାବ ନାହିଁ ବୋଲି ମଧ୍ୟ ଆମେ ଜାଣିଛୁ, କିନ୍ତୁ କିଛି ଖଳ ବ୍ରାହ୍ମଣମାନେ, ଅନ୍ୟମାନେ ଜ୍ଞାନ କହିବା ଅନୁଚିତ୍, ସ୍ୱାମୀଜୀ ଭାବରେ ପରିଗଣିତ ହେବା ଅନୁଚିତ୍ ନାମକ ଭାବ ନେଇ ବ୍ରାହ୍ମଣେତର ଲୋକଙ୍କୁ ଘୃଣା କରୁଛନ୍ତି । ଅନେକ ସନ୍ଦର୍ଭରେ ସେମାନଙ୍କ କାରଣରୁ ଦୈବଜ୍ଞାନରେ ଅସୁବିଧା ସୃଷ୍ଟି ହେଉଛି । ଏହିଭଳି କିଛି ଖରାପ ବ୍ରାହ୍ମଣମାନେ ବିଶ୍ୱ ହିନ୍ଦୁ ପରିଷଦ ଭଳି କେତୋଟି ହିନ୍ଦୁ ସଂସ୍ଥାରେ ରହିବା ଦ୍ୱାରା ହିନ୍ଦୁମତ କ୍ଷୀଣ ଦଶାକୁ ଗତିକରୁଛି, ସେମାନେ ଆମ ଭଳି ଲୋକମାନଙ୍କ ଉପରେ ଅଯଥା ଦୋଷାରୋପ କରୁଛନ୍ତି । ଏହିଭଳି ମତକୁ ମଝିରେ ରଖି ଆମ ନାମରେ ଖରାପ ପ୍ରଚାର କରି, କିଛି ଜାଣିନଥିବା ଲୋକମାନଙ୍କୁ ଆମ ବିରୁଦ୍ଧରେ ମତାଇ, ଆମକୁ ମାଡ ମାରିବାପାଇଁ ପଠାଉଛନ୍ତି । ଟିକିଏ ମଧ୍ୟ ଜ୍ଞାନ ଜାଣିନଥିବା ଲୋକମାନେ ହିନ୍ଦୁମତକୁ ସିଦ୍ଧ କରିବା ପୂର୍ବକ ସିଦ୍ଧାନ୍ତ ପ୍ରତିପାଦନ କରିଥିବା ସିଦ୍ଧାନ୍ତକର୍ତ୍ତାଙ୍କୁ ଯଦି ଏଭଳି ହଇରାଣ କରନ୍ତି ତେବେ ହିନ୍ଦୁମତ (ହିନ୍ଦୁଧର୍ମ) କିପରି ସୁଧୁରିବ ? ହିନ୍ଦୁ ମତରେ ଆଜି ବଞ୍ଚି ରହିଥିବା ସିଦ୍ଧାନ୍ତକର୍ତ୍ତା କେବଳ ମୁଁ ଅଛି । ହିନ୍ଦୁମାନଙ୍କ ଧର୍ମ ବାବଦରେ, ଅଧର୍ମ ବାବଦରେ କହିବା କର୍ତ୍ତବ୍ୟ ଆମର ଥିବାବେଳେ, ଆତ୍ମଜ୍ଞାନ ଜାଣିନଥିବା ଲୋକେ ଆମକୁ ନିନ୍ଦା କରିବା କେତେଦୂର ଠିକ୍ ? ବୋଲି ପଚାରୁଛୁ ।

ସଂସ୍କୃତ ଶିଖିନଥିବା ଲୋକେ କିପରି ସ୍ୱାମୀଜୀ ହେବେ ବୋଲି କହୁଥିବା ଲୋକମାନଙ୍କୁ ଆମେ କହିବାକୁ ଥିବା କଥା ହେଉଛି ! ଜଣେ ମଣିଷର ଭାବକୁ ଜଣାଇଥାଏ ଭାଷା । ଯେଉଁ ଦିଗରୁ ଦେଖିଲେ ବି ଭାବର

ମୂଲ୍ୟ ଥାଏ ସିନା ଭାଷାର ନଥାଏ । ଭାବକୁ ଯାହା ବ୍ୟକ୍ତ କରିପାରେ ନାହିଁ ତାହା ଭାଷା ନୁହେଁ । ଭାବ ଭିତରେ ଭଲଭାବ, ମନ୍ଦଭାବ ରହିପାରେ, କିନ୍ତୁ ଭାଷାରେ ଭଲ, ମନ୍ଦ ନଥାଏ । ଭାଷା ଭିତରେ ଅକ୍ଷର ସଂଖ୍ୟାରେ ଅଧିକ ଅକ୍ଷର ଥିବା ଭାଷା ହେଉଛି ତେଲୁଗୁ ଭାଷା । ତେଣୁ ଅନେକ ଲୋକ ଭାଷାରେ ତେଲୁଗୁ ଭାଷା ଉନ୍ନତ ବୋଲି କହିଛନ୍ତି ସିନା, ସଂସ୍କୃତକୁ କହିନାହାନ୍ତି । ଯିଏ ଯାହା ଭାଷାକୁ ମହାନ କହନ୍ତି । ଭାଷା ମୁଖ୍ୟ ନୁହେଁ ଭାବ ମୁଖ୍ୟ ! ତେଣୁ ସଂସ୍କୃତ ଭାଷାକୁ କାହିଁକି ମହାନ କହୁଛନ୍ତି ? ସଂସ୍କୃତ ଭାଷା ସହିତ ଦୈବଜ୍ଞାନର ସମ୍ପର୍କ ରହିଛି ବୋଲି କେଉଁଠି ତ ଦେଖାଯାଉ ନାହିଁ । ସଂସ୍କୃତ ମଧ୍ୟ ଏକ ଲିପିହୀନ ଭାଷା । ଆମ ଦେଶର କର୍ଣ୍ଣାଟକରେ ଥିବା କେତେକ ଅଞ୍ଚଳରେ ସଂସ୍କୃତ ଭାଷା କହୁଥିବା ଲୋକେ ଅନେକ ଅଛନ୍ତି, ସେମାନେ ସେମାନଙ୍କ ଘରେ ସଂସ୍କୃତ ଭାଷାରେ କଥାହୁଅନ୍ତି, ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି ବୋଲି କଣ ସେମାନଙ୍କୁ ଜ୍ଞାନୀ କହିବା ! ନାଇଁନା ! ସେମାନେ ସାଧାରଣ ଜୀବନ ନିର୍ବାହ କରନ୍ତି, ଜ୍ଞାନୀ ନୁହନ୍ତି ! କେତେକ ସେମାନଙ୍କ ଠାରେ ଥିବା ଘୃଣ୍ୟ ଭାବରେ ଆମଛଡା ସମାଜରେ ଆଉ କେହି ପୂଜ୍ୟ ରହିବା ଉଚିତ୍ ନୁହେଁ ବୋଲି ଭାବୁଛନ୍ତି । ଏମିତି କେବଳ ହିନ୍ଦୁମତରେ ନିଜ ନିଜ ଭିତରେ ଘୃଣ୍ୟ ଭାବ ଅଧିକ ରହିବା ଦ୍ୱାରା, ସେମାନଙ୍କ ଠାରେ ଜାତିଆଣ ଭାବ ରହିବା ଦ୍ୱାରା, ଆମେ ଅଲଗା, ତୁମେ ଅଲଗା ନାମକ ଜାତିଆଣ ଭାବରେ ପ୍ରଭାବିତ ହେଉଥିବା ସାଧାରଣ ପ୍ରଜାମାନେ ହିନ୍ଦୁ ମତରୁ ବାହାରି ଅନ୍ୟମତକୁ ପଳାଉଛନ୍ତି । ଏହିଭଳି ବ୍ରାହ୍ମଣମାନଙ୍କ ଭିତରେ ଘୃଣ୍ୟ ଭାବ ରହିବା ଦ୍ୱାରା ହିନ୍ଦୁମତ କେବେ ସୁଧୁରି ପାରିବ ନାହିଁ ।

ବ୍ରାହ୍ମଣମାନଙ୍କ ଭିତରେ ବ୍ରହ୍ମଜ୍ଞାନ ଜଣାଥିବା, ବ୍ରହ୍ମଜ୍ଞାନ ଜଣା ନଥିବା ବ୍ରାହ୍ମଣମାନେ ଏଭଳି ଦୁଇପ୍ରକାର ବ୍ରାହ୍ମଣମାନେ ଥାଆନ୍ତି । ବ୍ରହ୍ମଜ୍ଞାନ ଜଣାଥିବା ବ୍ରାହ୍ମଣମାନେ ଖୁବ୍ କମ୍ ଥାଆନ୍ତି, ଜଣା ନଥିବା ବ୍ରାହ୍ମଣମାନେ

ଅଧିକ ଥାଆନ୍ତି । ବ୍ରହ୍ମଜ୍ଞାନ ଉପରେ ଆଶକ୍ତି, ଭକ୍ତି ଥିବା କିଛି ସଦ୍ ବ୍ରାହ୍ମଣମାନେ ଆମ ବାଣୀକୁ ପବିତ୍ରତାର ସହିତ ଶୁଣି, ପଢି ଅନେକ ଜ୍ଞାନ ଉପାର୍ଜନ କରିପାରିଛନ୍ତି । ସେମାନେ ବ୍ୟାସଙ୍କ ଭଳି ବଦଳିଯାଇ, ବ୍ୟାସ କୃଷ୍ଣଙ୍କ ଜ୍ଞାନକୁ ମହାନ ବୋଲି ଗ୍ରହଣ କରିବା ଭଳି, ସେମାନେ ମଧ୍ୟ ବେଦ, ଯଜ୍ଞ ଅଧର୍ମ ବୋଲି ଜାଣି, ଆମେ କହୁଥିବା ଜ୍ଞାନକୁ ଆଶ୍ରୟ କରି, ଆମକୁ ଅତି ପୂଜ୍ୟ ଦୃଷ୍ଟିରେ ଦେଖୁଛନ୍ତି । ଏଭଳି ବ୍ରାହ୍ମଣମାନଙ୍କ ଭିତରେ ସଭ୍ୟ, ଉଦାର, ଜୀଜ୍ଞାସୁ, ସଦାଚର, ଜ୍ଞାନବନ୍ତ ବ୍ରାହ୍ମଣମାନେ ଥିବାବେଳେ, ମନ୍ଦ ବ୍ରାହ୍ମଣମାନେ ମଧ୍ୟ ଆମଠାରୁ ଆଉ କେହି ବଡ ନାହିଁ ବୋଲି ଭାବନା ନେଇ ରହିଛନ୍ତି । ନିନ୍ଦୁକ, ହିଂସୁକ, ପରଶ୍ରୀକାତର ବ୍ରାହ୍ମଣମାନେ କରୁଥିବା ଆଚରଣ ଅନୁସାରେ ଘୋର ପାପାର୍ଜନ କରିଥାନ୍ତି । ଦୈବଜ୍ଞାନକୁ ନିନ୍ଦାକରି ଆଜିଯାଏଁ ଅନେକ ପାପ ସଞ୍ଚୟ କଲେଣି । ମାତ୍ର ଶହେବର୍ଷ ତଳକୁ ଯାଇ ଦେଖିଲେ ସେଦିନ ବ୍ରାହ୍ମଣମାନେ ଖୁବ୍ ସୁନ୍ଦର ଜୀବନ ବିତାଉଥିଲେ । ଜମି ସବୁ ସେମାନଙ୍କ ନାମରେ ଥିଲା । ଆଜି ସେମାନଙ୍କ ପାଖରେ ସୁଖ ନାହିଁ, କି ଭୁସମ୍ପତ୍ତି ମଧ୍ୟ ନାହିଁ । ଅନେକ ବ୍ରାହ୍ମଣ ଆଜି ଗରିବ ହୋଇଛନ୍ତି, ସେମାନେ ଆଜି ଏହି ପରିସ୍ଥିତିରେ ରହିବାର କାରଣ ଏଭଳି ଐଶ୍ୱରୀୟ ବିଷୟକୁ, ଜ୍ଞାନକୁ ନିଶ୍ଚୟ ନିନ୍ଦା କରିବା ହୋଇପାରେ । ଈଶ୍ୱରଙ୍କ ବିଷୟରେ କୁତନ୍ତ୍ର କରୁଥିବା, ନାନା ନିନ୍ଦା ଦେଇ କହୁଥିବା, ଘୃଣା କରୁଥିବା ଲୋକମାନେ ନିଶ୍ଚୟ ଅଧୋଗତି ହେବେ ।

ସାରା ବିଶ୍ୱ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଛି, ତେଣୁ ସେ ସର୍ବସ୍ୱର ସୃଷ୍ଟିକର୍ତ୍ତା । ସୃଷ୍ଟ୍ୟାଦିରୁ ଭୂପୃଷ୍ଠରେ ହିନ୍ଦୁଧର୍ମ (ଇନ୍ଦୁଧର୍ମ) ହିଁ ରହିଥିଲା । ସୃଷ୍ଟ୍ୟାଦିରେ ହିଁ ଈଶ୍ୱର ମଣିଷକୁ ଇନ୍ଦୁଧର୍ମ ଜଣାଇଥିଲେ । ଜଗତ ଜନ୍ମହୋଇ ଅନେକ କାଳ ବିତିଗଲାଣି । କାଳକ୍ରମେ ଜଗତରେ ଅନେକ ପରିବର୍ତ୍ତନ ମଧ୍ୟ ଆସିଛି, ଶେଷରେ ଈଶ୍ୱର କହିଥିବା ଧର୍ମକୁ ମଧ୍ୟ ମଣିଷ ବଦଳାଇ ଦେଇଛି । ସୃଷ୍ଟ୍ୟାଦିରେ ଐଶ୍ୱରୀୟ ଜ୍ଞାନକୁ ସୂଚିତ କରୁଥିବା ‘ଇନ୍ଦୁ’ ଶବ୍ଦ,

ଆଜି କୌଣସି ଅର୍ଥ ନଥିବା 'ହିନ୍ଦୁ' ଶବ୍ଦ ହୋଇଯାଇଛି । ଧର୍ମକୁ, ଧର୍ମର ନାମକୁ ବାଦଲାଇବା ସହିତ ମାର୍ଗକୁ ସୂଚିତ କରୁଥିବା "ପଥ" ମଧ୍ୟ ନାନା ନାମର ଧର୍ମରେ ବା ମତରେ ବଦଳିଯାଇଛି । ଏହିଭଳି ମଣିଷ ଧର୍ମକୁ, ଧର୍ମର ନାମକୁ ବଦଳାଇ ଶେଷରେ ପଥକୁ ବଦଳାଇ ଦେଇଥିଲେ ମଧ୍ୟ ଈଶ୍ୱର ସେହିଭଳି ଅପରିବର୍ତ୍ତନୀୟ ରହିଛନ୍ତି । ସେହିଭଳି ସେ ସୃଷ୍ଟି କରିଥିବା ମଣିଷ ସେହିଭଳି ଅଛି । ମଣିଷ ଆଜି କୌଣସି ମତରେ ରହିଲେ ମଧ୍ୟ ତାର ସେହି ଭୋକ ଶୋଷ ରହିଛି । ଜନ୍ମ, ମରଣ ବଦଳି ନାହିଁ । ମଣିଷ ସୃଷ୍ଟ୍ୟାଦିରେ ଯେମିତି ଥିଲା ସେମିତି ଅଛି । ଏଭଳି ମଣିଷର କିଛି ପରିବର୍ତ୍ତନ ନଥିବା ବେଳେ, ସେ ମତ ନାମକ ନୂଆ ନାଆଁ କାହିଁକି ଦେଇଛି ? ବୋଲି ପ୍ରଶ୍ନକଲେ ମଣିଷ ତାର ଅଜ୍ଞାନତାରୁ ଏଭଳି କରିଛି ବୋଲି ଜଣାଯାଉଛି ।

ମଣିଷ ତାର ଅଜ୍ଞାନତାକୁ ଛାଡି ଯଦି ଜ୍ଞାନ ଦୃଷ୍ଟିରେ ଦେଖନ୍ତା ତେବେ କୌଣସି ମତାବଲମ୍ବୀ ହେଉ, କୌଣସି ଜାତିର ହେଉ, କୌଣସି ଦେଶର ହେଉ ସମସ୍ତଙ୍କ ପାଇଁ ଈଶ୍ୱର ଜଣେ ଅଛନ୍ତି, ସେ ଜଣାଇଥିବା ଜ୍ଞାନ ମଧ୍ୟ ଗୋଟିଏ ବୋଲି ଜାଣିପାରନ୍ତା । ଗୋଟିଏ ମଣିଷ ଉପରେ ଈଶ୍ୱରଙ୍କର ଯେତିକି ଅଧିକାର ଅଛି, ଈଶ୍ୱରଙ୍କ ଉପରେ ମଧ୍ୟ ସେତିକି ଅଧିକାର ଜଣେ ମଣିଷର ଅଛି । ଈଶ୍ୱରଙ୍କ ଦୃଷ୍ଟିରେ ମଣିଷର କୌଣସି ମତ ନାହିଁ କି ଜାତି ନାହିଁ । ତେଣୁ ପ୍ରତ୍ୟେକ ଜାତିର, ପ୍ରତ୍ୟେକ ମତର ଈଶ୍ୱର ଜଣେ, ସେହିଭଳି ତାଙ୍କୁ ଚିହ୍ନିବା ଧର୍ମ ମଧ୍ୟ ଗୋଟିଏ । ସେଥିଲାଗି କହିପାରିବା ଯେ, ପ୍ରତ୍ୟେକ ମତର ମୂଳ ଗ୍ରନ୍ଥରେ ଯିଏ ଅଛନ୍ତି ସେ ହିଁ ଏକୈକ ଈଶ୍ୱର । ପ୍ରତ୍ୟେକ ଗ୍ରନ୍ଥରେ ଥିବା ଜ୍ଞାନ ଗୋଟିଏ, ସମସ୍ତଙ୍କର ଧର୍ମ ଗୋଟିଏ । ଈଶ୍ୱରଙ୍କୁ ଅଜଣା ରହି କିଛି ବି ହୁଏ ନାହିଁ । ମଣିଷ ଅଜ୍ଞାନରେ ନାନା ମତ ସୃଷ୍ଟି କରିଥିଲେ ମଧ୍ୟ, ତାଙ୍କ ଜ୍ଞାନ, ଧର୍ମ ଗୋଟିଏ ହୋଇଥିବାରୁ ସେ କାହାକୁ କୌଣସି ମତ ଭିତରେ ହିଁ ଚିହ୍ନା ଦେଇଥାନ୍ତି,

ସେଥିଲାଗି ସେମାନଙ୍କୁ ସେମାନଙ୍କ ମତ ଭିତରେ ଗୋଟିଏ ଗୋଟିଏ ଗ୍ରନ୍ଥ ଦେଇଛନ୍ତି । ଈଶ୍ୱର ଗୋଟିଏ, ମଣିଷ ଜାତି ଗୋଟିଏ, ଈଶ୍ୱରଙ୍କ ଜ୍ଞାନ ମଧ୍ୟ ଗୋଟିଏ ହୋଇଥିବା ବେଳେ, କୌଣସି ଗୋଟିଏ ମତରେ ଥିବା ଜ୍ଞାନକୁ ଗ୍ରହଣ କରିପାରିଲେ, ତାହା ଅନ୍ୟ ମତରୁ ମଧ୍ୟ ଗ୍ରହଣ କରିବା ଭଳି ହୋଇଥାଏ । ଜ୍ଞାନ ଦୃଷ୍ଟିରେ ନଦେଖି ଅଜ୍ଞାନ ଦୃଷ୍ଟିରେ ଦେଖିଲେ ମତ ଅଲଗା, ଆରାଧ୍ୟ ମଧ୍ୟ ଅଲଗା ଅଲଗା ଜଣାପଡିଥାନ୍ତି । ଜ୍ଞାନ ଦୃଷ୍ଟି ନଥିବା କୌଣସି ମତର ଲୋକ ଗ୍ରନ୍ଥର ଜ୍ଞାନକୁ ଗ୍ରହଣ କରିପାରେ ନାହିଁ କି ଈଶ୍ୱରଙ୍କୁ ପାଇପାରେ ନାହିଁ । ଜ୍ଞାନ ଦୃଷ୍ଟି ଥିବା କୌଣସି ମତର ଲୋକ ତା ମତରେ ଥିବା ଦୈବଗ୍ରନ୍ଥକୁ ପଢି ଦୈବଧର୍ମ ଜାଣିବା ଦ୍ୱାରା, ଅନ୍ୟ ମତରେ ଥିବା ଦୈବଗ୍ରନ୍ଥର ଜ୍ଞାନକୁ, ଧର୍ମକୁ ସହଜରେ ଜାଣିପାରେ ।

ଇନ୍ଦୁଧର୍ମରେ ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ନାମ ପାଇଥିବା ମୁଁ ଭଗବଦ୍ଗୀତା ପଢିଥିଲି, ତାପରେ କୋରାନ, ତାପରେ ବାଇବେଲ ମଧ୍ୟ ପଢିଥିଲି । ଭଗବଦ୍ଗୀତାରେ ଜନ୍ମ ମରଣ ରହିଛି ବୋଲି କୁହାଯାଇଛି, କିନ୍ତୁ ମୁସ୍ଲିମ୍‌ମାନେ ମରଣ ଅଛି ସିନା ଜନ୍ମ ନାହିଁ ବୋଲି କହୁଛନ୍ତି । କୋରାନ ଗ୍ରନ୍ଥରେ ଭଗବଦ୍ଗୀତାରେ ଥିବା ଧର୍ମକୁ ଲେଖିବା ସହିତ ଜନ୍ମ, ମରଣ ବାବଦରେ ମଧ୍ୟ ଲେଖାଯାଇଛି । ଏକଥା ବାଇବେଲରେ ମଧ୍ୟ ଅଛି । ତିନି ଗ୍ରନ୍ଥରେ ଗୋଟିଏ ଜ୍ଞାନ ଥିବାବେଳେ ଗୋଟିଏ ମତରେ ଅଛି, ଆଉ ଗୋଟିଏ ମତରେ ନାହିଁ କହୁଛନ୍ତି । ଏହା ଦେଖିବା ପରେ ସେମାନେ ଜ୍ଞାନ ଦୃଷ୍ଟିରେ ନଦେଖିବା ଦ୍ୱାରା, ଅଜ୍ଞାନତାରେ ସେମାନେ ବୁଝିବା ଭୁଲ୍ କରିଛନ୍ତି, ରହିଥିବା ସତ୍ୟକୁ ଗ୍ରହଣ କରିପାରି ନାହାନ୍ତି, ତେଣୁ ଏଭଳି ବିପରୀତ କଥା କହୁଛନ୍ତି ବୋଲି ବୁଝିପାରିଲି । ଉଦାହରଣ ସ୍ୱରୂପ ଜଣେ ଏଲ୍. କେ. ଜି ବିଦ୍ୟାର୍ଥୀ ଘରେ ବସି ଇଂରାଜୀ ଅଭ୍ୟାସ କରୁଛି ବୋଲି ଭାବନ୍ତୁ । "ହ୍ୱାଟ୍ ଆର ୟୁ" ନାମକ ପ୍ରଶ୍ନ ପାଖରେ "ଆଇ ଆମ୍ କୁକର" ବୋଲି ଲେଖାଯାଇଛି । ତାହା ସେ ମନେ ରଖିବା ପାଇଁ

ବାରମ୍ବାର ପଢୁଥିବା ବେଳେ, ଆଇ ଆମ୍ କୁକର ବାକ୍ୟଟିକୁ ଶୁଣି, ମୋ ପୁଅ ମୋର ମାଆକୁ ବାରମ୍ବାର କୁକୁର କହୁଛି ବୋଲି ବୁଝି, ରୋଷେଇଘରୁ ତାର ମା ରାଗିଯାଇ କହିଲେ । ତୋ ମୁଣ୍ଡ ଖରାପ ହୋଇଗଲାଣି ନା କଣ ? କାହିଁକି ଆଇକୁ ବାରମ୍ବାର କୁକୁର କହୁଛୁ ? ସେତେବେଳେ ପୁଅ ତାର ମାଆଙ୍କୁ ବୁଝାଇଥିଲା ଯେ, ମାଆ ମୁଁ ଆଇଙ୍କୁ କାହିଁକି କୁକୁର କହିବି ? ମୁଁ ଜଣେ ରୋଷେଇଆ ବୋଲି ଇଂରାଜୀରେ ଏଭଳି କହନ୍ତି । ସେତେବେଳେ ତାର ମାଆ ଠିକ୍ କଥାଟି ବୁଝିପାରିଥିଲେ । ଏଠାରେ ପଢୁଥିବା ବିଦ୍ୟାର୍ଥୀର ଉଦ୍ଦେଶ୍ୟ ଗୋଟିଏ ପ୍ରକାରର ହୋଇଥିବା ବେଳେ, ଶୁଣୁଥିବା ମାଆଙ୍କର ଭାବ ଆଉ ଗୋଟିଏ ପ୍ରକାରର ! ସେହିଭଳି ଗୋଟିଏ ଜ୍ଞାନ ଅଲଗା ଅଲଗା ଗ୍ରନ୍ଥରେ ଥିଲେ ମଧ୍ୟ, ଅବଗତ ହେବାରେ ଗୋଟିଏ ଗୋଟିଏ ରାସ୍ତା ହୋଇ, ଗୋଟିଏ ଜ୍ଞାନର ଭାବକୁ ଅଲଗା ଅଲଗା କହୁଛନ୍ତି । ମୁଁ ତିନି ମତରେ ଥିବା ମୂଳ ଗ୍ରନ୍ଥଗୁଡିକୁ ପଢିଛି । ବାଇବେଲ, କୋରାନରେ ମଧ୍ୟ ଭଗବଦ୍ଗୀତାରେ ଥିବା ଭାବ ରହିଛି, ସେହି ଗ୍ରନ୍ଥ ଦୁଇଟିକୁ ମୁଁ ଯେପରି ବୁଝି ପାରିଲି ସେପରି ସେମାନଙ୍କ ମତରେ ଜ୍ଞାନୀ ବୋଲାଉଥିବା ଲୋକମାନେ ମଧ୍ୟ ବୁଝିନାହାନ୍ତି । ସବୁଧର୍ମ ଗୋଟିଏ ହୋଇଥିବାରୁ ସେ ଦୁଇ ଗ୍ରନ୍ଥ ମୋତେ ବୁଝିବାରେ ସହଜ ହୋଇଥିଲା । ସେମାନଙ୍କ ଗ୍ରନ୍ଥରୁ ମୁଁ ଯଦି କୌଣସି ପ୍ରଶ୍ନ ପଚାରୁଛି ତେବେ ସେମାନଙ୍କୁ ତାହା ସଠିକ ବୁଝାପଡି ନଥିବାରୁ ମୋ ପ୍ରଶ୍ନର ଉତ୍ତର ସେମାନେ ଦେଇପାରୁ ନାହାନ୍ତି । ସମସ୍ତଙ୍କର ଜ୍ଞାନ ଗୋଟିଏ ବୋଲି ଜାଣି ନପାରିବା ଦ୍ୱାରା, ସେମାନେ ଅନେକ ସନ୍ଦର୍ଭରେ ଗ୍ରନ୍ଥର ପ୍ରକୃତ ଭାବ ଛାଡି ଅଲଗା ଭାବକୁ ପ୍ରଚାର କରୁଛନ୍ତି ।

ଭୂପୃଷ୍ଠରେ ମଣିଷ ଜାତି, ମତ (ଧର୍ମ)ରେ ବିଭାଜିତ ହୋଇ, ଜାତି, ମତ ଭିନ୍ନତା ଭିତରେ କାଳ କାଟି, ପ୍ରତି ମତପାଇଁ ଈଶ୍ୱରଙ୍କୁ ମଧ୍ୟ ଅଲଗା କରି, ଜାତି ଜାତିପାଇଁ ନିୟମ ଅଲଗା କରି, ଅଲଗା ଅଲଗା ଆରାଧ୍ୟ ମାନଙ୍କୁ ଆଶ୍ରୟକରି, ଅଲଗା ଅଲଗା ଆରାଧନା କଲେ କିଛି

ଲାଭ ନାହିଁ । କୌଣସି ମତର ଲୋକେ ହୁଅନ୍ତୁ ଯଦି ସମସ୍ତଙ୍କର ଆରାଧ୍ୟ ଜଣେ ହୋଇଥିବା ଈଶ୍ୱରଙ୍କୁ ଆଶ୍ରୟ କରିବେ, ତାଙ୍କରି ସାର୍ବଜନୀନ ଧର୍ମ ଅନୁସାରେ ଜୀବନ ବଞ୍ଚିବେ ସେତେବେଳେ ମୁକ୍ତି ମାର୍ଗରେ ରହି ମୁକ୍ତି ପାଇପାରିବେ । ଈଶ୍ୱରଙ୍କୁ ଜାଣିବା ପାଇଁ ଆବଶ୍ୟକୀୟ ଧର୍ମକୁ ଈଶ୍ୱର ଅନେକ ଥର ଜଣାଇଥିଲେ ମଧ୍ୟ, ଦ୍ୱାପର ଯୁଗରେ ଈଶ୍ୱର ମଣିଷ ବେଶରେ ଭଗବାନ ଶ୍ରୀକୃଷ୍ଣ ହୋଇ ଆସି ଧର୍ମ ଜଣାଇଥିଲେ ବୋଲି ମୋତେ ଆଧାର ମିଳିଯାଇଛି । ସେତେବେଳେ ଶ୍ରୀକୃଷ୍ଣ ଯାହାସବୁ କହିଥିଲେ ତାହାକୁ ବ୍ୟାସ ଭଗବଦ୍ଗୀତା ନାମରେ ଲେଖି ଆମକୁ ଦେଇଛନ୍ତି । ଭଗବଦ୍ଗୀତା ସାତଶହ ଶ୍ଳୋକ ବିଶିଷ୍ଟ ହେଲେ ମଧ୍ୟ, ସେଥିରେ ଅନେକ ଜ୍ଞାନ ବିଷୟ ଥିଲେ ମଧ୍ୟ, ଧର୍ମାଧର୍ମ ବିଷୟ ଆଲୋଚନା କଲେ ମୁଖ୍ୟତଃ ତିନିଗୋଟି ଧର୍ମ, ଚାରିଗୋଟି ଅଧର୍ମକୁ ସେ ଜଣାଇଛନ୍ତି ବୋଲି ଦେଖାଯାଉଛି । ଏଇଠାରେ ଏପର୍ଯ୍ୟନ୍ତ ଅନେକ ପଣ୍ଡିତମାନେ ଭଗବଦ୍ଗୀତା ପଢି ମଧ୍ୟ ଯାହା କହିପାରି ନାହାନ୍ତି ତାହା ଆପଣ କିପରି କହୁଛନ୍ତି ? ବୋଲି କିଛିଲୋକ ପଚାରି ପାରନ୍ତି । ତାହାର ସମାଧାନ ନିମ୍ନମତେ ଦେଖନ୍ତୁ !

ପାଣିରେ ରହୁଥିବା କୁମ୍ଭୀରର ଜିଭ ନଥାଏ । ସେ ତାର ଆହାର ହୋଇଥିବା ମାଂସ ଯେତେ ଖାଇଲେ ମଧ୍ୟ ତାକୁ ସେଥିରୁ ସୁଆଦ ମିଳେ ନାହିଁ । କୁମ୍ଭୀର ଯାହା ଖାଏ ତାହା ତାର ପେଟପୂରିବା ପାଇଁ ଖାଏ ସିନା, ଆହାରର ରୁଚି ସେ ଜାଣିପାରେ ନାହିଁ । ଜିଭ ନଥିବା କୁମ୍ଭୀର ଭଳି କେତେକ ଲୋକ ଗ୍ରନ୍ଥ ଅନେକ ଥର ପଢିଲେ ମଧ୍ୟ ସେଥିରୁ ସେମାନଙ୍କୁ ଟିକିଏ ତୃପ୍ତି ମିଳିଥାଏ ସିନା, ଲେଖାଥିବା ସାରକୁ ସେମାନେ ଗ୍ରହଣ କରିପାରନ୍ତି ନାହିଁ । ସେହିଭଳି ଭଗବଦ୍ଗୀତାର ରୁଚି ହିନ୍ଦୁମାନଙ୍କୁ, ବାଇବେଲର ରୁଚି ଖ୍ରୀଷ୍ଟିୟମାନଙ୍କୁ, କୋରାନର ରୁଚି ମୁସ୍ଲିମମାନଙ୍କୁ ଜଣା ନାହିଁ । ସେଥିଲାଗି ସେଥିରେ ଥିବା ଧର୍ମ ଅଧର୍ମକୁ ସେମାନେ ଜାଣିପାରି ନାହାନ୍ତି । ମଣିଷ ସମାଜରେ ଜିଭ ନଥିବା କୁମ୍ଭୀର ଭଳି କିଛିଲୋକ ରହିବା

ବ୍ୟତୀତ ଜିଭ ଥିବା ବେଙ୍ଗ ଭଳି ମଧ୍ୟ କିଛିଲୋକ ଥାଆନ୍ତି । ବେଙ୍ଗ ତାର ଜିଭରେ ଗୋଟିଏ ଗଜ ଦୂରକୁ ପୋକ, ମାଛି ଇତ୍ୟାଦିଙ୍କୁ ଖୁବ୍ ଶୀଘ୍ର ଭିଡିନେଇ ଉଦରସାତ୍ କରିଥାଏ । ବେଙ୍ଗର ମୁଖ ଭିତରୁ ଜିଭ ବାହାରକୁ ଗଜେ (ଏକଫୁଟ) ଦୂର ପର୍ଯ୍ୟନ୍ତ ଲମ୍ବି ପୋକ, ମାଛି ଇତ୍ୟାଦି ତାର ଆହାରକୁ ଛୁଇଁଥାଏ । ସେତେବେଳେ ବେଙ୍ଗ ଜିଭରେ ଥିବା ଅଠା ତାର ଆହାରରେ ଲାଗିଯାଏ । ଅଠାରେ ଆହାର ଲାଗିଯିବା ପରେ ବେଙ୍ଗ ତାର ଜିଭକୁ ଫେରାଇ ନେବା ବେଳେ ତାହା ବେଙ୍ଗର ମୁଖ ଭିତରକୁ ଚାଲିଯାଏ । ବେଙ୍ଗର ଏହି କ୍ରିୟାକୁ କେହି ଦେଖି ମଧ୍ୟ ସହଜରେ ଜାଣି ପାରନ୍ତି ନାହିଁ, କାରଣ ! ଆଖିପିଛୁଳାକେ ଏହି କାର୍ଯ୍ୟ ହୋଇଯାଇଥାଏ । ବେଙ୍ଗ ତାର ଜିଭକୁ ଆହାର ଗ୍ରହଣ କରିବାକୁ ଉପଯୋଗ କରିଥାଏ, କିନ୍ତୁ ସେହି ଜିଭରେ ସେ ଆହାରର ରୁଚି ରଖିପାରେ ନାହିଁ । କୁମ୍ଭୀର ଯେଭଳି ଆହାରକୁ ନଚୋବାଇ ସିଧା ଗିଳିଦିଏ, ବେଙ୍ଗ ସେହିପରି ଗିଳିଦିଏ । କୁମ୍ଭୀର ଯେପରି ରୁଚି ରଖିପାରେ ନାହିଁ, ବେଙ୍ଗ ମଧ୍ୟ ସେହିପରି ରୁଚି ରଖିପାରେ ନାହିଁ । ଆହାର ପାଖକୁ ନଯିବା ପର୍ଯ୍ୟନ୍ତ କୁମ୍ଭୀର ଆହାରକୁ ଧରିପାରେ ନାହିଁ । କିନ୍ତୁ ବେଙ୍ଗ ନିଜଠାରୁ ଦଶଗୁଣ ଦୂରରେ ଥାଇ ରହିଥିବା ଆହାରକୁ ଖୁବ୍ ବେଗରେ ଧରିପାରେ । ଏହିପରି ବେଙ୍ଗଭଳି ଫୁର୍ତ୍ତିମନ ଥିବା ଲୋକମାନେ ଅଧିକ ସ୍ମୃତିବାନ ହୋଇ, ଥରେ ଯେଉଁ ବିଷୟକୁ ପଢିଥାନ୍ତି ତାହାସବୁ ମନେ ରଖି କହିପାରନ୍ତି । ହେଲେ ଅତି ଫୁର୍ତ୍ତିଜିଭ ଥିବା ବେଙ୍ଗ ଯେମିତି ରୁଚି ରଖିପାରେ ନାହିଁ, ସେମିତି ଫୁର୍ତ୍ତିମନ ଥିବା ଲୋକମାନେ କୌଣସି ପୁସ୍ତକର ଜ୍ଞାନକୁ କହିପାରିଲେ ମଧ୍ୟ, ଜ୍ଞାନରେ ଥିବା ସୂକ୍ଷ୍ମ ଧର୍ମ କ'ଣ ସେମାନଙ୍କୁ ଜଣା ନଥାଏ ।

ରୋଷେଇଆକୁ ରାନ୍ଧୁଥିବା ସବୁ ତରକାରୀର ସ୍ୱାଦ ଜଣାଥାଏ । ତାକୁ ଖାଇବାକୁ ନଦେଇ ମଧ୍ୟ ପଚାରିଲେ ଅମୁକ ତରକାରୀର ସ୍ୱାଦ ଏଭଳି ଥିବ ବୋଲି କହିପାରେ । ରୋଷେଇଆ ପଲାଉ, ଡାଲମା, ତରକାରୀ, ଖଟା

ଇତ୍ୟାଦିର ରୁଚି ବାବଦରେ ନଚାଖି ମଧ୍ୟ କହିପାରିବା ଭଳି, ତିନି ମତ ଭିତରେ ଥିବା କିଛିଲୋକ ଗ୍ରନ୍ଥରେ କେଉଁ ଧର୍ମ ଅଛି କହିପାରନ୍ତି । ଥରେ ରାନ୍ଧିଥିବା ତରକାରୀର ରୁଚି ବାବଦରେ ରୋଷେଇଆ ଜାଣିପାରୁଥିବା ଭଳି, ଗ୍ରନ୍ଥକୁ ଥରେ ପଢି ମଧ୍ୟ ସେଥିରେ ଥିବା ଧର୍ମ କିଛିଲୋକ ଜାଣିପାରିଥାନ୍ତି । ସେହିଭଳି ସମାଜରେ କୁମ୍ଭୀର, ବେଙ୍ଗ, ରୋଷେଇଆ ଭଳି ତିନି ପ୍ରକାରର ଗ୍ରାହ୍ୟଶକ୍ତି ଥିବା ଲୋକମାନେ ବାସକରନ୍ତି । କୁମ୍ଭୀରକୁ, ବେଙ୍ଗକୁ ଖାଉଥିବା ଆହାରର ସ୍ୱାଦ ଜଣାନଥିବା ଭଳି, ରୋଷେଇଆ ନଚାଖିଲେ ମଧ୍ୟ ସ୍ୱାଦ ବାବଦରେ ଜାଣୁଥିବା ଭଳି, ମୂଳ ଗ୍ରନ୍ଥଗୁଡିକର ଧର୍ମକୁ ଗ୍ରହଣ କରିପାରୁ ନଥିବା ଲୋକମାନେ, ଗ୍ରହଣ କରିପାରୁଥିବା ଲୋକମାନେ ରହିଥାନ୍ତି ।

ଜ୍ଞାନୀ ଭାବରେ ପରିଗଣିତ ହେଉଥିବା ଅନେକ ଲୋକ ଭୂପୃଷ୍ଠରେ ଅଛନ୍ତି । କିଛି ଲୋକଙ୍କଠାରେ ଖୁବ୍ ସ୍ମୃତିଶକ୍ତି ରହିଥାଏ,ସେମାନେ ସବୁ ଗ୍ରନ୍ଥର ବିଷୟଗୁଡିକୁ ପଢି, ପରେ କେଉଁ ଫର୍ଦ୍ଦରେ କଣ ଅଛି କହିପାରନ୍ତି । କିଛିଲୋକ  ଆଚରଣକୁ ପ୍ରାଧାନ୍ୟ ଦେଇ ଦିନକୁ ଅନେକ ଥର ଆରାଧନା କରିଥାନ୍ତି । ଈଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିବା ଲୋକମାନେ ମଧ୍ୟ ଥାଆନ୍ତି । କେତେକ ଈଶ୍ୱରଙ୍କ ପ୍ରେମରେ ପଡି ତାଙ୍କଛଡା ଆଉ କେହି ନାହିଁ ବୋଲି କେବଳ ଈଶ୍ୱରଙ୍କ ଆରାଧନା କରିଥାନ୍ତି । ଏଭଳି ସମାଜରେ ଈଶ୍ୱରଙ୍କ ପାଇଁ ବ୍ୟାକୁଳ ହେଉଥିବା ଲୋକମାନେ ଥିଲେ ମଧ୍ୟ, ଈଶ୍ୱର କିପରି, କେଉଁଠି ଥାଆନ୍ତି, କଣ କରନ୍ତି କାହାକୁ ଜଣାନଥାଏ । ଗୋଟିଏ ବାକ୍ୟରେ କହିବାକୁ ଗଲେ ବଞ୍ଚିଥିବା କୌଣସି ଲୋକ ଆଜିଯାଏଁ ଈଶ୍ୱରଙ୍କୁ ଜାଣିପାରି ନାହିଁ ବୋଲି କହିପାରିବା । ଈଶ୍ୱରଙ୍କୁ ଯିଏ ଥରେ ଜାଣିଯାଏ ସେ ଆଉ ଶରୀରରେ ନଥାଏ, ତାର ଆଉ ଜନ୍ମ ହୋଇନଥାଏ, ତାର ମୋକ୍ଷ ବା ମୁକ୍ତି ହୋଇଯାଇଥାଏ । ତେଣୁ ସଜୀବ ଥିବା କେହି ମଧ୍ୟ ଈଶ୍ୱରଙ୍କୁ ଦେଖି ନାହିଁ ବୋଲି କହିପାରିବା । ମଣିଷ ବଞ୍ଚିଥିବା ବେଳେ ଈଶ୍ୱରଙ୍କ ଧର୍ମକୁ ଜାଣି ପାରିବ ସିନା ଈଶ୍ୱରଙ୍କୁ ଜାଣି ପାରିବ ନାହିଁ । ପ୍ରଥମେ ଈଶ୍ୱରଙ୍କ ଧର୍ମ

ବା ଦୈବଧର୍ମକୁ ଜାଣିଯିବା ପରେ, ସେହି ଧର୍ମର ଆଧାରରେ ଈଶ୍ୱରଙ୍କୁ ଜାଣିପାରିବ । ଈଶ୍ୱରଙ୍କ ଧର୍ମ ଜାଣିବାକୁ ହେଲେ ମଣିଷ କହୁଥିବା ଜ୍ଞାନର ଆଶ୍ରୟ ନକରି, ଈଶ୍ୱର କହିଥିବା ଜ୍ଞାନକୁ ଆଶ୍ରୟ କରିବା ଉଚିତ୍ । ଈଶ୍ୱର ଯେତେବେଳେ ଜ୍ଞାନ କହିଲେ ମଧ୍ୟ ମଣିଷ ଶରୀର ଦ୍ୱାରା କହିଥାନ୍ତି । ତେଣୁ ମଣିଷ ଜ୍ଞାନ କଅଣ ? ଈଶ୍ୱର କହିଥିବା ଜ୍ଞାନ କଅଣ ? ବୋଲି ସନ୍ଦେହ ରହିଯାଏ । ଏହା ଏକ ବଡ ସନ୍ଦେହ ହେଲେ ମଧ୍ୟ ଏହାର ସମାଧାନ ସହଜ ସୁଲଭ ଭାବରେ ରହିଛି । ତାହା ହେଉଛି !

ମଣିଷ କେତେବେଳେ କେଉଁଠି ମଧ୍ୟ ଜ୍ଞାନ କହିବାବେଳେ ଅଧର୍ମକୁ ହିଁ କହିଦେଇଥାଏ । କିନ୍ତୁ ଈଶ୍ୱର କେତେବେଳେ କେଉଁଠି ମଧ୍ୟ ଭଗବାନ ରୂପରେ ଯେଉଁ ଜ୍ଞାନ କହିଥାନ୍ତି ତାହା ଧର୍ମ ହୋଇଥାଏ । ଧର୍ମ ଭୌତିକ ଜଗତର ଅନୁକୂଳ ନଥାଏ, ଅଧର୍ମ ଅନୁକୂଳିତ ଭାବରେ ରହିଥାଏ । ଏହି ସୂତ୍ର ଅନୁସାରେ କିଏ ସାଧାରଣ ମଣିଷ, କିଏ ଅସାଧାରଣ ମଣିଷ ବା ଭଗବାନ ସହଜରେ ଜାଣିପାରିବା । ଏହି ସୂତ୍ର ଅନୁସାରେ ଭଗବଦ୍ଗୀତା କହିଥିବା ପାତ୍ର ସାଧାରଣ ମଣିଷ ନୁହେଁ, ଅସାଧାରଣ ହୋଇଥିବା ଭଗବାନ କହିଛନ୍ତି ବୋଲି ଜଣାଯାଉଛି । ଭଗବାଦଗୀତାରେ କଣ ଧର୍ମ, କଣ ଅଧର୍ମ ସ୍ପଷ୍ଟ ଭାବରେ କୁହାଯାଇଛି । କର୍ମଯୋଗ, ବ୍ରହ୍ମଯୋଗ, ଭକ୍ତିଯୋଗ ନାମକ ତିନି ଧର୍ମ ଭଗବଦ୍ଗୀତାରେ କୁହାଯାଇଛି । ସେହିଭଳି ଯଜ୍ଞ, ବେଦ, ଦାନ, ତପସ୍ୟା ଅଧର୍ମ ବୋଲି କୁହାଯାଇଛି । ଅଧର୍ମ ହୋଇଥିବା ଯଜ୍ଞ, ବେଦ ପାଠ, ଦାନ, ତପସ୍ୟା ଦ୍ୱାରା ଈଶ୍ୱରଙ୍କୁ ଜଣାଯାଇ ପାରେ ନାହିଁ ବୋଲି ସ୍ପଷ୍ଟ କୁହାଯାଇଛି । ଈଶ୍ୱରଙ୍କୁ ଜାଣିବାପାଇଁ ହେଲେ ପ୍ରଥମେ ମଣିଷର ଥିବା ସମସ୍ତ କର୍ମ ଦହନ ହେବା ଆବଶ୍ୟକ । କର୍ମଦହନ ଧର୍ମ ବା କର୍ମଯୋଗ, ବ୍ରହ୍ମଯୋଗ, ଭକ୍ତିଯୋଗ ଦ୍ୱାରା ସାଧ୍ୟ ହୋଇଥାଏ । ଏକଥା ଶୁଣୁ ଶୁଣୁ କେତେକ ମାତ୍ର ତିନିଗୋଟି ଧର୍ମ ଅଛି ବୋଲି ଆଶ୍ଚର୍ଯ୍ୟ ହୋଇ, ଧର୍ମ ତ ଅନେକ ଅଛି ! ବୋଲି ଭାବିପାରନ୍ତି, ତାଛଡା ଯାହାକୁ ଜ୍ଞାନୀମାନେ

ଆଚରଣରେ ରଖିଛନ୍ତି ଅର୍ଥାତ୍ ବେଦ ପଠନ, ଯଜ୍ଞାଚରଣ, ଦାନ, ତପସ୍ୟା ଇତ୍ୟାଦିକୁ ଆପଣ ଅଧର୍ମ କହିବା ଅତି ବାଧାକର ବିଷୟ ବୋଲି ଭାବି ପାରନ୍ତି, ଏଭଳି କେତେକ ପଚାରିଛନ୍ତି ମଧ୍ୟ । ତେଣୁ ସେମାନଙ୍କ ପ୍ରଶ୍ନର ସମାଧାନ ହେଉଛି ! ଆମେ କାହା ଉପରେ କେଉଁ ରାଗଦ୍ୱେଷ ନେଇ ଏଭଳି କହୁ ନାହୁଁ । ଏକଥା ଭଗବଦ୍ଗୀତାରେ ସ୍ୱୟଂ ଶ୍ରୀକୃଷ୍ଣ ଭଗବାନ କହିଛନ୍ତି ! ଏକଥା ମନେ ରଖିବା ଉଚିତ୍ ।

ଐଶ୍ୱରୀୟ ବିଷୟକୁ ଦୃଷ୍ଟିଦେଇ ବାହ୍ୟ ଦୁନିଆର ମଣିଷକୁ ତିନି ଭାଗରେ ବିଭକ୍ତ କରି ପାରିବା । ଗୋଟିଏ ପ୍ରକାରର ମଣିଷ ହେଉଛନ୍ତି ଆସ୍ତିକ, ଦ୍ୱିତୀୟ ପ୍ରକାରର ମଣିଷ ହେଉଛନ୍ତି ନାସ୍ତିକ, ତୃତୀୟ ପ୍ରକାରର ମଣିଷ ହେଉଛନ୍ତି ହେତୁବାଦୀ । ନାସ୍ତିକମାନେ ଈଶ୍ୱର ନାହାନ୍ତି ବୋଲି କହିଥାନ୍ତି, ତେଣୁ ଧାର୍ମିକ ନୁହନ୍ତି କି ଅଧର୍ମୀ ନୁହନ୍ତି । ଧର୍ମ ଅଧର୍ମ ସହିତ କୌଣସି ସମ୍ପର୍କ ନରଖି ସେମାନେ ରହିଥାନ୍ତି, ସେମାନଙ୍କ ସଂଖ୍ୟା ମଧ୍ୟ ଖୁବ୍ କମ୍ । କିନ୍ତୁ ଆସ୍ତିକମାନେ ଶତକଡା ୯୦ଭାଗ ରହିଥାନ୍ତି । ଆମ ଅନୁମାନରେ ନାସ୍ତିକମାନେ କେବଳ ଦୁଇ ପ୍ରତିଶତ ଥିବାବେଳେ, ହେତୁବାଦୀମାନେ ଆଠ ପ୍ରତିଶତ ଥାଇପାରନ୍ତି । ଏଭଳି ନାସ୍ତିକ ଆଉ ହେତୁବାଦୀମାନେ ମିଶି ୧୦ ପ୍ରତିଶତ ଥିବାବେଳେ, ଆସ୍ତିକମାନେ ୯୦ ପ୍ରତିଶତ ରହି ଈଶ୍ୱରଙ୍କ ଉପରେ କୌଣସି ଏକ ବିଶ୍ୱାସ ରଖିଥାନ୍ତି । ଈଶ୍ୱର ନାହାନ୍ତି କହୁଥିବା ନାସ୍ତିକମାନେ ଥିବାବେଳେ, ଈଶ୍ୱର ଅଛନ୍ତି କହିଥାନ୍ତି ଆସ୍ତିକମାନେ, ଈଶ୍ୱର କିପରି ଥାଆନ୍ତି ବୋଲି ପ୍ରଶ୍ନ କରିଥାନ୍ତି ହେତୁବାଦୀମାନେ । ହେତୁବାଦୀମାନେ ଈଶ୍ୱର ଅଛନ୍ତି କହୁଥିବା ଲୋକମାନଙ୍କ କଥା ସମର୍ଥନ କରନ୍ତି ନାହିଁ, ଈଶ୍ୱର ନାହାନ୍ତି କହୁଥିବା ଲୋକମାନଙ୍କ କଥାକୁ ସମର୍ଥନ କରନ୍ତି, ଈଶ୍ୱର ଅଛନ୍ତି କହୁଥିବା ଆସ୍ତିକମାନଙ୍କୁ ଈଶ୍ୱର କିପରି ଅଛନ୍ତି ବୋଲି ପ୍ରଶ୍ନ କରନ୍ତି, ନାସ୍ତିକମାନଙ୍କୁ କିପରି ଈଶ୍ୱର ନାହାନ୍ତି ବୋଲି ମଧ୍ୟ ପ୍ରଶ୍ନ କରନ୍ତି । ଯାହାକିଛି ବି ହେଉ ହେତୁବଦ୍ଧତାର ସହିତ ଜାଣିବାକୁ ଇଚ୍ଛା

କରୁଥିବା ଲୋକମାନଙ୍କୁ ହିଁ ହେତୁବାଦୀ କୁହାଯାଏ । ହେତୁ କହିଲେ କାରଣ । ଈଶ୍ୱର ଅଛନ୍ତି କହିଲେ ସେ କେଉଁ କାରଣ ନେଇ ଅଛନ୍ତି ବୋଲି ପଚାରନ୍ତି ହେତୁବାଦୀମାନେ, ସେମାନଙ୍କ ପ୍ରଶ୍ନର ଉତ୍ତର ମିଳିଗଲେ ସେମାନେ କୌଣସି କଥାକୁ ମଧ୍ୟ ବିଶ୍ୱାସ କରନ୍ତି । ତେଣୁ ହେତୁବାଦୀ ପାଇଁ ଶାସ୍ତ୍ରବଦ୍ଧତା ମୁଖ୍ୟ ବୋଲି ଜଣାଯାଉଛି । ଈଶ୍ୱର ଶାସ୍ତ୍ରବଦ୍ଧ ଜ୍ଞାନ କହିଥିବାରୁ, ହେତୁବାଦୀମାନେ ଦୈବଜ୍ଞାନକୁ ଖୁବ୍ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ବିଶ୍ୱାସ କରିପାରନ୍ତି ।

ନାସ୍ତିକ ଏବଂ ହେତୁବାଦୀମାନଙ୍କ ବ୍ୟତୀତ ରହିଥିବା ଅନ୍ୟମାନଙ୍କୁ ଆସ୍ତିକ କହିପାରିବା । କେବଳ ଏହା ହିନ୍ଦୁମତରେ ଥିବା ନିୟମ ବୋଲି ଭାବନ୍ତୁ ନାହିଁ, ଏହା ସମସ୍ତ ମତରେ ବାସ କରୁଥିବା ଲୋକମାନଙ୍କ ପାଇଁ ରହିଥିବା ନିୟମ ବୋଲି ଜାଣିବା ଉଚିତ୍ । ମଣିଷ ଭିତରେ ଥିବା ୯୦ ପ୍ରତିଶତ ଆସ୍ତିକମାନେ ସମସ୍ତେ ମଧ୍ୟ ଗୋଟିଏ ପ୍ରକାରର ନୁହନ୍ତି । ଈଶ୍ୱର କହିଥିବା ଧର୍ମ ବାବଦରେ ଜାଣିଥିବା ଆସ୍ତିକମାନେ ଅଛନ୍ତି, ସେହିଭଳି ଧର୍ମ ନଜାଣି ଅଧର୍ମ ଜାଣିଥିବା ଆସ୍ତିକମାନେ ମଧ୍ୟ ଅଛନ୍ତି, କିନ୍ତୁ ଆଜିର କାଳରେ ଧର୍ମ ଜାଣିଥିବା ଆସ୍ତିକମାନେ କେହି ନାହାନ୍ତି କହିଲେ ଅତ୍ୟୁକ୍ତି ହୁଏ ନାହିଁ, ତଥାପି ନାହାନ୍ତି ବୋଲି ସମ୍ପୂର୍ଣ୍ଣ କହିପାରିବା ନାହିଁ, କ୍ୱଚିତ୍ ଥାଆନ୍ତି । ଅଧର୍ମୀ ଆସ୍ତିକମାନେ ଅନେକ ଥାଆନ୍ତି । ଆସ୍ତିକମାନଙ୍କ ଭିତରେ ଧାର୍ମିକମାନେ, ଅଧର୍ମୀମାନେ ଥିବାବେଳେ, ଅଜ୍ଞାନୀ ମତବାଦୀମାନେ ମଧ୍ୟ ଥାଆନ୍ତି । ମତବାଦୀମାନେ (ଧର୍ମାବଲମ୍ବୀମାନେ) କୌଣସି ଏକ ମତ ଭିତରେ ପରିମିତ ନଥାନ୍ତି । ପ୍ରପଞ୍ଚର ପ୍ରତି ମତରେ ମତବାଦୀମାନେ ଥାଆନ୍ତି, ସେମାନେ ସେମାନଙ୍କ ମତରେ (ଧର୍ମରେ) ହିଁ ଈଶ୍ୱର ଅଛନ୍ତି, ସେମାନେ ଯେଉଁ ଆରାଧ୍ୟର ଆରାଧନା କରୁଛନ୍ତି ସେ ହିଁ ସମସ୍ତଙ୍କ ଅପେକ୍ଷା ବଡ ଭାବି ଅନ୍ୟ ମତାବଲମ୍ବୀ ମାନଙ୍କୁ ଘୃଣାଚକ୍ଷୁରେ ଦେଖନ୍ତି । ନିଜ ମତକୁ ସେମାନେ ବଡ କହୁଥିବା ବେଳେ, ଅନ୍ୟମାନଙ୍କୁ ଛୋଟ

ଭାବିବା ସାଧାରଣ କଥା । ଆମ ମତ (ଧର୍ମ) ଛଡା ଅନ୍ୟ ମତ ଠିକ୍ ନୁହେଁ ଭାବୁଥିବା ଗୋଟିଏ ମତର ଲୋକମାନେ ଅନ୍ୟ ମତକୁ ନିଶ୍ଚୟ ନିନ୍ଦା କରନ୍ତି । ପ୍ରତ୍ୟେକ ମତରେ ଏଭଳି ଭାବନା ରହିଛି ବୋଲି କହିପାରିବା । ଏହାଦ୍ୱାରା ନିଜ ମତର ରକ୍ଷା କରିବା ଉଦ୍ଦେଶ୍ୟରେ ଆଚରଣ କରୁ କରୁ ବିଘ୍ନରହୀନ ହୋଇଯିବା ଦ୍ୱାରା ମତଦ୍ୱେଷ, ଘର୍ଷଣ ମଧ୍ୟ ଘଟୁଛି । ଏଭଳି ମତଦ୍ୱେଷ, ଘର୍ଷଣ ଆରମ୍ଭ ହେଲେ ସାରା ଜଙ୍ଗଲରେ ନିଆଁ ପଡିଯିବା ଭଳି ହେଉଛି । ଜଙ୍ଗଲରେ ନିଆଁ ଲାଗିଗଲେ ଲିଭାଇବା ଭାରି କଷ୍ଟ ହୋଇଥାଏ । ମତ ମତ ଭିତରେ ଥରେ ଘର୍ଷଣ ଆରମ୍ଭ ହୋଇଗଲେ ତାହା ବନ୍ଦହେବାକୁ ଅନେକକାଳ ଲାଗିଥାଏ, ତା ଭିତରେ ଅନେକ ପ୍ରାଣନଷ୍ଟ ହୋଇଯାଇଥାଏ । ଜଙ୍ଗଲରେ ଥରେ ନିଆଁ ଲାଗିଗଲେ ତା ଭିତରେ ଥିବା ମୂଲ୍ୟବାନ ରବର, ଗମ୍ଭାରୀ, ଚନ୍ଦନାଦି ଗଛ ଜଳିଯିବା ଭଳି ଥରେ ମଣିଷ ଭିତରେ ମତଘର୍ଷଣ ଆରମ୍ଭ ହୋଇଗଲେ ବିବେକହୀନମାନେ ମହାନ ଲୋକମାନଙ୍କୁ ମଧ୍ୟ ମାରିବାକୁ ପଛେଇନଥାନ୍ତି ।

ମତଘର୍ଷଣ ମାହାତ୍ମ୍ୟ ଏତିକି ବୋଲି ମଧ୍ୟ କେହି କହିପାରିବେ ନାହିଁ, ତାହା ଶେଷରେ ଦେଶ ଦେଶ ଭିତରେ ଯୁଦ୍ଧ ମଧ୍ୟ ଆଣିପାରେ । ଏହା ସହିତ କୌଣସି ସମ୍ପର୍କ ନଥିବା ସାଧାରଣ ଲୋକମାନେ, ଛୋଟ ପିଲାମାନେ, ବୃଦ୍ଧମାନେ ମଧ୍ୟ ମତଦ୍ୱେଷର ହିଂସାରେ ବଳି ଚଢିଯାଆନ୍ତି । ମଣିଷ ମତ ନିଶାରେ ଏତେ ହିଂସୁକ ହୋଇଯାଇଥାଏ ଯେ ତାର ବିବେକ ମଧ୍ୟ କାମକରେ ନାହିଁ । କିଛି ଜ୍ଞାନ ଥିବା ଲୋକେ ମଧ୍ୟ ଅତି ମୁର୍ଖ ଭାବରେ ବଦଳିଯାଆନ୍ତି । କୌଣସି  ଦୈବଜ୍ଞାନ ଜଣା ନଥିବା ମୂଢ ମାନଙ୍କଠାରୁ ଆରମ୍ଭ ହେଉଥିବା ମତଦ୍ୱେଷ ଅତି ପ୍ରମାଦକାରୀ । ମତର ରକ୍ଷା କରିବା ଉଦ୍ଦେଶ୍ୟରେ ତିଆରି ହୋଇଥିବା କେତେକ ମତସଂଘମାନେ, ଦୈବଜ୍ଞାନ ବୋଧ କରି ମତର ରକ୍ଷା କରିହେବ ବୋଲି ନଜାଣି, ପରମତ ଉପରେ ହିଂସାତ୍ମକ ଆକ୍ରମଣ କରିବାକୁ ପଛାଉନାହାନ୍ତି । ଏଭଳି ପ୍ରତ୍ୟେକ ମତର

ଲୋକମାନେ ସ୍ୱମତ ରକ୍ଷଣ ବାହାନାରେ କେତେ ନାଆଁରେ କେତେ ସଂଘ ତିଆରି କରି ହିଂସାପଥକୁ ଆପଣାର କରିଛନ୍ତି । ଏଭଳି ପରିସ୍ଥିତିରେ ଧାର୍ମିକ ଏବଂ ଅଧର୍ମୀମାନଙ୍କ ବ୍ୟତୀତ ଜ୍ଞାନହୀନ ମୂଢମାନେ ଥିବା ହିନ୍ଦୁ ମତରକ୍ଷଣ ସଂସ୍ଥା ଗୁଡିକରେ ରହି ତ୍ରିମତ ଏକୈକ ଗୁରୁ, ହିନ୍ଦୁ (ଇନ୍ଦୁ) ଧର୍ମ ପ୍ରଦାତା, ସିଦ୍ଧାନ୍ତକର୍ତ୍ତା ହୋଇଥିବା ମୋତେ ମଧ୍ୟ ଚିହ୍ନି ନପାରି ଅନ୍ଧହୋଇ, ମୋର ଅମୁକ ମତ ବୋଲି କହୁଛନ୍ତି । ତେଣୁ ହିନ୍ଦୁମତର ଲୋକେ ନିଜେ ନିଜକୁ ଚିହ୍ନିପାରୁ ନାହାନ୍ତି ବୋଲି ମୋ କଥାରୁ ଜଣାଯାଉଛି । ଏହିଭଳି ଧର୍ମାଧର୍ମକୁ ବାଦଦେଇ ଅଜ୍ଞାନତାକୁ ଦେଖିଲେ, ହିନ୍ଦୁମତ ପ୍ରଥମ ସ୍ଥାନରେ ଅଛି । ମତ ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ପ୍ରଜାମାନଙ୍କ ଆଚରଣରେ ଅଛି, ମତ ପାଗଳାମି ସମସ୍ତଙ୍କର ଥିବାରୁ ପ୍ରତ୍ୟେକ ମତରେ ମତରକ୍ଷଣ, ମତାଭିବୃଦ୍ଧି ନାମକ ଅଜ୍ଞାନ ବ୍ୟାପିଯାଇଛି । ସମସ୍ତେ ଏହି ମତ ନାମକ ଅଜ୍ଞାନରେ ବୁଡି ରହିଛନ୍ତି ।

ଭଗବାନ ତାଙ୍କ ଭଗବଦ୍ଗୀତାରେ ଚାରିଗୋଟି ଅଧର୍ମ ବାବଦରେ ଜଣାଇଛନ୍ତି ! କିନ୍ତୁ ଆପଣ ଏବେ କହୁଥିବା ମତଦ୍ୱେଷ ବାବଦରେ ତ କହିନାହାନ୍ତି ? ବୋଲି କିଛିଲୋକ ପ୍ରଶ୍ନ କରିପାରନ୍ତି । ସେଥିପାଇଁ ଆମ ସମାଧାନ କଣନା ! ଈଶ୍ୱର ଚାରିଗୋଟି ଅଧର୍ମ କହିଛନ୍ତି, ତନ୍ମଧ୍ୟରେ ଏହି ମତଦ୍ୱେଷ ନାହିଁ । ହେଲେ ସେ ଜଣାଇଥିବା ଚାରି ଅଧର୍ମ ବଡ ବଡ ନଦୀ ଭଳି ରହିଛି ବୋଲି ଭାବନ୍ତୁ । ଗୋଟିଏ ବଡ ନଦୀର ଅନେକ ଛୋଟ ଛୋଟ ଉପନଦୀଗୁଡିଏ ଥିବା ଭଳି, ଏକ ବଡ ଅଧର୍ମ ପଛରେ ତା ସମ୍ବନ୍ଧୀୟ ଅନେକ ଅଜ୍ଞାନ ଆଚରଣ ରହିଛି । ସେହିଭଳି ଦୈବମାର୍ଗ ବା ଦୈବପଥ ମତ ଭାବରେ ବଦଳିଯାଇଛି । ପଥ ବା ମାର୍ଗ ଜ୍ଞାନ ହୋଇଥିବା ସ୍ଥଳେ ମତ ଅଜ୍ଞାନ ହୋଇ ରହିଛି । ମତର ଗୋଟିଏ ନାଆଁ ଦେଇ ତାକୁ ମୋ ଧର୍ମ ବୋଲି ମଣିଷ କହୁଛି । ଦୈବପଥ ମଣିଷକୁ ମୋକ୍ଷକୁ ନେଇଥାଏ, ତେଣୁ ତାହାକୁ ଜ୍ଞାନ ବୋଲି କହୁଛୁ । ମତ (ଧର୍ମ) ମଣିଷକୁ ପାପ ବନ୍ଧନରେ

ପକାଇ ଜନ୍ମକୁ ନେଇଥାଏ, ତେଣୁ ତାହାକୁ ଅଜ୍ଞାନ କହୁଛୁ । ବାସ୍ତବରେ ଚାରି ଅଧର୍ମ ଭିତରେ ମତ ନଥିଲେ ମଧ୍ୟ ତା ଦ୍ୱାରା ଈଶ୍ୱର ଜଣାଯାଆନ୍ତି ନାହିଁ । ତେଣୁ ମତକୁ ଅଜ୍ଞାନ ଭାବରେ କହିବାକୁ ପଡିଛି । ଚାରି ଅଧର୍ମ ବାବଦରେ ଈଶ୍ୱର ବାହାରକୁ ଜଣାଇଥିଲେ ମଧ୍ୟ, ସେଗୁଡିକର ପଛରେ ଅନୁବନ୍ଧ ହୋଇ ଅନେକ ଅଜ୍ଞାନ ଆଚରଣ ରହିଛି ।

**ସୂଚନା:-** ଅନେକ ସନ୍ଦର୍ଭରେ ମତ ଲେଖି ତା ପାଖରେ ବନ୍ଧନୀ ଭିତରେ ଧର୍ମ ଲେଖିଛୁ । ବାସ୍ତବରେ ଆମେ ଯାହାକୁ ଧର୍ମ କହୁଛେ (ଉଦା:- ହିନ୍ଦୁ ଧର୍ମ, ଇସ୍ଲାମ ଧର୍ମ, ଖ୍ରୀଷ୍ଟ ଧର୍ମ) ତାହା ଧର୍ମ କହିବା ଉଚିତ୍ ନୁହେଁ, ମତ କହିବା ଉଚିତ୍ । ଧର୍ମ ସାର୍ବଜନ, ମତ ଦଳୀୟ । ଆମେ ଦଳ ସମ୍ବନ୍ଧୀୟ ଆଚରଣ କରୁଛେ, ତାହା ଆମର ମତାମତ ହୋଇଥିବାରୁ ତାହାକୁ ମତ କହିବା ଉଚିତ୍ । ଧର୍ମ ସମସ୍ତଙ୍କ ପାଇଁ ଗୋଟିଏ । ସେଥିଲାଗି ହିନ୍ଦୁଧର୍ମ ନଲେଖି ହିନ୍ଦୁମତ ଲେଖିଛୁ, ଇସ୍ଲାମ ଧର୍ମ ନଲେଖି ଇସ୍ଲାମ ମତ ଲେଖିଛୁ, ସେହିଭଳି ଖ୍ରୀଷ୍ଟମତ ଲେଖିଛୁ । ଏହାକୁ ଆପଣମାନେ ପରିଶୀଳନ ପୂର୍ବକ ଗ୍ରହଣ କରନ୍ତୁ - ଅନୁବାଦକ)

ଗୋଟିଏ ଅଧର୍ମର ଅନୁବନ୍ଧ ହୋଇ ଅନେକ ଅଜ୍ଞାନ ଆଚରଣ ଥିବା ଭଳି, ଏକ ଧର୍ମ ପଛରେ ମଧ୍ୟ ଅନୁବନ୍ଧିତ ହୋଇ ଅନେକ ଛୋଟ ଛୋଟ ଜ୍ଞାନାଚରଣ ରହିଛି । ଭଗବଦ୍ଗୀତାରେ ତିନିଗୋଟି ଧର୍ମ ବାବଦରେ କୁହାଯାଇଥିଲେ ମଧ୍ୟ, ତାହା ଆଚରଣରେ ଆଣିବା ପାଇଁ ଅନେକ ଆଚରଣକୁ ଅନେକ ଶ୍ଳୋକ ରୂପରେ କହିଛନ୍ତି । ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ବାବଦରେ ଜ୍ଞାନଯୋଗ ନାମକ ଅଧ୍ୟାୟର ୩୩ତମ ଶ୍ଳୋକରେ କହିଛନ୍ତି । ଯଜ୍ଞକୁ ଅଧର୍ମ ବୋଲି ଗୀତାରେ କହିଥିଲେ ମଧ୍ୟ ୩୩ତମ ଶ୍ଳୋକରେ କହିଥିବା ଯଜ୍ଞ ଧର୍ମସହିତ ଅନୁବନ୍ଧିତ ହୋଇ ରହିଛି । ଏବେ କେତେକଙ୍କଠାରେ ଏକ ପ୍ରଶ୍ନ ଆସିପାରେ ଯେ, ଯଜ୍ଞକୁ ଅଧର୍ମ କହି ପୁଣି ୩୩ତମ ଶ୍ଳୋକରେ ଯଜ୍ଞ ଧର୍ମ ସମ୍ବନ୍ଧୀୟ ବୋଲି କିପରି କହୁଛନ୍ତି ? ସେଥିପାଇଁ ଆମ ତରଫରୁ ଥିବା ସମାଧାନ ହେଉଛି ! ମଣିଷ କରୁଥିବା ବାହ୍ୟଯଜ୍ଞକୁ ଅଧର୍ମ ବୋଲି କହିଛନ୍ତି,

କିନ୍ତୁ ୩୩ତମ ଶ୍ଲୋକରେ ଥିବା ଯଜ୍ଞ ବାହ୍ୟଯଜ୍ଞ ନୁହେଁ, ତାହା ଅନ୍ତରଙ୍ଗରେ କରାଯାଏ, ଏଥିରେ ମଣିଷର କର୍ମଦହନ ହୋଇଥାଏ । ତେଣୁ ଏଠାରେ ଭିତରେ କରାଯାଉଥିବା ଏହି ଯଜ୍ଞକୁ ଧର୍ମ ସମ୍ବନ୍ଧୀୟ ଯଜ୍ଞ ବୋଲି କହି ପାରିବା । ଏକ ନଦୀର ଅନେକ ଉପନଦୀ ରହିବା ଭଳି, ଉପନଦୀ ଗୁଡିକରେ ଆହୁରି ଛୋଟ ଛୋଟ ନଦୀ ମିଶି ରହିଥିବା ଭଳି, ଏକ ଧର୍ମ ସମ୍ବନ୍ଧୀୟ ଅନେକ କାର୍ଯ୍ୟ ରହିଛି, ସେଗୁଡିକୁ ଜ୍ଞାନ ଆଚରଣ କହିପାରିବା । ବାହ୍ୟଯଜ୍ଞ ଅଧର୍ମ ହୋଇଥିବା ସ୍ଥଳେ, ଶରୀର ଭିତରେ କରାଯାଉଥିବା ଯଜ୍ଞ କର୍ମଯୋଗ ଧର୍ମ ସମ୍ବନ୍ଧୀୟ ହୋଇ ରହିଛି ।

ପ୍ରଜାମାନେ ଆମେ ଜ୍ଞାନମାର୍ଗରେ ଅଛୁ ବୋଲି କେତେକ କହୁଥିବା ବେଳେ, ଆମେ ଭକ୍ତିମାର୍ଗରେ ଅଛୁ ବୋଲି ଆଉକେତେକ କହୁଛନ୍ତି । ଆମେ ମନ୍ଦିର ତିଆରି କରି କେହି କରିନଥିବା କାର୍ଯ୍ୟ କରିଛୁ ବୋଲି କିଛିଲୋକ କହୁଥିବା ବେଳେ, ଆମେ ଆମ ମତକୁ, ମତଧର୍ମକୁ ରକ୍ଷା କରୁଛୁ ବୋଲି କିଛିଲୋକ କହୁଛନ୍ତି । ଆମେ ଈଶ୍ୱରଙ୍କ ପ୍ରିୟପାତ୍ର ହୋଇ ଅଛୁ ବୋଲି କିଛିଲୋକ କହୁଥିବା ସ୍ଥଳେ, ଆମେ ଭଜନ କରି ଈଶ୍ୱରଙ୍କ ନିକଟରେ ଅଛୁ ବୋଲି ଆଉ କିଛିଲୋକ କହୁଛନ୍ତି । ଏହିଭଳି କହିଚାଲିଲେ ଲୋକେ ବିଭିନ୍ନ ପ୍ରକାରର ଆଚରଣ କରି ଆମେ ପ୍ରକୃତ ଭକ୍ତ, ଆମଠାରୁ ସାଧକ ଆଉ କେହି ନାହାନ୍ତି, ଆମେ ଯାହା କରୁଛୁ ତାହା ହିଁ ପ୍ରକୃତ ଧର୍ମ ଆଚରଣ ବୋଲି ଭାବୁଛନ୍ତି । ଏସବୁ ଅନୁଧ୍ୟାନ କରିବା ପରେ ଜଣେ ସିଦ୍ଧାନ୍ତକର୍ତ୍ତା ଭାବରେ ଆମର କର୍ତ୍ତବ୍ୟ କରିବାକୁ ଯାଇ ଏସବୁର ପରିଶୀଳନ କରି, କଣ ବାସ୍ତବ ଧର୍ମ, କଣ ଧର୍ମ ନୁହେଁ ତାହା ଜଣାଇବାକୁ ପଡୁଛି, ସେହି ନେପଥ୍ୟରେ ଏବେ ଯାହା କହୁଛି ତାହା ଛୋଟ ଛୋଟ ଉପନଦୀ ଭଳି ଅଜ୍ଞାନ ଆଚରଣ ବାବଦରେ କହୁଛି ସିନା, ବଡ ବଡ ନଦୀ ଭଳି କଥା ଈଶ୍ୱର ଗୀତାରେ ଜଣାଇଛନ୍ତି । ଆମର ଏସବୁ କଥାକୁ କେହି ହୁଏତ ସହ୍ୟ କରିପାରନ୍ତି, କିନ୍ତୁ ଭଗବଦ୍ଗୀତାରେ ଯାହା ଈଶ୍ୱର କହିଛନ୍ତି ତାହା କେହି

ଏତେ ସହଜରେ ଜୀର୍ଣ୍ଣ ପରିପାରିବେ ନାହିଁ ବୋଲି ଭାବୁଛି । କାରଣ ! କୁହାଯାଇଥିବା ପରି ଅଧର୍ମକୁ ଆଜି ସମସ୍ତେ ଧର୍ମ ଭାବନା କରୁଛନ୍ତି । ତାହା ହିଁ ସମାଜରେ ସୁ ଆଚରଣ, ଧର୍ମ, ଭକ୍ତି ଭାବରେ ପରିଗଣିତ ହେଉଛି, ସେ ସବୁକୁ ହଠାତ୍ ଅଧର୍ମ କହିଦେଲେ ଉପରୋକ୍ତ ଆଚରଣକାରୀମାନେ ନିଶ୍ଚୟ କ୍ରୋଧିତ ହେବେ ଏଥିରେ ସନ୍ଦେହ ନାହିଁ । ଜଣେ ସାଧାରଣ ମଣିଷ ଯଦି ଏଭଳି କଥା କହିବ ତେବେ ନାନା ଚିତ୍ରହିଂସା କରି ତାକୁ ମାରି ଦେବେ । କିନ୍ତୁ ଏକଥା ନିରାଟ ସତ୍ୟ । କାରଣ ସାଧାରଣ ମଣିଷ ନୁହେଁ ସ୍ୱୟଂ ଭଗବାନ ଏକଥା କହିଛନ୍ତି । ଆଜି ସେ ନାହାନ୍ତି । ଏକଥା ଯଦି ଆଜି ଆମେ କହୁଛୁ ତେବେ କଟା ଘାଆରେ ଚୂନ ଲଗାଇବା ଭଳି ହେଉଛି । ମୁଁ ପାଖରେ ଥିଲେ ହୁଏତ ମୋତେ ଛାଡନ୍ତେ ନାହିଁ । ଏକଥା ସେଦିନ ଶ୍ରୀକୃଷ୍ଣଙ୍କୁ ମଧ୍ୟ ଜଣାଥିଲା । ସେଥିଲାଗି ସେ କେହି ଜାଣି ନପାରିବା ଭଳି କେବଳ ଅର୍ଜୁନଙ୍କୁ ଯୁଦ୍ଧ ଭୂମିରେ ରହସ୍ୟ ଭାବରେ ଜ୍ଞାନ କହିଥିଲେ । ମୁର୍ଖମାନେ ଅବରୋଧ ହେବେ ବୋଲି ସେଦିନ ଜାଣିଥିବା ଶ୍ରୀକୃଷ୍ଣ ଭଗବାନ, ଧର୍ମ ବାବଦରେ କିମ୍ବା ଅଧର୍ମ ବାବଦରେ ଦ୍ୱିତୀୟ ଥର କେଉଁଠି କାହାକୁ କହିନଥିଲେ । କେହି ଜାଣି ନପାରିବା ଭଳି କେବଳ ଅର୍ଜୁନଙ୍କୁ କହିଥିଲେ ମଧ୍ୟ, ତାହା ତାଙ୍କର ଅନୁକୂଳିତ ହୋଇଥିବା, ତାଙ୍କ ପାଖରେ ବିନୟ ଭାବ ପ୍ରଦର୍ଶନ କରୁଥିବା ପ୍ରିୟ ସଖାକୁ କହିଥିଲେ, ହେଲେ ଆମେ ଆଜି ସମସ୍ତଙ୍କୁ ଜଣାଇବା ଭଳି କହୁଛୁ, ତାଛଡା ମୋ ବିଷୟରେ ଜାଣି ନଥିବା, ମୋ ପାଖରେ ବିନୟ ବିଧେୟତାର ସହିତ ଥିବା ଲୋକମାନଙ୍କୁ ଜଣାଉଛୁ । ଏହା ନିଶ୍ଚୟ କଷ୍ଟକର କାର୍ଯ୍ୟ ବୋଲି ଆମକୁ ଜଣାଅଛି, କିନ୍ତୁ ଜଣେ ସିଦ୍ଧାନ୍ତକର୍ତ୍ତା ଭାବରେ ଯଦି ସମାଜକୁ ଡରି ମୁଁ ନକହିବି ତେବେ ଭବିଷ୍ୟତରେ ବାସ୍ତବ ରହସ୍ୟକୁ କହିବା ଲୋକ ଆଉକେହି ନାହାନ୍ତି, ତେଣୁ ସମସ୍ତେ ଜାଣିବା ଉଦ୍ଦେଶ୍ୟରେ ନିର୍ଭୟର ସହିତ ନିଜର କର୍ତ୍ତବ୍ୟ ତୁଲାଇବାକୁ ଯାଇ ଗ୍ରନ୍ଥ ରୂପରେ ସତ୍ୟକୁ ଜଣାଉଛି । ଏଥିରେ ବିଶଷେ କଥା ହେଉଛି ଯେ, ମୋ

ପ୍ରତି ବିନୟ, ଭକ୍ତି ପ୍ରଦର୍ଶନ କରୁଥିବା ଲୋକମାନଙ୍କୁ ହିଁ କେବଳ ମୁଁ ଦେଖାଦେଇଛି, ଅନ୍ୟମାନଙ୍କୁ ଦେଖାଦେଇ ନାହିଁ । ମୋ ଗ୍ରନ୍ଥ ପଢୁଥିବା ଲୋକେ ଅନେକ ଅଛନ୍ତି, ମୋ ନାଆଁ ଶୁଣିଥିବା ଲୋକେ ବହୁତ ଅଛନ୍ତି, କିନ୍ତୁ ସେମାନେ ସମସ୍ତେ ମୋତେ ଦେଖି ନାହାନ୍ତି । ଅନେକ ଲୋକ ଆମ ପ୍ରତି ଭକ୍ତି ପ୍ରଦର୍ଶନ କରୁଥିବା ଲୋକମାନଙ୍କୁ ତୁମ ସ୍ୱାମୀଜୀ କାହିଁ କେଉଁ ଟି. ଭି. ଚ୍ୟାନେଲରେ ତ ଦେଖାଯାଉ ନାହାନ୍ତି ବୋଲି ପଚାରିଛନ୍ତି, କିନ୍ତୁ ପ୍ରବୋଧାନନ୍ଦ ଯୋଗୀଶ୍ୱର ସମସ୍ତଙ୍କୁ କହେ ସିନା, କାହାକୁ ଦେଖାଦିଏ ନାହିଁ ବୋଲି ସେମାନଙ୍କୁ ଜଣା ନାହିଁ ।

ଆଜିର କାଳରେ ପ୍ରଜାମାନଙ୍କ ଭିତରେ ଆଚରଣ ରୂପରେ ଥିବା କାର୍ଯ୍ୟାବଳୀରୁ କଣ ଧର୍ମ, କଣ ଅଧର୍ମ ଜାଣିବା । ମଣିଷ ପ୍ରତ୍ୟହ କରୁଥିବା କାର୍ଯ୍ୟଗୁଡିକ ଭିତରୁ କିଛି ଦୈବ ସମ୍ବନ୍ଧୀୟ, କିଛି ପ୍ରପଞ୍ଚ ସମ୍ବନ୍ଧୀୟ କାର୍ଯ୍ୟ ରହିଥାଏ ବୋଲି କାର୍ଯ୍ୟକୁ ଦୁଇ ଭାଗରେ ବିଭାଜନ କରିପାରିବା । ଦୈବ ସମ୍ବନ୍ଧୀୟ କାର୍ଯ୍ୟଗୁଡିକ ଜ୍ଞାନ ଏବଂ ଧର୍ମ ଯୁକ୍ତ ହୋଇଥାଏ । ପ୍ରାପଞ୍ଚିକ କାର୍ଯ୍ୟ ବା ଭୌତିକ କାର୍ଯ୍ୟଗୁଡିକ ନୀତି, ନ୍ୟାୟଯୁକ୍ତ ହୋଇ ରହିଥାଏ । ଏହି ଅନୁସାରେ ଜ୍ଞାନ, ଧର୍ମ ମିଶି ରହିଥିବା କାର୍ଯ୍ୟଗୁଡିକ ଦୈବକାର୍ଯ୍ୟ, ନୀତି, ନ୍ୟାୟ ମିଶି ରହିଥିବା କାର୍ଯ୍ୟଗୁଡିକ ମଣିଷ ସମ୍ବନ୍ଧୀୟ କାର୍ଯ୍ୟ ବୋଲି ଜଣାଯାଉଛି । ମନୁଷ୍ୟ ସମ୍ବନ୍ଧୀୟ କାର୍ଯ୍ୟଗୁଡିକରୁ ନୀତି, ନ୍ୟାୟ ଅନୁସାରେ ମଣିଷକୁ ପୁଣ୍ୟ ମିଳିଥାଏ । ସେହିଭଳି ଅବିନୀତି, ଅନ୍ୟାୟ ଅନୁସାରେ ପାପ ମିଳିଥାଏ । ଗରିବ ପାଖରେ ଖାଇବାକୁ ନଥିବାବେଳେ ତାକୁ କିଛି ଖାଇବାକୁ ଦେବା ନ୍ୟାୟ ହୋଇଥାଏ । ଯିଏ ଖାଇବାକୁ ଦେଇଥାଏ ତାକୁ ପୁଣ୍ୟ ମିଳିଥାଏ । ପାପ ହେଉ, ପୁଣ୍ୟ ହେଉ ତାହା ମଣିଷକୁ ଅନ୍ୟ ଜନ୍ମକୁ ନେବାରେ ସାହାଯ୍ୟ କରିଥାଏ, ଅନ୍ୟ ଜନ୍ମରେ ସେହି ପାପପୁଣ୍ୟର ଫଳ ହୋଇଥିବା ଦୁଃଖସୁଖକୁ ସେ ପାଇଥିବା ଶରୀରରେ ଅନୁଭବ କରିଥାଏ । ପାପପୁଣ୍ୟ ଦ୍ୱାରା ଜନ୍ମ ମିଳିଥାଏ । ପାପପୁଣ୍ୟ ନଥିବାବେଳେ ମଣିଷକୁ ମୁକ୍ତି

ମିଳିଥାଏ । ଏଠାରେ କିଛିଲୋକଙ୍କ ଭିତରେ ଏକ ପ୍ରଶ୍ନ ଆସି ଖାଇବାକୁ ନଥିବା ଲୋକକୁ ଖାଇବାକୁ ଦେଲେ ଦେଇଥିବା ଲୋକର ପୁଣ୍ୟ ହୋଇଥାଏ ବୋଲି କହୁଛନ୍ତି । ଖାଇବାକୁ ନଥିବା ଲୋକକୁ ଖାଇବାକୁ ଦେବା ନୀତି ହୋଇଥାଏ କି ନ୍ୟାୟ ହୋଇଥାଏ ? ପଚାରି ପାରନ୍ତି । ଏହାର ସମାଧାନ ହେଉଛି ! ନୀତି ନ୍ୟାୟ, ଜ୍ଞାନ ଧର୍ମ ଏକ ଏକ ଯୋଡିଶବ୍ଦ ଭଳି ରହିଥାନ୍ତି । କଥା ରୂପରେ କହିଲେ ତାହା ନୀତି ହୋଇଥାଏ, ନୀତି ବାଣୀ ବା କଥିତ ବାକ୍ୟ ରୂପରେ ଥାଏ, କିନ୍ତୁ ଶୁଣିଥିବା କଥା ଅନୁସାରେ କାର୍ଯ୍ୟ କରିବା ନ୍ୟାୟ ହୋଇଥାଏ । ଭୌତିକ ସ୍ତରରେ ଭଲ କଥାକୁ ବୋଧ କରିଥାଏ ନୀତି । ନୀତି ଦ୍ୱାରା ହେଉଥିବା କାର୍ଯ୍ୟକୁ ନ୍ୟାୟ କୁହାଯାଏ । ସେହିଭଳି ଐଶ୍ୱରୀୟ ବିଷୟରେ ବୋଧ କରାଯାଉଥିବା ଭଲ କଥାକୁ ଜ୍ଞାନ କୁହାଯାଏ, ଶୁଣିଥିବା ଜ୍ଞାନ ଅନୁସାରେ କରାଯାଉଥିବା କାର୍ଯ୍ୟକୁ ଧର୍ମ କୁହାଯାଏ । ତେଣୁ "ନୀତିନ୍ୟାୟ", "ଜ୍ଞାନଧର୍ମ" ଏକ ଏକ ଯୋଡିଶବ୍ଦ ଭଳି କହିଲେ କିଛି ଭୁଲ୍ ହୋଇନଥାଏ ।

କିଛିଦିନ ତଳେ ଏକ ଟି. ଭି. ଚ୍ୟାନେଲରେ ଜଣେ ସ୍ୱାମୀଜୀ କହୁଥିବା ଜ୍ଞାନ ଶୁଣିବାବେଳେ, ସେ ଯେଉଁ କଥାସବୁ କହୁଥିଲେ ତାହା ଜ୍ଞାନ ନୁହେଁ ବୋଲି ଭାବିଲି । କାହିଁକିନା ! "ଭିକାରୀକୁ ଦାନଦେଲେ ସାକ୍ଷାତ୍ ଈଶ୍ୱରଙ୍କୁ ଦେବା ଭଳି ହୋଇଥାଏ, ଏହି ଦାନ ଦ୍ୱାରା ବହୁତ ପୁଣ୍ୟ ମିଳିଥାଏ, ସେହି ପୁଣ୍ୟ ଦ୍ୱାରା ମଣିଷକୁ ମୁକ୍ତି ମିଳିଥାଏ" ବୋଲି ସେ କହୁଥିଲେ, ତାଙ୍କ କଥାରେ ନୀତି ଅଛି କି ଜ୍ଞାନ ଅଛି ବୋଲି ଟିକିଏ ଆଲୋଚନା କଲେ, ଦାନଦେବା ଏକ ଭୌତିକ କାର୍ଯ୍ୟ ହୋଇଥାଏ ସିନା ଦୈବଜ୍ଞାନ ସହିତ କୌଣସି ସମ୍ପର୍କ ରଖିନଥାଏ । ତାହା ଭୌତିକଜ୍ଞାନ ସମ୍ବନ୍ଧୀୟ ହୋଇଥିବାରୁ ତାହାକୁ ନୀତି କୁହାଯାଏ । ଏକ ନୀତିଯୁକ୍ତ କାର୍ଯ୍ୟ ହୋଇଥିବା ଦାନକାର୍ଯ୍ୟ ଦ୍ୱାରା ପୁଣ୍ୟ ମିଳିଥାଏ ସତକଥା, କିନ୍ତୁ ପୁଣ୍ୟ ଦ୍ୱାରା ମୁକ୍ତି ମିଳି ନଥାଏ । ପୁଣ୍ୟ ଦ୍ୱାରା ମୋକ୍ଷ ମିଳିବ କହିଲେ ଅଜ୍ଞାନ

ହୋଇଥାଏ, ଅଧର୍ମ ହୋଇଥାଏ । ମଣିଷ ଧର୍ମାଚରଣ ଦ୍ୱାରା ଜ୍ଞାନଶକ୍ତି (ଜ୍ଞାନାଗ୍ନି) ପାଇ, ସେହି ଜ୍ଞାନାଗ୍ନି ଦ୍ୱାରା ମୁକ୍ତି ପାଇଥାଏ, ଏହା ଧର୍ମ ଆଚରଣ । ତା ନକରି ନୀତି ଆଚରଣ ଦ୍ୱାରା ପୁଣ୍ୟ ମିଳିଲେ ମଧ୍ୟ, ତଦ୍ୱାରା ମୁକ୍ତି ମିଳେ କହିବା ଶୁଦ୍ଧ ଅଧର୍ମ ବୋଲି କହିପାରିବା । ଏହି ସୂତ୍ର ଅନୁସାରେ ମଣିଷ ଭକ୍ତିମାର୍ଗରେ ଯାହାସବୁ ଆଚରଣ କରେ ତାହା ଧର୍ମ କି ଅଧର୍ମ ପ୍ରମାଣିତ କରି କହିପାରିବା ।

କିଛିଲୋକ ମାନବ ସେବା ହିଁ ମାଧବ ସେବା ଭାବି ଅନେକ ପ୍ରକାରର ସେବାକାର୍ଯ୍ୟ କରିଥାନ୍ତି । ସହଜୀବି ମଣିଷର ସେବା କରିବା ଦ୍ୱାରା ପ୍ରକୃତରେ ଈଶ୍ୱର ସେବା ହୋଇଥାଏ, ତେଣୁ ମାନବ ସେବା ହିଁ ମାଧବ ସେବା ବୋଲି କହୁଛନ୍ତି । କିଛିଲୋକ ଏଭଳି କଥା କହନ୍ତି, କାର୍ଯ୍ୟ ମଧ୍ୟ କରନ୍ତି । ମଦର ଟେରେସା, ଫାଦର ପେର୍ର୍ ଇତ୍ୟାଦି ବ୍ୟକ୍ତିମାନେ ମଣିଷକୁ ମାଗଣା ବୈଦ୍ୟସେବା ଯୋଗାଇ, ଡାକ୍ତରଖାନା, ବିଦ୍ୟାର୍ଥୀ ମାନଙ୍କ ପାଇଁ ମାଗଣାରେ ସ୍କୁଲ୍, କଲେଜ, ଘର ନଥିବା ଲୋକମାନଙ୍କ ପାଇଁ ଘର ଏହିଭଳି ଅନେକ ପ୍ରକାରର ସେବା କରିଛନ୍ତି । ପିଇବା ପାଣି ନଥିବା ଗାଆଁରେ ପାଣି ବ୍ୟବସ୍ଥା କରିବାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି । ଏହିଭଳି ଅନେକ ଲୋକ ଅନେକ ପ୍ରକାରର ସେବା କରି ସେମାନଙ୍କ ଜୀବନ ଧନ୍ୟ ହୋଇଛି, ସେମାନଙ୍କ ସେବା ମାଧବ ସେବା ହୋଇଛି, ତାଦ୍ୱାରା ସେମାନଙ୍କୁ ଜନନ ମରଣ ଚକ୍ରରୁ ମୁକ୍ତି ମିଳିଯିବ ବୋଲି ଭାବୁଛନ୍ତି । ଏହିଭଳି ସମାଜରେ ରହିଥିବା ଲୋକମାନଙ୍କ ବାବଦରେ ଧର୍ମାଧର୍ମ ଦୃଷ୍ଟିରୁ, ନ୍ୟାୟାନ୍ୟାୟ ଦୃଷ୍ଟିରୁ ବିଚାର କରି ଦେଖିଲେ, ଜଣେ ବ୍ୟକ୍ତିର ସେବା କରନ୍ତୁ କି ଅନେକଙ୍କ ସେବା କରନ୍ତୁ ତାହା ମାନବ ସେବା ହେବ ସିନା, ମାଧବ (ଈଶ୍ୱର) ସେବା ହୋଇପାରିବ ନାହିଁ । ସେବାକାରୀର ଉଦ୍ଦେଶ୍ୟ କେଉଁଭଳି ଥିଲେ ମଧ୍ୟ, ମାନବ ରୂପକୁ ମାଧବ ରୂପ ଭାବିଲେ ମଧ୍ୟ, ତାହା ତାର ଭାବନା ମାତ୍ର ହେବ ସିନା,

ସତ୍ୟ ବୋଲି କହିବା ପାଇଁ ସୁଯୋଗ ନାହିଁ । ଗଧପାଦ ଧରି ମୁଁ ଘୋଡାପାଦ ଧରିଛି ଭାବିଲେ ମଧ୍ୟ ତାହା ସତ୍ୟ ନୁହେଁ । କାରଣ ! ଗଧ ଘୋଡା ନୁହେଁ ! ମାନବ ସେବା ଭୌତିକ, ମାଧବ ସେବା ଦୈବିକ । ଏହି ଦୁଇ ବିଷୟରେ ଅନେକ ଭିନ୍ନତା ରହିଛି । ଭୌତିକ କାର୍ଯ୍ୟ କରୁଥାଇ ମୁଁ ଦୈବକାର୍ଯ୍ୟ କରୁଛି ଭାବିବା ସମ୍ପୂର୍ଣ୍ଣ ଭୁଲ୍ । ଧର୍ମ ଆଉ ଅଧର୍ମ ଅନୁସାରେ ଏହା ଭୌତିକ କାର୍ଯ୍ୟ ହୋଇଥିବାରୁ, ମାନବ ସେବା ସବୁ ଦାନଗୁଣ ସମ୍ବନ୍ଧୀୟ ହୋଇଥିବାରୁ, ମିଳୁଥିବା ଫଳ ପୁଣ୍ୟ ହୋଇଥାଏ । ମିଳିଥିବା ପୁଣ୍ୟ ଅନୁସାରେ ପୁନଃ ସୁଖ ଅନୁଭବ କରିବା ପାଇଁ ଶରୀର ଧରି ଜନ୍ମ ହେବାକୁ ପଡିଥାଏ । ଜନ୍ମ ମରଣ ଚକ୍ରରୁ ମୁଁ ମୁକୁଳିବି ବୋଲି ଭାବି, କରାଯାଉଥିବା ସେବା ଦ୍ୱାରା ମଣିଷ ପୁନଃ ଜନ୍ମ ମରଣ ଚକ୍ରରେ ଛନ୍ଦି ହୋଇଯାଏ ସିନା, ମୁକୁଳିପାରେ ନାହିଁ । ମୋ ଅନୁଭବରେ ବଡ ବଡ ସ୍ୱାମୀଜୀମାନେ, ବିଦେଶୀ ଧନ ପାଉଥିବା ବାବାମାନେ, ଧନୀମାନେ ମାଧବ ସେବା କରୁଛୁ ଭାବି ମଣିଷ ସେବା କରିଥାନ୍ତି, ପୁଣ୍ୟର ଗଣ୍ଠିଲିକୁ ବଡ କରିଥାନ୍ତି, ଏଭଳି ସେବା ଦାନ ନାମକ ଅଧର୍ମ ହୋଇଥାଏ । ତେଣୁ ଦାନ ଦ୍ୱାରା ଈଶ୍ୱରଙ୍କ ପାଖକୁ ଯିବା ସମ୍ଭବ ହୋଇନଥାଏ ।

କେତେକ ସ୍ୱାମୀଜୀମାନେ, ବାବାମାନେ ସେମାନଙ୍କ ବାଣୀବୋଧ କାର୍ଯ୍ୟରେ ମଣିଷକୁ ପ୍ରେମ କରିବା ହିଁ ଦୈବକାର୍ଯ୍ୟ ହୋଇଥାଏ, ପ୍ରେମ ହିଁ ଈଶ୍ୱର ବୋଲି କହିଥାନ୍ତି । ସମସ୍ତଙ୍କୁ ପ୍ରେମ ଦୃଷ୍ଟିରେ ଦେଖିବା ମାନବର କର୍ତ୍ତବ୍ୟ ବୋଲି ବୋଧ କରିଥାନ୍ତି । ଏକଥା ଶୁଣିବାକୁ ତ ଜ୍ଞାନ ସମ୍ପନ୍ନ କଥା ଭଳି ଲାଗୁଛି, କିନ୍ତୁ ଏ ବାବଦରେ ଟିକିଏ ଗଭୀର ବିଚାରକରି ଦେଖିଲେ, ବାସ୍ତବରେ ପ୍ରେମ ହିଁ ଈଶ୍ୱର ବୋଲି କଥାଟି ଧର୍ମ କି ଅଧର୍ମ ଜାଣି ପାରିବା । ମଣିଷ ଶରୀରରେ ଛଅଗୋଟି ଭଲଗୁଣ, ଛଅଗୋଟି ଖରାପ ଗୁଣ ରହିଥାଏ । ଭଲଗୁଣ ଦ୍ୱାରା ହେଉଥିବା କାର୍ଯ୍ୟଗୁଡିକର ଫଳ ଭାବରେ ପୁଣ୍ୟ ମିଳିଥାଏ, ଖରାପଗୁଣ ଦ୍ୱାରା କରାଯାଉଥିବା କାର୍ଯ୍ୟଗୁଡିକର ଫଳ

ଭାବରେ ପାପ ମିଳିଥାଏ । ଏହିଭଳି ପ୍ରତ୍ୟେକ କାର୍ଯ୍ୟର ଫଳ ଭାବରେ ପାପପୁଣ୍ୟ ମିଳିଥାଏ ଏବଂ ମଣିଷର କର୍ମଚକ୍ରରେ ତାହା ଗଚ୍ଛିତ ହୋଇ ପର ଜନ୍ମରେ ଅନୁଭବରେ ଆସିଥାଏ । ମଣିଷ ମୁଣ୍ଡରେ ଏହିଭଳି ରହିଥିବା ଖରାପ ଗୁଣଗୁଡିକ ହେଉଛନ୍ତି ୧) କାମ ୨) କ୍ରୋଧ ୩) ଲୋଭ ୪) ମୋହ ୫) ମଦ ୬) ମାତ୍ସର୍ଯ୍ୟ । ସେହିଭଳି ଭଲ ଗୁଣଗୁଡିକ ହେଉଛନ୍ତି ୧) ଦାନ ୨) ଦୟା ୩) ଉଦାରତା ୪) ବୈରାଗ୍ୟ ୫) ବିନୟ ୬) ପ୍ରେମ । ଏହିଭଳି ଦୁଇ ଦଳ ହୋଇ ରହିଥିବା ଗୁଣଗୁଡିକ ଭିତରୁ ପ୍ରେମ ନାମକ ଗୁଣ ଭଲଗୁଣ ଦଳରେ ରହିଥାଏ । ଖରାପଗୁଣ ଦଳର ଶେଷରେ ଥିବା ମାତ୍ସର୍ଯ୍ୟ ବା ଅସୂୟା ନାମକ ଗୁଣର ବ୍ୟତିରେକ ଭାବରେ ଭଲଗୁଣ ଦଳର ଶେଷରେ ଥିବା ପ୍ରେମଗୁଣ ରହିଥାଏ । ଅର୍ଥାତ୍ ଅସୂୟା ବା ଘୃଣା ନାମକ ଗୁଣର ବିପରୀତ ହୋଇ ରହିଥାଏ ପ୍ରେମଗୁଣ । ଅନ୍ୟମାନଙ୍କ ଉପରେ ଏହି ମାତ୍ସର୍ଯ୍ୟ ଭାବ ବା ଘୃଣ୍ୟଭାବ ରଖି କାର୍ଯ୍ୟକଲେ ପାପ ହୋଇଥାଏ । ସେହିଭଳି ଅନ୍ୟମାନଙ୍କ ଉପରେ ପ୍ରେମଭାବ ରଖି କାର୍ଯ୍ୟକଲେ ତଦ୍ଦ୍ୱାରା ପୁଣ୍ୟ ମିଳିଥାଏ । ଏହା ପ୍ରେମର ବାସ୍ତବ ରୂପ ହୋଇଥିବା ସ୍ଥଳେ, ପ୍ରେମ ହିଁ ଈଶ୍ୱର କହିବା ଅଧର୍ମ ହୋଇଥାଏ । ବାସ୍ତବରେ ପ୍ରେମ ହେଉଛି ଏକ ଗୁଣ, ଈଶ୍ୱର ହେଉଛନ୍ତି ନିର୍ଗୁଣ । ମଣିଷ ଭିତରେ ଥିବା ପ୍ରେମ ବାହ୍ୟ ଦୁନିଆରେ ପୁଣ୍ୟ ଆଣିଦେଇ ମଣିଷକୁ ପରଜନ୍ମକୁ ପଠାଇଥାଏ ।

ଏବେ ଏଇଠାରେ କେତେକଙ୍କଠାରେ ଏକ ପ୍ରଶ୍ନ କରିବା ସୁଯୋଗ ରହିଛି । ଖ୍ରୀଷ୍ଟବାଣୀ ବୋଧ କରୁଥିବା ଫାଦରମାନେ, ପାଷ୍ଟରମାନେ "ତୋର ପଡୋଶୀକୁ ବା ଅନ୍ୟକୁ ପ୍ରେମକର" ଏକଥା ଯୀଶୁ ବାଇବେଲରେ କହିଛନ୍ତି ବୋଲି କହିଥାନ୍ତି । ଆପଣ କହିବା ଭଳି ପ୍ରେମ ଏକ ଗୁଣ ବୋଲି କଣ ସେମାନେ ଜାଣି ନାହାନ୍ତି ? ବୋଲି ପଚାରି ପାରନ୍ତି । ଆମ ତରଫରୁ ଏ ପ୍ରଶ୍ନର ସମାଧାନ ହେଉଛି ! ଏ ପ୍ରଶ୍ନ ଆପଣମାନେ ଖ୍ରୀଷ୍ଟିଆନମାନଙ୍କୁ ପଚାରିଥିଲେ ଭଲ ହୋଇଥାନ୍ତା, ସେମାନଙ୍କୁ ସେମାନଙ୍କ ବାଇବେଲରେ

ଥିବା ବିଷୟ ଏଯାଏଁ ବୁଝାପଡି ନାହିଁ ବୋଲି କହିପାରିବା । ଈଶ୍ୱରଙ୍କ ଧର୍ମ ପ୍ରତ୍ୟେକ ମତାବଲମ୍ବୀ ପାଇଁ ଗୋଟିଏ ସିନା, ଅଲଗା ଅଲଗା ନୁହେଁ ବୋଲି ଆଗରୁ କହିଛୁ । ସମସ୍ତଙ୍କ ଭଳି ସେମାନଙ୍କ ମୁଣ୍ଡରେ ମଧ୍ୟ ଗୁଣ ରହିଛି । ଧର୍ମ ଅଧର୍ମକୁ ଅନୁସରଣ କରି କଥା କହିଲେ ପ୍ରେମ ଦ୍ୱାରା ସେମାନେ ମଧ୍ୟ ପୁଣ୍ୟ ସଞ୍ଚୟ କରିଥାନ୍ତି । ବାଇବେଲରେ ତୁମ ପଡୋଶୀକୁ ପ୍ରେମକର ବୋଲି କୁହାଯାଇଛି ସତକଥା, ହେଲେ ସେ ପଡୋଶୀ (ଅନ୍ୟ) କିଏ ସେମାନଙ୍କୁ ବୁଝାପଡି ନାହିଁ । ଘର ପାଖରେ ଥିବା ଲୋକମାନଙ୍କୁ ପଡୋଶୀ ବୋଲି ଭାବିଛନ୍ତି । ବାଇବେଲରେ ତୋ ଶରୀରର ପାଖରେ ଥିବା ପଡୋଶୀ ବାବଦରେ କୁହାଯାଇ ନାହିଁ । ତୋର ପଡୋଶୀ (ତୋ ପାଖରେ ଥିବା ଅନ୍ୟ ଜଣକ) ବାବଦରେ କୁହାଯାଇଛି । ତୁ ଶରୀର ଭିତରେ ରହୁଛୁ, ତେଣୁ ଶରୀର ଭିତରେ ଦେଖିବା ଉଚିତ୍ ସିନା ଶରୀର ବାହାରେ ଦେଖିବା ଉଚିତ୍ ନୁହେଁ । ଶରୀର ଭିତରେ କହିଲେ, ଶରୀର ଭିତରେ ତୁ ହେଉଛୁ ଜୀବ, ତୋ ପାଖରେ ତୋର ପଡୋଶୀ ହୋଇ ତୋର ଆତ୍ମା ରହିଛି ବୋଲି ବୁଝିବା ଉଚିତ୍ । ଅନ୍ତର୍ମୁଖ ଜ୍ଞାନ ନଥିବା ଖ୍ରୀଷ୍ଟିଆନମାନଙ୍କୁ ବାଇବେଲର ବାକ୍ୟ ବୁଝାପଡି ନାହିଁ ବୋଲି ଏହି ବିଷୟରୁ ଜଣାଯାଉଛି । ଶରୀର ବାହାରେ ଥିବା ସମସ୍ତ ବିଷୟ ଭୌତିକ ବିଷୟ ହୋଇଥାଏ । ତେଣୁ ବାହ୍ୟ ପ୍ରେମ ଅଧର୍ମ ହେବ, ଭିତର ପ୍ରେମ ଧର୍ମ କୁହାଯିବ । ଖ୍ରୀଷ୍ଟିଆନ ମାନଙ୍କୁ, ମୁସ୍ଲିମମାନଙ୍କୁ ଅନ୍ତର୍ମୁଖ ଜ୍ଞାନ ଜଣା ନାହିଁ କହିଲେ କେତେକ ସନ୍ଦର୍ଭରେ ଅତ୍ୟୁକ୍ତି ହେବ ନାହିଁ । ସେମାନଙ୍କ ଗ୍ରନ୍ଥରେ କୁହାଯାଇଥିବା ଜ୍ଞାନକୁ ସେମାନେ ବାହ୍ୟ ସ୍ଥୁଳବିଷୟ ଭାବରେ ହିସାବ କରିଥାନ୍ତି । ତେଣୁ ସେମାନଙ୍କୁ ସେମାନଙ୍କ ପ୍ରବକ୍ତାମାନେ କହିଥିବା ସୂକ୍ଷ୍ମଜ୍ଞାନ ଅଜଣା ରହିଯାଇଛି ବୋଲି କହିପାରିବା ।

ପରେ ପରେ ଜନ୍ମହୋଇଥିବା ଖ୍ରୀଷ୍ଟ ଏବଂ ଇସ୍ଲାମମତରେ କାହିଁକି ! ସବୁଠାରୁ ପ୍ରଥମେ ଜନ୍ମହୋଇଥିବା ହିନ୍ଦୁ ମତରେ ମଧ୍ୟ ସୂକ୍ଷ୍ମଜ୍ଞାନ ଜାଣିନଥିବା

ହିନ୍ଦୁମାନେ ଅନେକ ରହିଛନ୍ତି, ସେମାନଙ୍କୁ ସେମାନଙ୍କ ଭଗବଦ୍ଗୀତାର ଅନେକ ଧର୍ମଯୁକ୍ତ ଭାବ ଅଜଣା ରହିଯାଇଛି । ଧର୍ମ ଜଣାପଡିବା ଦ୍ୱାରା ବାହାରେ ତାହା ଅଧର୍ମ ଭାବରେ ଆଚରିତ ହେବାର ଦୁର୍ଯୋଗ ରହିଛି । ଭଗବଦ୍ଗୀତାରେ ଥିବା ଅନେକ ଧର୍ମଯୁକ୍ତ ବିଷୟ ମଣିଷକୁ ଅଧର୍ମ ଭାବରେ ବୁଝାପଡିଛି । ଗୀତାରେ ମାନବ ଶରୀରରେ ନିର୍ମିତ ହେଉଥିବା ଏକ ବିଷୟ ଉପରେ ଭଗବାନ କହିଥିବା ବେଳେ, ସେ ବିଷୟରେ ନଥିବା ଭାବକୁ ମଣିଷ କଳ୍ପନା କରିଛି, ତଦ୍ଦ୍ୱାରା ଭଗବାନଙ୍କ ଉଦ୍ଦେଶ୍ୟଠାରୁ ମଣିଷ ଦୂର ହୋଇ, ମଣିଷର ଉଦ୍ଦେଶ୍ୟକୁ ମଣିଷ ଗ୍ରହଣ କରିଛି । ପଣ୍ଡିତମାନେ ମଧ୍ୟ ପ୍ରକୃତ ଭାବକୁ ବୁଝିନପାରି ସେମାନଙ୍କ ସ୍ୱଭାବକୁ ମିଶାଇବା ଦ୍ୱାରା, ସେମାନଙ୍କ ପରେ ଆସୁଥିବା ନୂଆ ପଣ୍ଡିତମାନେ ମଧ୍ୟ ସେହି ଭାବକୁ ବୁଝୁଛନ୍ତି, କହୁଛନ୍ତି । ଆଜି ଭଗବଦ୍ଗୀତାରେ ଥିବା ଜ୍ଞାନକୁ ଅଜ୍ଞାନ ଅର୍ଥକରି, ନିଜ ନିଜର ଉଦ୍ଦେଶ୍ୟକୁ ଯଥାର୍ଥ ଜ୍ଞାନ ଭାବିବା ଦ୍ୱାରା ଗୀତାର ଧର୍ମସାରାଂଶ ଅବୁଝା ରହିଯାଇଛି । ଗୀତାରେ ଭଗବାନ କହିଥିବା ଧର୍ମବାଣୀକୁ ମଣିଷ କିପରି ଅଧର୍ମବାଣୀ କରିଦେଇଛି ଗୋଟିଏ ଉଦାହରଣରୁ ଜାଣି ପାରିବେ । ଗୀତାର ଜ୍ଞାନ ଯୋଗରେ ଥିବା ୧୩ତମ ଶ୍ଳୋକରେ-

**ଚାତୁର୍ବର୍ଣ୍ୟଂ ମୟାସୃଷ୍ଟ୍ୱଂ ଗୁଣକର୍ମ ବିଭାଗଶଃ ।**
**ତସ୍ୟକର୍ତ୍ତା ରମପିମାଂ ବିଦ୍ଧ୍ୟକର୍ତ୍ତା ରମବ୍ୟୟମ୍ ।।**

**ଭାବାର୍ଥ:-** ମଣିଷର କର୍ମ, ଗୁଣ ଅନୁସାରେ ମୁଁ ଚାରି ଜାତିକୁ ସୃଷ୍ଟି କରିଛି, ଏଭଳି ମୁଁ କର୍ତ୍ତା ହେଲେ ହେଁ, ଅବ୍ୟୟ ହୋଇଥିବା ମୁଁ ତାର କର୍ତ୍ତା ବୋଲି କେହି ଜାଣି ନପାରିବା ଭଳି ରହିଥାଏ ।

ଭଗବଦ୍ଗୀତାରେ ଥିବା ଧର୍ମଗୁଡିକ ଭିତରୁ ଏହା ଏକ ମୁଖ୍ୟ ଧର୍ମ । ଏହି ଶ୍ଳୋକ ବାବଦରେ ପ୍ରାୟ ତିନିଶହରୁ ଅଧିକ ପଣ୍ଡିତମାନେ ବିଭିନ୍ନ ଭାଷାରେ, ଓଡିଆରେ ମଧ୍ୟ ଅନୁବାଦ କରି ଭାବାର୍ଥ ଲେଖିଛନ୍ତି । ଏହି

ଶ୍ଳୋକର ଭାବାର୍ଥକୁ କେହି ଲେଖିଥିଲେ ମଧ୍ୟ, ଲେଖିଛନ୍ତି ଯେ, ମଣିଷକୁ ଚରି ଜାତି ଭାବରେ ଈଶ୍ୱର ହିଁ ତିଆରି କରିଛନ୍ତି, ସେମାନେ ହେଉଛନ୍ତି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର । ଆଜି ହିନ୍ଦୁ ସମାଜରେ ଏହି ଚରି ଜାତି ରହିବା ଦ୍ୱାରା ଈଶ୍ୱର ହିଁ ଏହି ଚରି ଜାତିଙ୍କୁ ତିଆରି କରିଛନ୍ତି ବୋଲି ଭାବିଛନ୍ତି । ବାସ୍ତବରେ ଏହି ଶ୍ଳୋକରେ କୌଣସି ଜାତିର ପ୍ରଶ୍ନ ହିଁ ନାହିଁ । ନଥିବା ବିଷୟ ଏହି ଶ୍ଳୋକର ଭାବାର୍ଥରେ ଦେଖାଯିବା ଦ୍ୱାରା, ବାସ୍ତବରେ ଈଶ୍ୱର କହିଥିବା ଭାବକୁ କେହି ମଧ୍ୟ ଜାଣିପାରି ନାହାନ୍ତି । ଶ୍ଳୋକରେ ଚରି ବର୍ଣ୍ଣ ବା ଜାତି ବାବଦରେ କହିଛନ୍ତି ସିନା ତାହା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ବୋଲି କେଉଁଠି କହି ନାହାନ୍ତି, କିନ୍ତୁ ଶ୍ଳୋକରେ ନଥିବା ବିଷୟ କେଉଁଠୁ ଆସିଲା ? ବୋଲି କେହି ଜଣେ ମଧ୍ୟ ନିଜ ଭିତରେ ପ୍ରଶ୍ନ ନକରି ଯାହା ଭାବାର୍ଥରେ ପଣ୍ଡିତମାନଙ୍କ ଦ୍ୱାରା ଲେଖାଯାଇଛି ତାହାକୁ ଗ୍ରହଣ କରିଛନ୍ତି । ମହା ମହା ପଣ୍ଡିତମାନେ ଲେଖିଛନ୍ତି, ସେମାନେ କଣ ଭୁଲ୍ ଲେଖିପାରନ୍ତି ବୋଲି ସମସ୍ତେ ଭାବିଛନ୍ତି, ସେମାନଙ୍କ ଲେଖାରୁ ସେମାନଙ୍କ ଅଜ୍ଞାନକୁ ହିଁ ବିଶ୍ୱାସ କରିବସିଛନ୍ତି । ମଝିରେ ଶ୍ଳୋକର ଭାବାର୍ଥକୁ ବୁଝାଇଥିବା ପଣ୍ଡିତ ମାନଙ୍କ କଥା ଅଧର୍ମ ବୋଲି କେହି ଜାଣିପାରି ନାହାନ୍ତି, ତଦ୍ଦ୍ୱାରା ଈଶ୍ୱରଙ୍କ ଉଦ୍ଦେଶ୍ୟ ଆଜିଯାଏଁ କାହାକୁ ଜଣା ନାହିଁ ।

ଈଶ୍ୱର ଚରିବର୍ଣ୍ଣ ସୃଷ୍ଟି କରିଛନ୍ତି ଏହା ସତକଥା, କିନ୍ତୁ ତାହା କଣ କଣ କହିପାରିବା ହେଉଛି ଏଠିକାର ସମସ୍ୟା । ଏପର୍ଯ୍ୟନ୍ତ ସେହି ଚରିବର୍ଣ୍ଣକୁ ଚରିଜାତି ବା ଚରିକୁଳ ବୋଲି ଅନେକ ଲୋକ ବର୍ଣ୍ଣନା କରିଛନ୍ତି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଭାବରେ ଚରିବର୍ଣ୍ଣ ସୃଷ୍ଟି ହୋଇଛି ବୋଲି ପ୍ରଚର ହୋଇଯାଇଛି, ତାହା ସତ କି ମିଛ ବିଚରକରି ଦେଖିଲେ,ସାରାଦୁନିଆକୁ ସୃଷ୍ଟି କରିଥିବା ଈଶ୍ୱର ଦୁନିଆର ମାନବକୁ ମଧ୍ୟ ପ୍ରକୃତି ଦ୍ୱାରା ସୃଷ୍ଟି କରିଛନ୍ତି । ହେଲେ ସାରାଦୁନିଆର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଦେଖିଲେ ଏହି ଚରିବର୍ଣ୍ଣ ଭାରତ ବ୍ୟତୀତ ଅନ୍ୟ କେଉଁଠାରେ ଦେଖାଯାଏ ନାହିଁ

କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ଦେଶମାନଙ୍କରେ ଏହି ଚାରିବର୍ଣ୍ଣ (ଚାରିଜାତି ବା ଚାରିକୁଳ) ବ୍ୟବସ୍ଥା ନାହିଁ, ଏହାଦ୍ୱାରା ଆମର ସନ୍ଦେହ ଜାତ ହୋଇଥାଏ । ଭଗବତ୍ ବାଣୀ ସର୍ବ ଜୀବଜାତି ପାଇଁ କାର୍ଯ୍ୟକାରୀ ହେବା ଉଚିତ୍ । ତେବେ ଏହି ଚାରିଜାତି କଥାଟି, ବିଦେଶରେ କାହିଁକି ଆମ ଭାରତରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଜଣାଯାଉଛି । ଈଶ୍ୱର ବାହ୍ୟତଃ କୌଣସି ମତ କିମ୍ବା ଜାତି ସୃଷ୍ଟି କରିନାହାନ୍ତି । କୁଳମତ ଭୂପୃଷ୍ଠର ମାନବ ତିଆରି କରିଛି ସିନା, ଈଶ୍ୱର ତିଆରି କରିନାହାନ୍ତି । ଆଉ କେତେକ **"ଗୁଣକର୍ମ ବିଭାଗ ବୋଲି କହିଛନ୍ତି ପରା ! ମଣିଷ କରୁଥିବା କାର୍ଯ୍ୟ ଅନୁସାରେ, ସେମାନଙ୍କୁ ଆମେ ଗୁଣ ଅନୁସାରେ ବିଭାଜନ କରିପାରିବା ! ଯେଉଁମାନେ ବେପାର କରୁଛନ୍ତି ସେମାନଙ୍କୁ ବୈଶ୍ୟ, ନୀଚକାର୍ଯ୍ୟ କରୁଥିବା ଲୋକମାନଙ୍କୁ ଶୂଦ୍ର, ରାଜ୍ୟ ପରିପାଳନା କରୁଥିବା ଲୋକମାନଙ୍କୁ କ୍ଷତ୍ରିୟ କହି ପାରିବା, ସେମାନଙ୍କ ଜନ୍ମରୁ ଆସିଥିବା ଜାତି ମୁଖ୍ୟ ନୁହେଁ, ସେମାନଙ୍କ କାର୍ଯ୍ୟ ଅନୁସାରେ ଜାତି ବିଭାଜନ କରିବା ଉଚିତ୍ । ଜନ୍ମରୁ ଜଣେ ବ୍ରାହ୍ମଣ ହୋଇଥିଲେ ମଧ୍ୟ ସେ ନୀଚକାର୍ଯ୍ୟ କଲେ ତାକୁ ଶୂଦ୍ର କହିବା ଉଚିତ୍ ।"** ବୋଲି କହୁଛନ୍ତି । ଈଶ୍ୱର କରିଥିବା କିମ୍ବା କହିଥିବା କଥା ଯାହାସବୁ ରହିଛି ତାହା ସର୍ବ ଜୀବରାଶି ପାଇଁ ଗ୍ରହଣୀୟ ହେଉଥିବା ବେଳେ, କେବଳ ମଣିଷ ହେଲେ ତାର ଚାରି ଜାତି ନିର୍ଣ୍ଣୟ କରିପାରିବା, କିନ୍ତୁ ଅନ୍ୟ ଜୀବରାଶି ଯେ ଅଛନ୍ତି ! ସେମାନଙ୍କୁ କେଉଁଭଳି ଜାତି ବିଭାଜନ କରି କହିବା ? କୁକୁର, ବିରାଡି, ମୂଷା, ଠେକୁଆ ଇତ୍ୟାଦି ଜୀବମାନେ ରହିଛନ୍ତି, ସେମାନଙ୍କ ଭିତରେ କିଏ ବ୍ରାହ୍ମଣ, କିଏ କ୍ଷତ୍ରିୟ, କିଏ ବୈଶ୍ୟ ଆଉ କିଏ ଶୂଦ୍ର କଣ ଆମେ ତାହା କହିପାରିବା ? ଏଭଳି କହିପାରିବା ଅସମ୍ଭବ । ତେଣୁ ସେହି ଚାରିବର୍ଣ୍ଣ ବାବଦରେ କହିନାହାନ୍ତି, ମାନବ ସୃଷ୍ଟି କରିଛି ବୋଲି ଜାଣିବା ଉଚିତ୍ । ଉପର ଶ୍ଳୋକରେ ଚାରିବର୍ଣ୍ଣ

ମୋ ଦ୍ୱାରା ସୃଷ୍ଟି କରାଯାଇଛି ବୋଲି କହିଛନ୍ତି ସତକଥା ! ହେଲେ ସେ କେଉଁଠାରେ କହିନାହାନ୍ତି ଯେ, ମୁଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ସୃଷ୍ଟି କରିଛି ! ଏହିଭଳି ଟିକିଏ ବିଚାର କଲେ, ଏହାପୂର୍ବରୁ କୁହାଯାଇଥିବା ଶ୍ଳୋକର ଭାବ ଠିକ୍ ନୁହେଁ ବୋଲି ସହଜରେ ଜାଣି ହେଉଛି । ଏହା ଯଦି ସଠିକ୍ ଭାବ ନୁହେଁ ତାହେଲେ ସଠିକ୍ ଭାବ କଣ ବୋଲି ସମସ୍ତଙ୍କଠାରେ ସନ୍ଦେହ ଆସୁଥିବ, ତେଣୁ ତାର ସମାଧାନ କଣ ହେବ ଜାଣିବା ।

ଉପରୋକ୍ତ ଶ୍ଳୋକର ଭାବାର୍ଥକୁ ଦୁଇ ଭାଗରେ ବିଭକ୍ତ କରି ଦେଖିପାରିବା, ସେହି ଦୁଇ ଭାଗରୁ ଶେଷ ଦ୍ୱିତୀୟ ଭାଗରେ "ଅବିନାଶୀ ବା ଅବ୍ୟୟ ହୋଇଥିବା ମୁଁ ତାର କର୍ତ୍ତା ହେଲେ ମଧ୍ୟ କେହି ଜାଣି ନପାରିବା ଭଳି ରହିଛି" ବୋଲି କହିଛନ୍ତି । ପ୍ରଥମ ଭାଗରେ "ଗୁଣ ଏବଂ କର୍ମକୁ ବିଭାଜନ କରି ସେହି ଅନୁସାରେ ମୁଁ ଚାରି ବର୍ଣ୍ଣ ଭାବରେ ପ୍ରଜାସୃଷ୍ଟି କରିଛି" ବୋଲି କହିଛନ୍ତି, ହେଲେ ସୃଷ୍ଟିକର୍ତ୍ତା ହୋଇଥିବା ଈଶ୍ୱର ମଣିଷର କର୍ମକୁ, ଗୁଣକୁ କିପରି ବିଭାଜନ କରିଛନ୍ତି, ସେହି ବିଭାଜନ ଅନୁସାରେ ମଣିଷକୁ ଚାରି ବର୍ଣ୍ଣ ଭାବରେ କିପରି କହିଛନ୍ତି ତାହା କାହାକୁ ଜଣା ନାହିଁ । ବର୍ଣ୍ଣ କହିଲେ କୁଳ ବା ଜାତି କହିବା ଭୁଲ୍ କି ଠିକ୍ କେହି ବିଚାର ନକରିବା ଦ୍ୱାରା, ମଣିଷ ଆଜି କହୁଥିବା ଚାରି ଜାତି ବାବଦରେ ସ୍ୱୟଂ ଈଶ୍ୱର କହିଛନ୍ତି ବୋଲି ସମସ୍ତେ ଭାବିଛନ୍ତି । ବାସ୍ତବରେ ବାହାରେ ଥିବା ଚାରି ଜାତି ବାବଦରେ ଶ୍ଳୋକରେ ଆଦୌ କୁହାଯାଇ ନାହିଁ । ଶ୍ଳୋକଟିକୁ ଦୁଇ ଭାଗରେ ବିଭାଜନ କରି ଦେଖିବା ବେଳେ, ପ୍ରଥମ ଭାଗରେ କର୍ମ, ଗୁଣର ବିଭାଗ ଅନୁସାରେ ଚାରିବର୍ଣ୍ଣ ସୃଷ୍ଟି ହୋଇଛନ୍ତି ବୋଲି ସ୍ପଷ୍ଟ ବୁଝାପଡୁଛି । କର୍ମ ଆଉ ଗୁଣ ମଣିଷର ମୁଣ୍ଡ ଭାଗରେ ଥିବା ଚାରିଚକ୍ରର ନିମ୍ନରୁ ପ୍ରଥମ ଚକ୍ରରେ ଗୁଣ, ଦ୍ୱିତୀୟ ଚକ୍ରରେ କର୍ମ ରହିଥାଏ । ବ୍ରହ୍ମ, କାଳ, କର୍ମ, ଗୁଣ ନାମକ ଚାରିଚକ୍ରରେ ଥିବା ସବୁଠାରୁ ତଳ ଚକ୍ରରେ ମୋଟ ଚାରିଗୋଟି ଭାଗ ରହିଥାଏ, ତା ଉପରେ ଥିବା କର୍ମଚକ୍ରରେ ମୋଟ ୧୨ଗୋଟି ଭାଗ

ରହିଥାଏ । କର୍ମଚକ୍ରର ୧୨ ଭାଗରୁ ପ୍ରତ୍ୟେକ ଭାଗରେ ନଅ (୯) ପ୍ରକାରର କର୍ମ ରହିଥାଏ । ଏହିଭଳି ମୋଟ ୧୦୮ପ୍ରକାରର କର୍ମ ଥାଏ । ତଳେ ଥିବା ଗୁଣଚକ୍ରରେ ବାହାରୁ ପ୍ରଥମ ତିନି ଭାଗର ପ୍ରତ୍ୟେକ ଭାଗରେ ୧୨ଗୋଟି ଲେଖାଏଁ ଗୁଣ ରହିଥାଏ । ସେଗୁଡିକ ଭିତରୁ ଛଅଗୋଟି ଗୁଣ ଭଲ, ଛଅଗୋଟି ଗୁଣ ମନ୍ଦ । ଏହିଭଳି ତିନି ଭାଗର ଗୁଣ ସଂଖ୍ୟା ୩୬ ଗୋଟି । ଗୁଣଚକ୍ରରେ ଥିବା ମଧ୍ୟଭାଗରେ କୌଣସି ଗୁଣ ନଥାଏ । ଏହିଭଳି ଗୁଣ ଥିବା ଭାଗ ତିନିଗୋଟି, ଗୁଣ ନଥିବା ଭାଗ ଗୋଟିଏ ମିଶି ମୋଟ ଗୁଣଚକ୍ରରେ ଚାରିଭାଗ ରହିଥାଏ । ଏହି ଗୁଣଚକ୍ର ଭାଗଗୁଡିକରୁ କୌଣସି ଏକ ଗୁଣଭାଗ ଭିତରେ କିମ୍ବା ଗୁଣ ନଥିବା ଭାଗରେ, ଶରୀରରେ ବାସ କରୁଥିବା ଜୀବ ରହିଥାଏ । ଗୁଣଚକ୍ରର ଏହି ଭାଗଗୁଡିକରେ ଜୀବ କେଉଁଠି କେତେବେଳେ ରହିବା ଉଚିତ୍ ତାହା ଉପରେ ଥିବା କର୍ମଚକ୍ରର ନିର୍ଣ୍ଣୟ ଅନୁସାରେ ରହିଥାଏ । ଜୀବ ଯେଉଁ ଭାଗରେ ନିବାସ କରିଥାଏ ସେହି ଭାଗ ଅନୁସାରେ ଜୀବକୁ ନାମିତ କରାଯାଇଥାଏ ।

ଗୁଣଚକ୍ରର ଏହି ଚାରି ଭାଗକୁ ଚାରିବର୍ଣ୍ଣ ଭାବରେ ଈଶ୍ୱର ବିଭାଜନ କରି କହିଛନ୍ତି । ଉପରେ ଥିବା କର୍ମ ଅନୁସାରେ ତଳେ ଥିବା ଗୁଣଚକ୍ରରେ ଜୀବ ରହିଥାଏ । ଜୀବ ଯେଉଁ ଗୁଣ ଭାଗରେ ରହିଥାଏ ସେହି ଗୁଣ ଭାଗର ନାମ ଅନୁସାରେ ଜୀବକୁ ଅମୁକ ବର୍ଣ୍ଣର ବୋଲି କୁହାଯାଏ । ବର୍ଣ୍ଣ କହିଲେ ଜାତି ନୁହେଁ ଗୁଣଗୁଡିକର ନାମ ବୋଲି ବୁଝିବା ଉଚିତ୍ । ଚାରି ଭାଗର ଚାରିଗୋଟି ନାମ ରହିଥିବାରୁ ତାହାକୁ ହିଁ ଚାରିବର୍ଣ୍ଣ ବୋଲି ଶ୍ଳୋକରେ କହିଛନ୍ତି । ଗୁଣଭାଗ ଅନୁସାରେ ବାହାରୁ ପ୍ରଥମ ଭାଗରେ ଥିବା ଜୀବକୁ ତାମସିକ ଜୀବ, ଦ୍ୱିତୀୟ ଭାଗରେ ଥିବା ଜୀବକୁ ରାଜସିକ ଜୀବ, ତୃତୀୟ ଭାଗରେ ଥିବା ଜୀବକୁ ସାତ୍ତ୍ୱିକ ଜୀବ, ଚତୁର୍ଥ ଭାଗରେ ଥିବା ଜୀବକୁ ଯୋଗୀ କୁହାଯାଇଛି । ଈଶ୍ୱରଙ୍କ ଉଦ୍ଦେଶ୍ୟରେ ତାମସ, ରାଜସ, ସାତ୍ତ୍ୱିକ, ଯୋଗୀ ନାମକ ଚାରି ବର୍ଣ୍ଣର ଲୋକମାନେ ଅଛନ୍ତି ବୋଲି ଶ୍ଳୋକରେ ଥିବା

ବେଳେ, ମଣିଷ ତାର ଇଚ୍ଛା ଅନୁସାରେ ବାହାରେ ଥିବା ଚାରି ବର୍ଣ୍ଣ ବା ଜାତିକୁ ଈଶ୍ୱର କହିଥିବା ଚାରିବର୍ଣ୍ଣ ଭାବିଛି । ଏଠାରେ ଈଶ୍ୱର ଜଣାଇଥିବା ବିଷୟ ଧର୍ମ ସମ୍ବନ୍ଧୀୟ ଜ୍ଞାନ ହୋଇଥିବା ବେଳେ, ମଣିଷ ଯାହା କହିଛି ତାହା ଅଧର୍ମ ସମ୍ବନ୍ଧୀୟ ଅଜ୍ଞାନ ହୋଇ ରହିଛି । ଈଶ୍ୱର ମଣିଷ ଭିତରେ ଥିବା ଜ୍ଞାନ କହିଛନ୍ତି ସିନା ବାହାରେ ଥିବା ଚାରିଜାତି ବିଷୟରେ କହି ନାହାନ୍ତି । ଶ୍ଳୋକରେ ନଥିବା ଜାତିର ନାଆଁକୁ ମଣିଷ ଦେଇଛି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ବୋଲି ନାଆଁ ନେଇ ଈଶ୍ୱର କହିନଥିବା ବେଳେ, ହଁ ଈଶ୍ୱର ଏହି ଚାରି ଜାତିଙ୍କ ବାବଦରେ କହିଥିବେ ଭାବି, ନିଜର ଭାବକୁ ପ୍ରୟୋଗ କରି ଶ୍ଳୋକର ଭାବାର୍ଥ ଲେଖିବା ବେଳେ ଲେଖିଛି । ମଣିଷ ଏହିଭଳି ଚାରିଜାତିଙ୍କୁ ତିଆରି କରି ଶେଷରେ ଥିବା ଶୂଦ୍ରମାନଙ୍କୁ ଛୁଇଁଲେ ଛୁଆଁ ବୋଲି କହିବା, ବାହ୍ୟତଃ ବହୁତ ବଡ ଅନ୍ୟାୟ, ଭିତରେ ଅଧର୍ମ । କୁଳ ବା ଜାତିପ୍ରଥାକୁ ଈଶ୍ୱର ସୃଷ୍ଟି କରିନାହାନ୍ତି । ଅଗ୍ରକୁଳର ଲୋକମାନେ ମନ୍ଦିରରେ ପ୍ରବେଶ କରିପାରିବେ, ଶୂଦ୍ରମାନେ ପ୍ରବେଶ କରିପାରିବେ ନାହିଁ, ସେମାନଙ୍କୁ ପ୍ରସାଦ ମଧ୍ୟ ହାତ ଉଠାଇ ଦିଆଯିବ ବୋଲି ନିୟମ ନିର୍ଣ୍ଣୟ ହେବା ବହୁତ ବଡ ଅଧର୍ମ । ଈଶ୍ୱର ଭଗବଦ୍ଗୀତାରେ ଚାତୁର୍ବର୍ଣ୍ୟଂ.. .. ନାମକ ଶ୍ଳୋକକୁ ଧର୍ମଯୁକ୍ତ ଭାବରେ କହିଥିବା ବେଳେ, ମଣିଷ ତାହାକୁ ନିଜର ସ୍ୱାର୍ଥରେ ଅଧର୍ମ କରିଦେଇଛି ବୋଲି ନିଃସନ୍ଦେହ ଜଣାଯାଉଛି । ଏବେ ଧର୍ମ ଆଉ ଅଧର୍ମ ବାବଦରେ ଥିବା କିଛି ଭିନ୍ନତାକୁ ଆପଣମାନେ ବୁଝିପାରିଥିବେ ବୋଲି ଭାବୁଛୁ । ସେହିଭଳି ମଣିଷ କରୁଥିବା ଅଧର୍ମ କିପରି ଅଛି ତାହା ଆଉ କିଛି ବିଷୟରୁ ଦେଖିବା ।

ପ୍ରାୟ ତିରିଶି ବର୍ଷ ତଳେ ଜଣେ ଉନ୍ନତ ବ୍ୟକ୍ତି, ଯେ କି ବ୍ରହ୍ମକୁମାରୀ (ଓଁ ଶାନ୍ତି) ସମାଜରେ ରହି ଜ୍ଞାନ ଜାଣିଥିଲେ, ସେ ଦିନେ ମୋତେ କହିଲେ–

**ସେ-** ଆପଣ ବେଦ ପଢିଛନ୍ତି ?

**ମୁଁ-** ନାଇଁ, ପଢି ନାହିଁ ।

**ସେ-** ବେଦ ନପଢି ଆପଣ ସ୍ୱାମୀଜୀ କିପରି ହେଲେ ?

**ମୁଁ-** ମୁଁ ଜଣେ ସ୍ୱାମୀଜୀ ବୋଲି ଏପର୍ଯ୍ୟନ୍ତ କାହାକୁ କହି ନାହିଁ । ବାହାର ଲୋକମାନେ ମୋତେ ସ୍ୱାମୀ ବୋଲି କହୁଛନ୍ତି । ବାସ୍ତବରେ ମୁଁ ଜଣେ ଯୋଗୀ । ସ୍ୱାମୀଜୀ ନୁହେଁ । ମୋତେ ସଂସ୍କୃତ ଜଣା ନଥିବାରୁ ବେଦ ପଢିପାରି ନାହିଁ । ଦ୍ୱିତୀୟ କାରଣ ହେଉଛି ବେଦ ପଢିବା ଦ୍ୱାରା ଈଶ୍ୱରଙ୍କୁ ଜାଣିହେବ ନାହିଁ । ତୃତୀୟ କାରଣ ହେଉଛି ବେଦ ଅଧର୍ମ ।

**ସେ-** ବେଦ ଅଧର୍ମ ! ସାରା ଭାରତରେ ଏଯାଏଁ ଏକଥା କେହି କହିନାହାନ୍ତି, କେହି କହିବାକୁ ସାହାସ କରିନଥିବା କଥା ଆପଣ କିପରି କହୁଛନ୍ତି ? ଏପର୍ଯ୍ୟନ୍ତ କେତେ ବଡ ବଡ ସ୍ୱାମୀଜୀମାନେ, ଜ୍ଞାନୀମାନେ ନିତ୍ୟ ଭାବରେ ବେଦପାରାୟଣ କରୁଛନ୍ତି । ବେଦ ଜାଣିବା ପାଇଁ ବେଦପାଠଶାଳା ତିଆରି ହୋଇଛି । ପ୍ରତି ପୂଜାରେ, ପ୍ରତି ଯଜ୍ଞରେ ଯଦି ବେଦମନ୍ତ୍ର ନାହିଁ ତାହେଲେ ତାହା ପୂଜା ନୁହେଁ କି ଯଜ୍ଞ ନୁହେଁ । ଭାରତୀୟ ସଂସ୍କୃତି ବେଦ ଉପରେ ଆଧାରୀତ ହୋଇ ରହିଛି । ବ୍ୟାସଦେବ ବେଦ ଲେଖି ବେଦବ୍ୟାସ ଭାବରେ ପରିଗଣିତ ହୋଇଥିଲେ । ବଡ ବଡ ପଣ୍ଡିତମାନେ ଦେଦକୁ ମହାନ କହୁଥିବା ବେଳେ ଆପଣ ବେଦକୁ ଏଭଳି ଅଧର୍ମ କହିବା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି । ଆପଣ ଏବେ କେଉଁ ଅନ୍ୟଧର୍ମ ନେଇ ନାହାନ୍ତି ତ ! ଗୋଟିଏ ଦିଗରେ ଦେଖିଲେ ଆପଣ ଜଣେ ସାଧାରଣ ମଣିଷ ନୁହନ୍ତି । ଆପଣଙ୍କ କଥାକୁ ଦେବତାମାନେ, ଭୂତପ୍ରେତମାନେ ଭୟକରନ୍ତି ବୋଲି ମୁଁ ସ୍ୱୟଂ ଦେଖିଛି, ଜାଣିଛି । ଏତେ ମହାନ ଲାଗୁଥିବା ଆପଣ ଏଭଳି ବିଚିତ୍ର କଥା କିପରି କହୁଛନ୍ତି ?

**ମୁଁ-** ଏ ଦେଶରେ ଲୋକେ ବେଦକୁ କିପରି ଜାଣନ୍ତି ତାହା ମୁଁ ଭଲ ଭାବରେ ଜାଣିଛି । ସମସ୍ତେ ବେଦକୁ ମହାନ କହୁଥିବା ବେଳେ, ମୁଁ ବେଦକୁ ଅଧର୍ମ କହିଲେ ଆପଣଙ୍କ ପାଇଁ ଆଶ୍ଚର୍ଯ୍ୟ ହୋଇପାରେ, ବାଧାକର ବିଷୟ ହୋଇପାରେ, କିନ୍ତୁ ସମସ୍ତଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ମୋତେ ଏଭଳି କହିବାକୁ ପଡୁଛି । ଏକଥା ମୁଁ ସ୍ୱୟଂ କହୁନାହିଁ, ଦୈବାଂଶ ସମ୍ଭୁତ ଭଗବାନ ଶ୍ରୀକୃଷ୍ଣ ଭଗବଦ୍ଗୀତାରେ ଏକଥା କହିଛନ୍ତି । ଭାରତରେ ବେଦ ଯିଏ ନପଢିଛି ସିଏ ଆଧ୍ୟାତ୍ମିକ ଜାଣି ନାହିଁ ବୋଲି କହନ୍ତି । ଆପଣ କହିବା ଭଳି ବେଦମନ୍ତ୍ର ନପଢିଲେ କୌଣସି ଶୁଭକାର୍ଯ୍ୟ ହୁଏ ନାହିଁ ବୋଲି ସମସ୍ତେ ଭାବନ୍ତି । ଏଇ ମଧ୍ୟକାଳୀନ ସମୟରେ ଜଣେ ଆମେରିକା ପ୍ରେସିଡେଣ୍ଟ୍ ତାଙ୍କ ପଦବୀରେ ବସିବା ଆଗରୁ ଭାରତରୁ ବେଦପଣ୍ଡିତ ମାନଙ୍କୁ ଡକାଇ ବେଦପାରାୟଣ କରି ପଦବୀ ଗ୍ରହଣ କରିଥିଲେ ବୋଲି ଜଣାଯାଏ । ଏହି ଅନୁସାରେ ଭାରତ କାହିଁକି ବିଦେଶରେ ମଧ୍ୟ ବେଦର ପ୍ରଭାବ ରହିଛି ବୋଲି ଜଣାଯାଉଛି, ଏବେ ନୂଆକଥା କଣ ଜାଣନ୍ତି ! ଖ୍ରୀଷ୍ଟିୟମାନେ, ମୁସ୍ଲିମମାନେ ବେଦ ମନ୍ତ୍ରକୁ ପଢି ସେଥିରେ ସେମାନଙ୍କ ଯୀଶୁଙ୍କ ବାବଦରେ କୁହାଯାଇଛି ବୋଲି ଖ୍ରୀଷ୍ଟିଆନମାନେ କହୁଥିବା ବେଳେ, ମୁସ୍ଲିମମାନେ ମଧ୍ୟ ବେଦରେ ଆମ ପ୍ରବକ୍ତାଙ୍କ ବାବଦରେ ଲେଖାଯାଇଛି ବୋଲି କହୁଛନ୍ତି । ତାଛଡା ବେଦକୁ ମନେ ରଖି ପ୍ରାଞ୍ଜଳ ଭାବରେ କହିପାରୁଥିବା ମୁସ୍ଲିମମାନଙ୍କୁ ମଧ୍ୟ ମୁଁ ଦେଖିଛି । ପୂର୍ବେ କେବଳ ହିନ୍ଦୁମାନଙ୍କର କୁହାଯାଉଥିବା ବେଦ ଆଜି ଖ୍ରୀଷ୍ଟିଆନମାନେ, ମୁସ୍ଲିମମାନେ ପଢୁଛନ୍ତି, କିନ୍ତୁ ମଣିଷ ଯାହାକୁ ମହାନ କହୁଛି ତାହାକୁ ଈଶ୍ୱର କିପରି କହୁଛନ୍ତି ବୋଲି ବିଚାର କରିବା ଦରକାର । ଈଶ୍ୱର ଯାହାକୁ ଧର୍ମ କହିଛନ୍ତି, ତାହା ପୃଥିବୀର ସମସ୍ତେ ଅଧର୍ମ କହିଲେ ମଧ୍ୟ, ମୁଁ କେବଳ ଧର୍ମକୁ ସ୍ୱୀକାର କରିବି । ସେହିଭଳି ସମସ୍ତଙ୍କର ଆମୋଦଯୋଗ୍ୟ ବିଷୟକୁ ଈଶ୍ୱର ଯଦି ଅଧର୍ମ କହିଛନ୍ତି, ମୁଁ ସେ ବିଷୟକୁ ତୀରସ୍କାର କରିବି, ସେଇକଥାକୁ ସମସ୍ତେ ଜାଣିବା, ଶୁଣିବା ଭଳି କହିବି ।

ଈଶ୍ୱର ତାଙ୍କ ବାଣୀରେ ଚାରିଗୋଟି ଅଧର୍ମ ବିଷୟରେ କହିବା ସମୟରେ, ଚାରି ଅଧର୍ମ ଭିତରୁ ବେଦ ମଧ୍ୟ ଗୋଟିଏ ଅଧର୍ମ ବୋଲି କହିଛନ୍ତି । ବେଦ ଦ୍ୱାରା ମୋତେ ଜାଣିବା ସମ୍ଭବ ନୁହେଁ ବୋଲି ସ୍ୱୟଂ ଈଶ୍ୱର ଜଣାଇଥିବା ବେଳେ, ତାହା ଜାଣି, ଶୁଣି ମଧ୍ୟ ବେଦକୁ ଆଶ୍ରୟ କରିବା ଭଳି ଅଜ୍ଞାନ ଆଉ କଣ ଥାଇପାରେ ? ଯାହା କରିବା କଥା ନୁହେଁ ବୋଲି ଈଶ୍ୱର ଜଣାଇଛନ୍ତି, ତାହା କରିବା କଣ ଈଶ୍ୱରଙ୍କ କଥାକୁ ତୀରସ୍କାର କରିବା ଭଳି ନୁହେଁ ! ଈଶ୍ୱରଙ୍କୁ ଅସମ୍ମାନ କରିବା ଭଳି ନୁହେଁ ! ଆମେ ଈଶ୍ୱର ଭକ୍ତ, ଆମେ ଜ୍ଞାନୀ, ଆମେ ଜ୍ଞାନରେ ବୁଡି ରହିଛୁ, ଆମେ ଈଶ୍ୱରଙ୍କୁ ପ୍ରତ୍ୟକ୍ଷ ଭାବରେ ଦେଖିପାରୁଛୁ ବୋଲି ନିଜକୁ ନିଜେ ମହାନ କରି କହୁଥିବା ଜ୍ଞାନୀମାନେ ଈଶ୍ୱର ମନା କରିଥିବା ବେଦକୁ କାହିଁକି ଛାଡିପାରୁ ନାହାନ୍ତି ? ବୋଲି ଯଦି ପ୍ରଶ୍ନ କରାଯାଏ ତେବେ ତାର ଗୋଟିଏ ଜବାବ ମିଳିବ । ତାହା ହେଲା ! ଈଶ୍ୱରଙ୍କ ଧର୍ମକୁ ମଣିଷ ବୁଝିପାରି ନଥିବାରୁ ଛାଡିପାରୁନାହାନ୍ତି ।

**ସେ–** ଆପଣ କହିବା ଭଳି ଈଶ୍ୱର ଜଣାଇଥିବା ଧର୍ମ କିଛିଲୋକଙ୍କୁ ବୁଝାପଡି ନାହିଁ କହିଲେ ସ୍ୱୀକାର କରିପାରିବା । ହେଲେ ଏତେଜଣ ଛୋଟ, ବଡ ସ୍ୱାମୀଜୀମାନେ, ମଠାଧିପତିମାନେ, ପିଠାଧିପତିମାନେ, ଗୁରୁମାନେ, ବ୍ରାହ୍ମଣମାନେ, ପଣ୍ଡିତମାନେ ସମସ୍ତେ କିପରି ଜାଣିପାରିଲେ ନାହିଁ ? ଏହାର କାରଣ କଣ ହୋଇପାରେ ? ଆପଣ କହୁଥିବା କଥା ମୋତେ ଗୋଟିଏ ଦିଗରୁ ସତ୍ୟ ବୋଧ ହେଉଥିଲେ ମଧ୍ୟ, ଆଉ ଗୋଟିଏ ଦିଗରେ ମୁଁ ବିଶ୍ୱାସ କରିପାରୁ ନାହିଁ । ତାଛଡା ଆପଣଙ୍କ କଥା ଶୁଣିବା ଉଚିତ୍ ନୁହେଁ ବୋଲି ଭିତରୁ କିଏ ବଳପୂର୍ବକ କହିବା ଭଳି, ଆପଣ ଯାହା କହୁଛନ୍ତି ସେଥିରେ ମଣିଷ ଅବାଟକୁ ଚାଲିଯିବ ବୋଲି ଲାଗୁଛି । ସତ କି ମିଛ ବୋଲି ସବୁକଥାରେ ବିଚାର କରୁଥିବା ମୋତେ ଏହି କଥାରେ ବିଚାର ନକରି ମଧ୍ୟ ଆପଣଙ୍କ କଥା ଭୁଲ୍ ବୋଲି କାହିଁକି ଲାଗୁଛି ?

**ମୁଁ–** ଆପଣଙ୍କୁ କାହିଁକି ଏମିତି ଲାଗୁଛି କହୁଛି ଶୁଣନ୍ତୁ । ବେଦଦ୍ୱାରା ମୋତେ

ଜାଣିବା ଅସମ୍ଭବ କହିବା ସହିତ, ବେଦ ବିଷୟରେ ଭଗବଦ୍ଗୀତାର ସାଂଖ୍ୟ ଯୋଗରେ ଥିବା ୪୮ତମ ଶ୍ଳୋକରେ ମଧ୍ଯ କହିଛନ୍ତି ଯେ,

**ତ୍ରୈଗୁଣ୍ୟ ବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ !**
**ନିର୍ଦ୍ଵନ୍ଦ୍ୱୋ ନିତ୍ୟ ସତ୍ତ୍ୱସ୍ଥୋ ନିର୍ଯୋଗକ୍ଷମ ଆତ୍ମବାନ୍ ॥**

**ଭାବାର୍ଥ:-** ବେଦ ହେଉଛି ତିନି ଗୁଣରାଜିର ବିଷୟ, ସେହି ତିନି ଗୁଣକୁ ଛାଡ଼୍ । ରାଗ ଦ୍ୱେଷ ନାମକ ଦ୍ୱନ୍ଦକୁ ଛାଡ଼ି ଯୋଗୀ ହୋଇଯାଆ ।

**ସେହିଭଳି ବିଜ୍ଞାନ ଯୋଗର, ୧୩ ଆଉ ୧୪ ତମ ଶ୍ଳୋକରେ -**

**ଶ୍ଳୋକ,୧୩ :** **ତ୍ରିଭିର୍ଗୁଣୈ ମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।**
**ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥**

**ଭାବାର୍ଥ :** ସାରା ଜଗତ ସାତ୍ତ୍ୱିକ, ରାଜସ, ତାମସ ଗୁଣଗୁଡ଼ିକର ପ୍ରଭାବରେ ମୋହିତ ହୋଇ ମୁଁ ଅବ୍ୟୟ ମୋକ୍ଷ ବୋଲି ଜାଣିପାରେ ନାହିଁ ।

**ଶ୍ଳୋକ,୧୪ :** **ଦୈବିହ୍ୟେସା ଗୁଣମୟୀ ମମମାୟା ଦୂରତ୍ୟୟା ।**
**ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥**

**ଭାବାର୍ଥ :-** ଦୈବନିର୍ମିତ ଗୁଣଯୁକ୍ତ ମୋର ମାୟା ଅତି ଦୁଃସାଧ୍ୟ । ଯିଏ ମୋ ଠାରେ ଶରଣନିଏ ସେ ମାୟାକୁ ଜିତିପାରେ ।

ଭଗବଦ୍ଗୀତାର ଏହି ତିନିଗୋଟି ଶ୍ଳୋକକୁ ପରିଶୀଳନ କଲେ କାହାକୁ ମଧ୍ଯ ଜଣାନଥିବା ବଡ଼ ରହସ୍ୟ ବହିର୍ଗତ ହୋଇଥାଏ । ଜଗତର ସମସ୍ତଙ୍କୁ ଭ୍ରମିତ କରି, କୌଣସି ବ୍ୟକ୍ତିକୁ ମଧ୍ଯ ତୁ ଉପଯୁକ୍ତ ମାର୍ଗରେ ଅଛୁ ବୋଲି ବିଶ୍ୱାସ ଅଣାଇ, ଈଶ୍ୱରଙ୍କ ଦିଗରେ ଯିବାକୁ ନଦେଇ, ଭୌତିକ ବିଷୟରେ ବୁଡ଼ାଇ ଦେଉଥିବା ମାୟାକୁ ଈଶ୍ୱର ହିଁ ତିଆରି କରିଛନ୍ତି, ସେହି ମାୟା ପ୍ରତି ମଣିଷ ମୁଣ୍ଡରେ ଥିବା ଗୁଣଚକ୍ରରେ ତିନିଗୋଟି ଗୁଣ ରୂପରେ

ଅଛି । ପ୍ରତ୍ୟେକ ମଣିଷର ମୁଣ୍ଡରେ ମାୟା ଗୁଣ ରୂପରେ ରହି, ଦୈବଜ୍ଞାନକୁ ବୁଝି ନପାରିବା ଭଳି କରି, ଦୈବଧର୍ମରୁ ଦୂର କରାଇଥାଏ । ଦୈବଜ୍ଞାନକୁ ଜାଣିବାକୁ ହେଲେ କୌଣସି ମଣିଷ ହେଉ ପ୍ରଥମେ ମାୟାକୁ ଜୟକରି, ତାହାକୁ ଅତିକ୍ରମ କରିବାକୁ ପଡିବ । ଏହିଭଳି ମାୟାକୁ ଅତିକ୍ରମ କରିବା ବଡ ଦୁଃସାଧ କାର୍ଯ୍ୟ ବୋଲି ସ୍ୱୟଂ ଈଶ୍ୱର ହିଁ ଶ୍ଳୋକରେ ଜଣାଇଛନ୍ତି । ଏହି ସାରା ଜଗତ ଗୁଣ ହୋଇଥିବା ତାମସ, ରାଜସ, ସାତ୍ତ୍ୱିକ ନାମକ ତିନି ଗୁଣରେ ଛନ୍ଦିହୋଇ ରହିଛି । ତେଣୁ ଗୁଣରାଜି ନାମକ ମାୟାରେ ମଣିଷ ଛନ୍ଦିହୋଇ ରହିଥିବାରୁ, କୌଣସି ମଣିଷ ଦୈବଙ୍କ (ଈଶ୍ୱରଙ୍କ) ବାବଦରେ ଜାଣିପାରୁ ନାହିଁ । ମାୟା କାହାକୁ ମଧ୍ୟ ଛାଡୁନଥିବା ମହାନ ଶକ୍ତି, ତାକୁ ଜିତିବା ଦୁଃସାଧ, ତାହା ଗୁଣ ରୂପରେ ରହିଛି, ଗୁଣରାଜିକୁ ବିଭାଜନ କରି ଦେଖିଲେ ତାହା ଅନେକ ବିଷୟ ରୂପରେ ରହିଛି, ତିନି ଗୁଣର ବିଷୟ ଅର୍ଥାତ୍ ୩୬ ପ୍ରକାରର ବିଷୟ ବେଦରେ ରହିଛି ବୋଲି ଗୀତାରେ ସ୍ପଷ୍ଟ ଭାବରେ କୁହାଯାଇଛି । ଗୁଣରାଜିରେ ପୂର୍ଣ୍ଣ ହୋଇ ରହିଥିବା ବେଦ ହିଁ ଅଧର୍ମ ବୋଲି ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଆଉ ୫୩ତମ ଶ୍ଳୋକରେ ଭଗବାନ କହିଛନ୍ତି । ବେଦ ଦ୍ୱାରା ତାଙ୍କୁ ଚିହ୍ନିହୁଏ ନାହିଁ ବୋଲି ଖୋଲି କହିଦେଇଛନ୍ତି । ଗୀତାରେ ଥିବା ଏଇ ପାଞ୍ଚଗୋଟି ଶ୍ଳୋକକୁ ବୁଝିପାରିଲେ କୌଣସି ବ୍ୟକ୍ତି ମଧ୍ୟ ବେଦର ପାଖ ମାଡିବ ନାହିଁ, ହେଲେ ବେଦ ଭଗବଦ୍ଗୀତା ଆସିବା ଆଗରୁ ଥିଲା, ଭଗବଦ୍ଗୀତା ଅପେକ୍ଷା ବେଦ ମହାନ ବୋଲି ମଣିଷ ମୁଣ୍ଡରେ ଥିବା ମାୟା ଶିଖାଇଥିବାରୁ, ସମସ୍ତେ ମାୟା କଥାରେ ପଡି ବେଦକୁ ଆଶ୍ରୟ କରିଛନ୍ତି, ବେଦ ହିଁ ମୁଖ୍ୟ ବୋଲି କହୁଛନ୍ତି । ବେଦକୁ ଲେଖିଥିବା ବ୍ୟାସ ନିଜର ଭୁଲ ସ୍ୱୀକାର କରି, ଶେଷରେ ମାୟାଜାଲରୁ ବାହାରି ପାପର ପ୍ରାୟଶ୍ଚିତ କରିବା ଉଦ୍ଦେଶ୍ୟରେ ଭଗବଦ୍ଗୀତା ଲେଖିଥିଲେ, କିନ୍ତୁ ଭଗବଦ୍ଗୀତାକୁ ସମସ୍ତେ ଭୁଲିଯାଇଛନ୍ତି । ବ୍ୟାସ ଥିଲେ ମହା ଜ୍ଞାନୀ, ତେଣୁ ବେଦ ରୂପରେ, ଗୁଣ ରୂପରେ ଥିବା ମାୟାକୁ ସେ ଜୟ କରିପାରିଥିଲେ ।

ଅନେକ ସ୍ୱାମୀଜୀ ଅଛନ୍ତି, ପିଠାଧିପତିମାନେ ଅଛନ୍ତି, ବାବାମାନେ, ମାତାମାନେ ଅଛନ୍ତି,ସନ୍ନ୍ୟାସୀମାନେ,ଆଧ୍ୟାତ୍ମିକବେତ୍ତାମାନେ ମଧ୍ୟ ଅଛନ୍ତି, ହେଲେ କଣ ହେବ! ସେମାନେ ମାୟାଜାଲରୁ ବାହାରି ନପାରି, ନିଜ ମୁଣ୍ଡରେ ଥିବା ମାୟାକୁ ଜୟ କରି ନପାରି, ଈଶ୍ୱର କିଏ ବୋଲି ନଜାଣି, ମାୟାର ପ୍ରତିରୂପ ହୋଇ ବେଦ ବୋଲି ନଜାଣି ସବୁଦିନ ବେଦପଠନ କରୁଛନ୍ତି । ବେଦମନ୍ତ୍ରରେ ଯୋଡିହୋଇ ଥିବା ଆରାଧନା କରୁଛନ୍ତି । ଆଜି କିଛି ଜଣାନଥିବା ଲୋକମାନେ ଜାଣିଥିବା ଲୋକ ଭାବରେ ପରିଗଣିତ ହେଉଛନ୍ତି । ଅନ୍ୟ ବଞ୍ଚିବା ବୃତ୍ତି ବ୍ୟତୀତ ଅତୀତରେ ଭକ୍ତି ବିଷୟରେ, ଜ୍ଞାନ ବିଷୟରେ କିଛି ଜାଣିଥିବା ଗୁରୁମାନଙ୍କୁ, ସ୍ୱାମୀଜୀମାନଙ୍କୁ, ପୁରୋହିତ ମାନଙ୍କୁ ଆଶ୍ରୟ କରି, ସେମାନଙ୍କ କଥା ଅନୁସାରେ ବଞ୍ଚୁଥିଲେ । ଜାଣିନଥିବା ଲୋକମାନେ ଜାଣିଥିବା ଲୋକମାନଙ୍କୁ ଆଶ୍ରୟ କରିବା ସର୍ବସାଧାରଣ କଥା ହୋଇଥିବା ସ୍ଥଳେ, ଜାଣିଥିବା ଲୋକମାନଙ୍କ ମୁଣ୍ଡରେ ବେଦ, ବେଦ ସମ୍ବନ୍ଧୀୟ କାର୍ଯ୍ୟର ଧ୍ୟାନ ରହିଥିବାରୁ, ବେଦମନ୍ତ୍ର ରହିଥିବା ଯଜ୍ଞରେ, ମନ୍ତ୍ରଯୁକ୍ତ ଆରାଧନା କରିବା ଉଚିତ୍ କହିବା ଦ୍ୱାରା, କହୁଥିବା ଲୋକ ଶୁଣୁଥିବା ଲୋକର ଗୁରୁ ହୋଇ, ଭକ୍ତି, ଜ୍ଞାନ ମାର୍ଗରେ ଉପଦେଶ ଦେବା ଦ୍ୱାରା ସେମାନେ ଯାହାସବୁ କହିଥାନ୍ତି ତାହା ସମସ୍ତେ ଜାଣିଯାଇଥାନ୍ତି । ଏହି ପଦ୍ଧତି ଅନୁସାରେ ପୂର୍ବରୁ ମୁଣ୍ଡ ଭିତରର ମାୟାରେ ରହି, ମାୟା ପ୍ରଭାବରେ ଅନ୍ୟମାନଙ୍କୁ ଭକ୍ତି, ଜ୍ଞାନ ବୋଧ କରୁଥିବାରୁ, ଜଣେ ବ୍ୟକ୍ତିକୁ କେତେ ହଜାର, କିମ୍ବା କେତେ ଲକ୍ଷ ଲୋକ ଅନୁସରଣ କରି, ଅଧର୍ମ ହୋଇଥିବା ବେଦ, ଯଜ୍ଞ, ଦାନ, ତପସ୍ୟାଦି ଆଚରଣ କରି, ଆମେ ଉଚିତ୍ ମାର୍ଗରେ ଅଛୁ ବୋଲି ତୃପ୍ତି ଅନୁଭବ କରିଥାନ୍ତି, ସେମାନେ ଯାହା ଅନୁସରଣ କରୁଛନ୍ତି ତାହା ଉଚିତ୍ ପଦ୍ଧତି ନୁହେଁ ବୋଲି ସେମାନଙ୍କୁ ଜଣା ନାହିଁ, ତଦ୍ଦ୍ୱାରା ଈଶ୍ୱରଙ୍କୁ, ଈଶ୍ୱରଙ୍କ ଧର୍ମକୁ ଜାଣିହେବ ନାହିଁ, ଯାହା ଆଚରଣ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଅଧର୍ମ ବୋଲି ସେମାନଙ୍କୁ ଜଣା ନାହିଁ ।

ଜଣେ ପ୍ରାୟ ୩୦ବର୍ଷ ହେଲା ତାର ଗୁରୁ ଦେଇଥିବା ଉପଦେଶ ଅନୁସାରେ ସବୁଦିନ ସକାଳୁ ଉଠି କିଛି ବେଦମନ୍ତ୍ର ପଢୁଥିଲା । କୌଣସି ଏକ ସନ୍ଦର୍ଭରେ ସେ ମୋ ସହିତ ସାକ୍ଷାତ ହୋଇ କଥାହେବା ବେଳେ, ସେ ଜଣେ ଗୁରୁଙ୍କୁ ଆଶ୍ରୟ କରିଛି, ତାଙ୍କଠାରୁ ମନ୍ତ୍ରୋପଦେଶ ପାଇଛି, ତାର ଗୁରୁ କହିବା ଭଳି ଧ୍ୟାନ କରୁଛି, ତାଛଡା ଗରୁଙ୍କ ଆଜ୍ଞା ଅନୁସାରେ ପ୍ରତିଦିନ ସକାଳୁ ଅଧଘଣ୍ଟା ବେଦପାରାୟଣ କରୁଛି ବୋଲି କହିଲା । ସେତେବେଳେ ମୁଁ ତାକୁ ପଚାରିଲି, "ତୁ ମନ୍ତ୍ରୋପଦେଶ ପାଇ ମନ୍ତ୍ରଧ୍ୟାନ କରୁଛୁ ପରା ! ପୁଣି ବେଦ କାହିଁକି ପଢୁଛୁ ?" ସେ କହିଲା, "ମୁଁ ବ୍ରାହ୍ମଣ, ନିଶ୍ଚୟ ବେଦପାଠ କରିବା ଉଚିତ୍ ବୋଲି ମୋ ଗୁରୁ କହିଛନ୍ତି" । ଏହିଭଳି ମାୟା ଅନେକ ଗୁରୁମାନଙ୍କୁ ନିଜ ପକ୍ଷରେ ନେଇଯିବା ଦ୍ୱାରା, ଜଣେ ଗୁରୁଙ୍କୁ ଆଶ୍ରୟ କରି ଲକ୍ଷ ଲକ୍ଷ ଲୋକ ମାୟା ପ୍ରଭାବରେ ଛନ୍ଦି ହୋଇଯାଉଛନ୍ତି । ଏହିଭଳି ଜଣେ ମାୟା ଜାଲରେ ପଡିଗଲେ ସାରା ଜୀବନ ସେଥିରୁ ବାହାରି ଆସିବା ସମ୍ଭବ ହୋଇନଥାଏ, ତାକୁ ସ୍ୱୟଂ ଈଶ୍ୱର ଆସି କହିଲେ ମଧ୍ୟ ଶୁଣି ନଥାଏ । ଭୂପୃଷ୍ଠରେ ମାୟାର ପ୍ରଭାବ ବଢିଯିବା ଦ୍ୱାରା ସମସ୍ତେ ଅଧର୍ମକୁ ହିଁ ଧର୍ମ ଭାବିବା ଦ୍ୱାରା ଶେଷରେ ଧର୍ମର ଅସ୍ତିତ୍ୱ ରହୁନାହିଁ । ଆଜି କର୍ମଯୋଗ, ବ୍ରହ୍ମଯୋଗ କଣ ନଜାଣିବା ସ୍ଥିତିରେ ଲୋକେ ରହିଛନ୍ତି । ଏହି ପରିସ୍ଥିତକୁ ଲକ୍ଷ୍ୟକରି ଈଶ୍ୱର ଭଗବାନ ହୋଇ ଆସିଥାନ୍ତି, ତାଙ୍କ ଧର୍ମକୁ ଜ୍ଞାନ ରୂପରେ ବୋଧ କରିଥାନ୍ତି, ଧର୍ମ ସମ୍ବନ୍ଧୀୟ କାର୍ଯ୍ୟ ବାବଦରେ କହିଥାନ୍ତି; ତଥାପି ମାୟା କଥା ଆଗରେ ଈଶ୍ୱରଙ୍କ ବାଣୀର ମୂଲ୍ୟକୁ କେହି ଗ୍ରହଣ କରିପାରନ୍ତି ନାହିଁ । ଯାହା ମୁଣ୍ଡଭିତରୁ ମାୟା ଦ୍ୱାରା ବୋଧ କରାଯାଉଛି ତାହା ନଶୁଣି କେହି ବାହାର କଥା ଶୁଣନ୍ତି ନାହିଁ, ତେଣୁ ଈଶ୍ୱରଙ୍କ ବାଣୀର ମହିମାକୁ କେହି ଶୁଣନ୍ତି ନାହିଁ । କେବଳ ବେଦର ଆଚରଣରେ ରହିଥିବା ଧର୍ମ ଅଧର୍ମ ବାବଦରେ କେହି ଜାଣିପାରି ନଥିବାବେଳେ ଆହୁରି ତିନିଗୋଟି ମୁଖ୍ୟ ଅଧର୍ମ ମଧ୍ୟ ରହିଛି, ସେ ବିଷୟରେ କହିଲେ ମଣିଷ ଈଶ୍ୱରଙ୍କ ମାର୍ଗରୁ ବହୁତ ଦୂରରେ ଅଛି ବୋଲି କହିପାରିବା ।

ପୂର୍ବେ ଦ୍ୱାପର ଯୁଗରେ ପ୍ରଜାଲୋଚନରେ ମହାନ ଥିବା ମହର୍ଷିମାନେ ହିଁ ବେଦ, ଯଜ୍ଞର ଅଭ୍ୟାସରେ ପଡିଯାଇଥିଲେ । ମହର୍ଷିମାନେ ଯେଉଁକାର୍ଯ୍ୟ କରନ୍ତି ତାହା ମହାନ କାର୍ଯ୍ୟ ହୋଇଥାଏ, ଯାହା କହନ୍ତି ତାହା ମହାନ କଥା ହୋଇଥାଏ, ସେମାନଙ୍କ ଆଚରଣରେ ଧର୍ମ ହିଁ ଧର୍ମ ଥାଏ ବୋଲି ଅନ୍ୟମାନେ ଭାବୁଥିଲେ । ଆଜିର କାଳରେ ମହର୍ଷିମାନେ ଆଉ ନାହାନ୍ତି, ସେମାନଙ୍କ ସ୍ଥାନରେ ଅଛନ୍ତି ବ୍ରାହ୍ମଣମାନେ । ବ୍ରାହ୍ମଣମାନଙ୍କ ଭିତରେ କିଛି ସତ୍ ବ୍ରାହ୍ମଣ ଥିବାବେଳେ କିଛି ଦୁଷ୍ଟ ବ୍ରାହ୍ମଣମାନେ ମଧ୍ୟ ଥାଆନ୍ତି । ବ୍ରାହ୍ମଣମାନେ ଏଭଳି ଦୁଇପ୍ରକାରର ଅଛନ୍ତି ବୋଲି ଅନେକଙ୍କୁ ଜଣାନଥାଏ; ତଥାପି ସତ୍‌ବ୍ରାହ୍ମଣ ବୋଲି ନାଆଁ ଆପଣ ଶୁଣିଥିବେ । କୌଣସି ଦୈବଜ୍ଞାନ ଜଣା ନଥିବା ଦୁଷ୍ଟ ବ୍ରାହ୍ମଣମାନେ ବ୍ରାହ୍ମଣ ସମାଜରେ ଥିଲେ ମଧ୍ୟ, ସେମାନଙ୍କ ଭିତରୁ କିଛିଲୋକ ନିଜର ଭୁଲ୍ ଜାଣିପାରି ସଦ୍‌ବ୍ରାହ୍ମଣ ଭାବେ ବଦଳିଯାଇଥାନ୍ତି । ଆଉ କେତେକ ବ୍ରାହ୍ମଣମାନେ ସେମାନଙ୍କ ଭୁଲ୍ ଜାଣିପାରିଥିଲେ ମଧ୍ୟ, ସେମାନେ ଯାହା ଜାଣିଛନ୍ତି ତାହାକୁ ସମର୍ଥନ ଜଣାଇ, ନିଜେ ଯାହା କରୁଛନ୍ତି, କହୁଛନ୍ତି ତାହା ହିଁ ପ୍ରକୃତ ଧର୍ମ ବୋଲି ଯୁକ୍ତି କରିଥାନ୍ତି, ସେମାନେ ଦୈବବାଣୀର ବିପରୀତ ବାଣୀ ବୋଧକରି, ଧର୍ମକୁ ଅଧର୍ମରେ ପରିଣତ କରିଦେଇଥାନ୍ତି । ଏହା ଦ୍ୱାରା ଏ ଜନ୍ମରେ ସେମାନେ ଯେଉଁ ପାପ ସଞ୍ଚୟ କରନ୍ତି ତାର ଫଳ ସ୍ୱରୂପ ଆସନ୍ତା ଜନ୍ମରେ ଘୋର ଦଣ୍ଡ ଅନୁଭବ କରନ୍ତି ।

ଭଗବଦ୍ଗୀତାରେ ଈଶ୍ୱର କହିଥିବା ଚାରି ଅଧର୍ମ ଭିତରେ ବେଦ ପଠନ, ଯଜ୍ଞାଚରଣ ପରସ୍ପର ସମ୍ବନ୍ଧୀତ ହୋଇ ରହିଥାନ୍ତି । ପୂର୍ବରୁ କୃତ୍ (ସତ୍ୟ) ଯୁଗରେ, ତ୍ରେତୟାଯୁଗରେ ଯଜ୍ଞ ଆଚରଣ ଥିଲେ ମଧ୍ୟ ସେଗୁଡିକରେ ବେଦମନ୍ତ୍ର ପାଠ କରାନଯାଇ, କେବଳ ଦେବତାମାନଙ୍କ ମନ୍ତ୍ରପାଠ କରାଯାଉଥିଲା । ଯେଉଁ ଦେବତା ନିମନ୍ତେ ଯଜ୍ଞ କରାଯାଉଥିଲା, କେବଳ ସେହି ଦେବତା ସମ୍ବନ୍ଧୀୟ ମନ୍ତ୍ରପାଠ କରାଯାଉଥିଲା । ଦ୍ୱାପର

ଯୁଗରେ ଏହି ପଦ୍ଧତି ଉଠିଯାଇ, ଯଜ୍ଞରେ ବେଦମନ୍ତ୍ରର ପ୍ରବେଶ ଘଟିଲା । ଆଜି ବେଦପଠନ, ଯଜ୍ଞ ସମସ୍ତଙ୍କ ଦୃଷ୍ଟିରେ ସତ୍‌କାର୍ଯ୍ୟ ଭାବରେ ରହିଥିଲେ ମଧ୍ୟ, ଦୈବଜ୍ଞାନ ଅନୁସାରେ ଏ ଦୁଇଟି ଅଧର୍ମ ବୋଲି ଜାଣିବା ଉଚିତ୍ । ବେଦ, ଯଜ୍ଞର ଆଚରଣ କରୁଥିବା ଲୋକମାନେ ସଦ୍‌ବ୍ରାହ୍ମଣ ଭଳି ଦେଖାଯାଉଥିଲେ ମଧ୍ୟ, ଦୈବମାର୍ଗରେ ସେମାନେ ଅଧର୍ମୀ ବୋଲି ଜାଣିବା ଉଚିତ୍, ସେମାନେ ସବୁଠାରୁ ଉନ୍ନତ ହୋଇଥିବା ବ୍ରହ୍ମଜ୍ଞାନ (ଦୈବଜ୍ଞାନ) ଜାଣିଥିବା ସଦ୍‌ବ୍ରାହ୍ମଣ ଭାବରେ ବଦଳିଯାଇ ପାରନ୍ତି । ରହିଥିବା ସ୍ଥିତିରୁ ବ୍ରହ୍ମଜ୍ଞାନ ଜାଣି, ବ୍ରାହ୍ମଣ ନାମକୁ ସାର୍ଥକ କରି, ସଦ୍‌ବ୍ରାହ୍ମଣ ହୋଇପାରିଥିବା ଅନେକ ଲୋକଙ୍କୁ ଆମେ ଜାଣିଛୁ । ଏଭଳି ବ୍ରହ୍ମଜ୍ଞାନ ଜାଣିଥିବା ଲୋକମାନଙ୍କୁ ଦେଖିଲେ ନମସ୍କାର କରି ସମ୍ମାନଦେବା ଉଚିତ୍, କିନ୍ତୁ ମନ୍ଦ ବ୍ରାହ୍ମଣମାନେ ଯେଉଁମାନେ କି ବେଦପଠନ କରନ୍ତି, ଯଜ୍ଞାଚରଣ କରନ୍ତି ସେମାନଙ୍କୁ ଦେଖି ନମସ୍କାର କରିବା ମଧ୍ୟ ପାପ ହୋଇଥାଏ । ତେଣୁ ଯାହାର ଦର୍ଶନ କଲେ, ଯାହାକୁ ନମସ୍କାର କଲେ ଆମର ପାପକ୍ଷୟ ହେବ ସେହି ବ୍ରାହ୍ମଣକୁ ନମସ୍କାର କରିବା ଭଲ ।

ବ୍ରାହ୍ମଣମାନଙ୍କ ଭିତରେ ସଦ୍‌ବ୍ରାହ୍ମଣ, ଅସତ୍‌ବ୍ରାହ୍ମଣ ନାମରେ ଦୁଇ ପ୍ରକାରର ବ୍ରାହ୍ମଣମାନେ ଥିବାଭଳି, ଯଜ୍ଞଗୁଡିକ ଭିତରେ ମଧ୍ୟ ଧର୍ମଯୁକ୍ତ ଯଜ୍ଞ, ଅଧର୍ମଯୁକ୍ତ ଯଜ୍ଞ ନାମରେ ଦୁଇ ପ୍ରକାରର ଯଜ୍ଞ ରହିଥାଏ । ଭଗବତ୍ ଗୀତାରେ ଯଜ୍ଞ ଦ୍ୱାରା ଈଶ୍ୱରଙ୍କୁ ଜାଣିହୁଏ ନାହିଁ ବୋଲି କହିଛନ୍ତି । ଈଶ୍ୱର ଅଧର୍ମ ଦ୍ୱାରା ଜଣାପଡନ୍ତି ନାହିଁ, ତେଣୁ ଯଜ୍ଞକୁ ଅଧର୍ମ ବୋଲି କହୁଛୁ । ଅଧର୍ମ କୁହାଯାଉଥିବା ଯଜ୍ଞକାର୍ଯ୍ୟକୁ ଅସତ୍ ବ୍ରାହ୍ମଣମାନେ କରୁଥିବା ବାହ୍ୟ କାର୍ଯ୍ୟ ବୋଲି ଜାଣିବା ଉଚିତ୍ । ବାହ୍ୟଯଜ୍ଞକୁ ନିତ୍ୟକୃତ୍ୟ ଭାବରେ ରଖିଥିବା ଆର୍ଯ୍ୟ ସମାଜର ଲୋକମାନେ ସମାଜରେ ରହିଛନ୍ତି । କେତେ ବଡ ଲୋକ ଆସି ଯଜ୍ଞ କଲେ ମଧ୍ୟ, ଧର୍ମାଧର୍ମକୁ ଦୃଷ୍ଟିରେ ରଖି ଦେଖିଲେ ଯଜ୍ଞ ସମ୍ପୂର୍ଣ୍ଣ ଅଧର୍ମ ବୋଲି ପ୍ରମାଣିତ ହୋଇଥାଏ । ହେଲେ ଭଗବଦ୍ଗୀତାରେ

ଥିବା କର୍ମଯୋଗର ୧୦ମ ଶ୍ଳୋକଠାରୁ ଆରମ୍ଭକରି ୧୬ତମ ଶ୍ଳୋକ ପର୍ଯ୍ୟନ୍ତ ୭ଗୋଟି ଶ୍ଳୋକକୁ ଏବଂ ଜ୍ଞାନଯୋଗର ୨୪ତମ ଶ୍ଳୋକଠାରୁ ୩୨ତମ ଶ୍ଳୋକ ପର୍ଯ୍ୟନ୍ତ ନଅଗୋଟି ଶ୍ଳୋକକୁ, ବ୍ୟାସ ଲେଖି ଚାଲିଯାଇଥିବା ଭଗବଦ୍ଗୀତା ଭିତରେ ଅନ୍ୟମାନେ ପ୍ରବେଶ କରାଇଛନ୍ତି । କର୍ମଯୋଗରେ ଥିବା ୭ଗୋଟି ଶ୍ଳୋକରେ ବାହ୍ୟଯଜ୍ଞ ବିଷୟରେ ହିଁ ଲେଖାଯାଇଛି । ସେହିଭଳି ଜ୍ଞାନ ଯୋଗରେ ଥିବା ୯ଗୋଟି ଶ୍ଳୋକ ମଧ୍ୟ ବାହ୍ୟଯଜ୍ଞ ବିଷୟରେ ଲେଖାଯାଇଛି । କର୍ମଯୋଗର ନବମ ଶ୍ଳୋକରେ ଯଜ୍ଞ ନାମଟି ଆସୁ ଆସୁ ଖଳଲୋକମାନେ ସୁଯୋଗ ପାଇଗଲା ଭଳି ଅଧର୍ମ ହୋଇଥିବା ବାହ୍ୟଯଜ୍ଞର ପ୍ରବେଶ କରାଇଛନ୍ତି, ତାହାକୁ ଆଜିପର୍ଯ୍ୟନ୍ତ କେହି ମଧ୍ୟ ଚିହ୍ନି ପାରି ନାହାନ୍ତି । ସେହିଭଳି ଜ୍ଞାନଯୋଗରେ ଥିବା ୨୩ତମ ଶ୍ଳୋକରେ ଯଜ୍ଞ ନାଆଁ ଆସୁଆସୁ ସେଠାରେ ମଧ୍ୟ ୨୪,୨୫,୨୬,୨୭,୨୮,୨୯,୩୦, ୩୧, ୩୨ତମ ଶ୍ଳୋକ ପର୍ଯ୍ୟନ୍ତ ନଅଗୋଟି କଳ୍ପିତ ବାହ୍ୟଯଜ୍ଞ ସମ୍ବନ୍ଧୀୟ ଶ୍ଳୋକକୁ ପ୍ରବେଶ କରାଇଛନ୍ତି । ଏଭଳି ମୋଟ ୧୬ଗୋଟି କଳ୍ପିତ ଶ୍ଳୋକକୁ ବାହ୍ୟଯଜ୍ଞ ଭାବରେ ବାହାର ଲୋକମାନେ ପ୍ରବେଶ କରାଇଛନ୍ତି ସିନା, ବ୍ୟାସଙ୍କର ଏଥିରେ କୌଣସି ସମ୍ବନ୍ଧ ନାହିଁ । ବ୍ୟାସ ମୃତ୍ୟୁବରଣ କରିବା ପରେ ସ୍ୱାର୍ଥପର ଲୋକମାନେ ବାହ୍ୟତଃ କରାଯାଉଥିବା ଯଜ୍ଞ ବାବଦରେ କଳ୍ପିତ ଶ୍ଳୋକ ତିଆରି କରି ଗୀତାରେ ପ୍ରବେଶ କରାଇଛନ୍ତି । ଗୀତାରେ ଏଭଳି କଳ୍ପିତ ଶ୍ଳୋକ ମିଶିଯାଇଛି ବୋଲି ପରେ ଆସିଥିବା ଜ୍ଞାନୀମାନେ ଚିହ୍ନିପାରି ନାହାନ୍ତି, ସେମାନେ ମଧ୍ୟ ଏହି ରହସ୍ୟକୁ ଜାଣି ନପାରିବାର କାରଣ ହେଉଛି ! ଧର୍ମ, ଅଧର୍ମ ବାବଦରେ ପ୍ରଥମେ କେହି ସଠିକ ବିବରଣୀ ନପାଇବା । ଗୁରୁ ଭାବରେ ପରିଗଣିତ ହେଉଥିବା କେତେକ ବିଚାରହୀନ ହୋଇ, ସେମାନଙ୍କୁ ବିଶ୍ୱାସ କରୁଥିବା ଲୋକମାନଙ୍କ ଆଖିରେ ପୁଟୁଳି ବାନ୍ଧିବା ଭଳି କରି, ଆମେ ଯେମିତି କହୁଛୁ ସେମତି କର, ତୁମମାନଙ୍କୁ ଉପଯୁକ୍ତ ମାର୍ଗରେ ଚଲାଇବା କର୍ତ୍ତବ୍ୟ ଆମର ବୋଲି କହୁଛନ୍ତି । ଏଭଳି

ବିଚାରବନ୍ତ ମାନଙ୍କୁ ମଧ୍ୟ ବିଚାରହୀନ ହୋଇଯିବା ଭଳି କରି, ସ୍ୱାମୀ, ସ୍ତ୍ରୀ ଉଭୟଙ୍କୁ ଯଜ୍ଞକୁଣ୍ଡ ପାଖରେ ବସାଇ, ସେମାନଙ୍କ ହାତରେ ସମିଧ ଧରାଇ ଯେତେବେଳେ କହିଲେ ସେତେବେଳେ ସ୍ୱାହା କହି ପକାଇବା ଭଳି କରୁଛନ୍ତି । ଏଭଳି ଗୋଟିଏ ଦୁଇଟି ନୁହେଁ ଏକକାଳୀନ ଶହେଜଣ ଦମ୍ପତିଙ୍କୁ ମଧ୍ୟ ଶହେ ଯଜ୍ଞକୁଣ୍ଡ ପାଖରେ ବସାଇ, ସମସ୍ତଙ୍କୁ ଅନ୍ଧ ବାଟ ବତାଇବା ଭଳି କରି ମନ୍ତ୍ରପଢି ଯେତେବେଳେ ଯାହା ପକାଇବାକୁ କହୁଛନ୍ତି ସେମାନେ ତାହା ପକାଉଛନ୍ତି । ଏହା ଏକ ଖେଳ ଭଳି ଲାଗୁଛି । ଆମେ ଏସବୁ କାହିଁକି କରୁଛୁ ? ଯାହା କରୁଛୁ ତାହା ଧର୍ମ କି ଅଧର୍ମ ? ଏହା ଦ୍ୱାରା ସତରେ କଣ କିଛି ଫଳ ମିଳୁଛି ? ବୋଲି ଟିକିଏ ମଧ୍ୟ ବିଚାର ନକରି ସେମାନେ ଯେମିତି କହୁଛନ୍ତି, ଏମାନେ ସେମିତି କରୁଛନ୍ତି । କେତେକଙ୍କର ସ୍ୱାର୍ଥ ପାଇଁ ସମସ୍ତଙ୍କୁ ଅଜ୍ଞାନ ମାର୍ଗରେ ଅଧର୍ମ ଲକ୍ଷ୍ୟ ପର୍ଯ୍ୟନ୍ତ ନେଇଯାଉଛନ୍ତି ।

ଗୋଟିଏ ବାକ୍ୟରେ କହିଲେ ସମସ୍ତ ବାହ୍ୟଯଜ୍ଞ ଅଧର୍ମ ବୋଲି କହିପାରିବା, ତାହା କରୁଥିବା ଲୋକମାନେ ମଧ୍ୟ ଅଧର୍ମୀ । ଗୀତାରେ ଯଜ୍ଞର ପ୍ରସ୍ତାବନା ଭଗବାନ ଆଣିଛନ୍ତି । ହେଲେ ଭଗବାନ କହିଥିବା ଯଜ୍ଞ ବାହ୍ୟଯଜ୍ଞ ନୁହେଁ । ମନ୍ତ୍ର ଦ୍ୱାରା କରାଯାଉଥିବା ଯଜ୍ଞ ନୁହେଁ । ଭଗବାନ କହିଥିବା ଯଜ୍ଞ ହେଉଛି ଶରୀର ଭିତରେ ହେଉଥିବା ଯଜ୍ଞ । ଶରୀର ଭିତରେ କରାଯାଉଥିବା ଯଜ୍ଞ ଧର୍ମଯୁକ୍ତ, ତାହା ମଣିଷର କର୍ମକୁ ଜାଳିଦେଇଥାଏ । କିନ୍ତୁ ବାହ୍ୟଯଜ୍ଞ କର୍ମକୁ ତିଆରି କରିଥାଏ ।  ବାହ୍ୟଯଜ୍ଞ ଅନେକ ନାମରେ ରହିଥାଏ । ବାହ୍ୟତଃ ନହୋଇ ଶରୀର ଭିତରେ ହେଉଥିବା ଯଜ୍ଞ ମାତ୍ର ଗୋଟିଏ ଥାଏ, ତାହା ଜ୍ଞାନଯଜ୍ଞ । ଧର୍ମଯୁକ୍ତ ଏହି ଜ୍ଞାନଯଜ୍ଞ ବିଷୟରେ ହିଁ ଭଗବଦ୍ଗୀତାରେ ଥିବା କର୍ମଯୋଗର ୩୩ତମ ଶ୍ଳୋକରେ କହିଛନ୍ତି ।

**ଶ୍ରେୟାନ୍ ଦ୍ରବ୍ୟମୟାଦ୍ ଯଜ୍ଞାଜ୍ ଜ୍ଞାନଯଜ୍ଞଃ ପରନ୍ତପ ! ।**
**ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ।।**

**ଭାବାର୍ଥ:-** ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ । କାରଣ ଜ୍ଞାନଯଜ୍ଞରେ ସମସ୍ତ କର୍ମ ସମାପ୍ତ ହୋଇଥାଏ ।

ଏହି ଶ୍ଳୋକରେ ସମସ୍ତ କର୍ମକୁ ବିନାଶ କରୁଥିବା ଜ୍ଞାନଯଜ୍ଞ ବିଷୟ କହିଛନ୍ତି, ତାହା ହିଁ ଧର୍ମଯୁକ୍ତ ଯଜ୍ଞ । ମଣିଷର ସମସ୍ତ କର୍ମ ବିନାଶ ହୋଇଯିବା ବେଳେ ସେ ମୋକ୍ଷ ପାଇଥାଏ । ମଣିଷ ମୋକ୍ଷ ପାଇବା ପଦ୍ଧତି ଗୁଡିକୁ ହିଁ ଗୀତାରେ କହିଛନ୍ତି । ସମସ୍ତ କର୍ମ ଯୋଗନିୟମ ଦ୍ୱାରା ବିନାଶ କରିହୁଏ । ତେଣୁ ଜ୍ଞାନଯଜ୍ଞ ଈଶ୍ୱର ଜଣାଇଥିବା ତିନି ଯୋଗ ଭିତରୁ ଗୋଟିଏ ଯୋଗ ବୋଲି ଜାଣିବା ଉଚିତ୍ । କର୍ମକୁ ବିନାଶ ନକରି ଆଉକିଛି କର୍ମ ଅର୍ଜନ କରାଉଥିବା ପଦ୍ଧତି ହେଉଛି ଅଧର୍ମ, ତଦ୍ଦ୍ୱାରା ମଣିଷ ଈଶ୍ୱରଙ୍କଠାରେ ଲୀନ ହୋଇପାରିବ ନାହିଁ ବା ମୋକ୍ଷ ପାଇପାରିବ ନାହିଁ । ବାହ୍ୟଯଜ୍ଞ କର୍ମାର୍ଜନ କରାଇଥାଏ, ତେଣୁ ଅଧର୍ମ । ତ୍ରେତାଯୁଗରେ ବ୍ରହ୍ମଜ୍ଞାନୀ, ତ୍ରିକାଳଜ୍ଞାନୀ ଭାବରେ ନାମିତ ହୋଇଥିବା ରାବଣବ୍ରହ୍ମ ତାଙ୍କ ରାଜ୍ୟରେ କେହି କେଉଁଠାରେ ଯଜ୍ଞକରିବା ଉଚିତ୍ ନୁହେଁ ନାମକ ନିୟମ ରଖିଥିଲେ । ବାହ୍ୟଯଜ୍ଞ ସବୁ ଅଧର୍ମ ବୋଲି ଜାଣିଥିବା ରାବଣ ପାଖ ରାଜ୍ୟ ଗୁଡିକରେ ମଧ୍ୟ ଯଜ୍ଞ ଅଧର୍ମ ବୋଲି ଯଜ୍ଞ କରୁଥିବା ଲୋକମାନଙ୍କର ଯଜ୍ଞକୁ ଭଙ୍ଗ କରୁଥିଲେ, ତାହା ଥିଲା ଧର୍ମ ପ୍ରଚାର । ସେହି ବିଷୟ ଜାଣିପାରିଥିବା ଆମେ ମଧ୍ୟ ତାଙ୍କୁ ଜଣେ ଧାର୍ମିକ ଭାବରେ ଗଣତି କରୁଛୁ, ସେ ଜଣେ ବ୍ରହ୍ମଜ୍ଞାନୀ ହେଲେ ମଧ୍ୟ ଧର୍ମ ଅଧର୍ମ ଜଣାନଥିବା ଲୋକେ ତାଙ୍କୁ ଅଧର୍ମୀ ଭାବରେ ହିସାବ କରିଥିଲେ । ବାସ୍ତବ ବିଷୟ ଜାଣିବା ପରେ ସେ କଣ ଥିଲେ ତାହା ଜଣାପଡିଯାଇଛି । ଜ୍ଞାନ ଜାଣିନଥିବା ଲୋକେ ଧର୍ମକୁ ଅଧର୍ମ, ଅଧର୍ମକୁ ଧର୍ମ ଭାବନା କରିଥାନ୍ତି ।

ଭଗବଦ୍ଗୀତାରେ ଭଗବାନ କହିଥିବା ଚାରିଗୋଟି ଅଧର୍ମ ଭିତରେ ଅଭିନ୍ନଭାବ ସମ୍ବନ୍ଧ ରହିଥିବା ଯଜ୍ଞ ଏବଂ ବେଦପଠନ ନାମକ ଦୁଇ ଅଧର୍ମ ବିଷୟରେ କିଛି ଜାଣିଲେ । ଆଉ ବାକି ରହିଥିବା ଦୁଇ ଯଜ୍ଞ ଭିତରୁ ଗୋଟିଏ

ଯଜ୍ଞକୁ ଅଧିକ ଲୋକ ଆଚରଣ କରିଥାନ୍ତି । ତାହା ହେଉଛି ତପସ୍ୟା ବା ଧ୍ୟାନ । ଧ୍ୟାନ କରିବା ମଧ୍ୟ ଅଧର୍ମ!! ବୋଲି କିଛିଲୋକ ମୁହଁ ବଙ୍କାକରି ପଚାରିପାରନ୍ତି । କେତେକାଳ ଧରି କଷ୍ଟକରି ଧ୍ୟାନ କରୁଥିବା ସମସ୍ତେ ମିଶି ଆମେ କରୁଥିବା କଷ୍ଟ କଣ ବୃଥା? ବୋଲି ପଚାରିପାରନ୍ତି । ଆମେ ଠିକ୍ କରୁଛୁ କହି କେତେ ଶ୍ରଦ୍ଧା ଲଗାଇ ଧ୍ୟାନ କଲେ ମଧ୍ୟ, ଈଶ୍ୱର ଜଣାଇଥିବା ଧର୍ମ, ଅଧର୍ମ ଅନୁସାରେ ବିଚାର କଲେ, ତାହାସବୁ ଅଧର୍ମ ବା ଧର୍ମ ବିରୁଦ୍ଧ ବୋଲି ଜଣାପଡିଥାଏ । ପୂର୍ବରୁ ମହା ମହା ହସ୍ତିମାନେ ଯାହା ଆଚରଣ କରୁଛନ୍ତି, ଆଜିମଧ୍ୟ କରୁଛନ୍ତି, ଯଦି କେଉଁଠି ଦୈବଜ୍ଞାନ ପ୍ରସଙ୍ଗ ଆସୁଛି ସେଠାରେ ମଧ୍ୟ ପ୍ରଥମେ ଧ୍ୟାନକୁ ଆଖି ଆଗରେ ରଖାଯାଉଛି । ଏହି ଧ୍ୟାନ ଆଚରଣକୁ ଆଜି ମଣିଷ ବିଭିନ୍ନ ପ୍ରକାରର କରୁଛି । ଏକ ଲକ୍ଷ୍ୟ ଉପରେ ରହିବା ହିଁ ଧ୍ୟାନ, ତପସ୍ୟାରେ କଷ୍ଟ ସ୍ୱୀକାର କରିବାକୁ ପଡିଥାଏ ବୋଲି ବଡମାନେ ଧ୍ୟାନ ଆଉ ତପସ୍ୟାକୁ ଅଲଗା ଅଲଗା କହିଥିଲେ ମଧ୍ୟ ଧ୍ୟାନ ଆଉ ତପସ୍ୟା ଭିତରେ କୌଣସି ଭିନ୍ନତା ନଥାଏ । ତେଣୁ ଧ୍ୟାନ କୁହନ୍ତୁ କି ତପସ୍ୟା କୁହନ୍ତୁ ଦୁଇଟିଯାକ ଗୋଟିଏ ବୋଲି ଜାଣିବା ଉଚିତ୍ । ପୂର୍ବେ ମହର୍ଷିମାନେ ତପସ୍ୟା କରୁଥିଲେ, ଆଜି ସାଧାରଣ ମଣିଷ କେବଳ ଧ୍ୟାନ କରୁଛନ୍ତି ବୋଲି କହିଲେ ମଧ୍ୟ ସେଦିନର କାର୍ଯ୍ୟରେ ଆଉ ଆଜିର କାର୍ଯ୍ୟରେ କିଛି ଭିନ୍ନତା ନାହିଁ । ଗୀତାଚାର୍ଯ୍ୟ କହିବା ଭଳି ଦୁଇଟିଯାକ କାର୍ଯ୍ୟ ଅଧର୍ମ ବୋଲି ଜଣାଯାଉଛି । ଆଜି ସବୁଦିନ ଧ୍ୟାନ କରୁଥିବା ଲୋକେ କିଛି ରହିଥିବା ସ୍ଥଳେ, ଧ୍ୟାନମନ୍ଦିର ତିଆରି କରି ସାମୁହିକ ଭାବରେ ମଧ୍ୟ ଆଉକିଛି ଲୋକ ଧ୍ୟାନ କରୁଛନ୍ତି ।

ଆଜିର ନବୀନ କାଳରେ କେତେକ ଗୁରୁମାନେ ଧ୍ୟାନ (ତପସ୍ୟା) କ୍ଲାସ୍, କୋର୍ସ କହି, କରାଇ ଶିଷ୍ୟମାନଙ୍କୁ ଏକ ଏକ ଯୋଗ୍ୟତା ପତ୍ର ମଧ୍ୟ ଦେଉଛନ୍ତି । କେତେକ ଗୁରୁମାନେ ସେମାନଙ୍କ ଧ୍ୟାନରେ ନୂତନତା ଆଣି ସମସ୍ତେ ମନ୍ତ୍ର ଉପରେ, ଜପ ଉପରେ ଧ୍ୟାନ ରଖୁଥିବା ସ୍ଥଳେ, ମନ୍ତ୍ର

ଉପରେ ଜପ ଉପରେ ନରଖି ଶରୀର ଅବୟବ ଉପରେ ରଖିବା ଉଚିତ୍ ବୋଲି କହୁଛନ୍ତି । କେତେକ ଶିଷ୍ୟମାନେ ସେମାନଙ୍କ ଧ୍ୟାନ ସେମାନଙ୍କ ନାକ ଉପରେ ରଖିବା ଉଚିତ୍ ବୋଲି କହିବା ବେଳେ, କେତେକ ଶ୍ୱାସ ଉପରେ ଧ୍ୟାନ ରଖିବା ଉଚିତ୍ ବୋଲି ବୋଧ କରୁଛନ୍ତି । କେତେକ ନାକର ଅଗ୍ର ଭାଗରେ ଧ୍ୟାନ ରଖିବା ଉଚିତ୍ କହିବା ବେଳେ, କେତେକ ମୁଣ୍ଡରେ ରଖ, କେତେକ ଭ୍ରୂକେନ୍ଦ୍ରରେ ରଖ ବୋଲି ନାନା ପ୍ରକାରର କହୁଛନ୍ତି । କିଛି ଗୁରୁମାନେ ନାନା ମନ୍ତ୍ରୋପଦେଶ ଦେଇ, ସେହି ମନ୍ତ୍ର ଉପରେ ଧ୍ୟାନ ଲଗାଅ ବୋଲି କହୁଛନ୍ତି । କେତେକ ଧ୍ୟାନ କରୁଥିଲେ ମଧ୍ୟ ଇଂରାଜୀ ଭାଷାରେ ମେଡିଟେସନ୍ କହୁଛନ୍ତି । ଏହିଭଳି ମୁଁ ମଧ୍ୟ ଆଧ୍ୟାତ୍ମିକରେ ଅଛି ବୋଲି, ଲୋକେ ଜାଣିବେ, ଭଲଲୋକ କହିବେ, ଏପରି ନାଆଁ ପାଇଁ ଧ୍ୟାନ କରୁଛନ୍ତି । କେଇଜଣ ମିଶି ଆପଣ କେଉଁ ସାଧନା କରୁଛନ୍ତି ବୋଲି ମୋତେ ଥରେ ପଚାରିବା ବେଳେ, ମୁଁ କୌଣସି ସାଧନା କରୁନାହିଁ କହିବାରୁ, ଆପଣ ଖୁବ୍ ପଛରେ ପଡିଯାଇଛନ୍ତି ବୋଲି କହିଥିଲେ ।

ଦିନେ ତିରୁପତିରେ ଜଣେ ବ୍ୟକ୍ତି ଆମ ସହ ଦେଖାହେଲା, ସେ କେଉଁ ଗୁରୁଙ୍କ ପାଖରୁ ମନ୍ତ୍ର ଉପଦେଶ ପାଇ ଅଧିକାଂଶ ସମୟ ଧ୍ୟାନ କରୁଥାଇ ଅନେକ ବର୍ଷ ଧରି ସାଧନା କରୁଥିଲା, ସେହି ସାଧନାର ଫଳ ସ୍ୱରୂପ ତାର ମନ ଆଜି ଗୋଟିଏ ଧ୍ୟାନରେ ରହିପାରୁଛି କହି, ଆଜ୍ଞା ମୋ ସାଧନାରେ ମୁଁ ସଫଳ ହୋଇଛି କି ନାହିଁ, ମୋର ମୋକ୍ଷ ହୋଇପାରିବ କି ନାହିଁ ! ବୋଲି ପଚାରିଥିଲା । ସେତେବେଳେ ମୁଁ "ଏକଥା ଆପଣଙ୍କ ଗୁରୁଙ୍କୁ ପଚାରି ନାହାନ୍ତି !" କହିବାରୁ "ମୋ ଗୁରୁ ଏଇ କିଛିଦିନ ତଳେ ସାପ କାମୁଡାରେ ମରିଗଲେ" ବୋଲି ବିନୟର ସହିତ କହିଥିଲା । ସେତେବେଳେ ମୁଁ ତାକୁ ଆଉ କିଛି ନକହି ସତକଥା କହିଲି ଯେ, ତୁ ଏକ ମନ୍ତ୍ର ଉପରେ ଧ୍ୟାନ ରଖି ମନ ଭିତରେ ଅନେକ ଥର ଜପକରି ବସୁଛୁ । ଏମିତି କିଛିଦିନ ଯିବା ପରେ ତୋର ମନ ଅନ୍ୟତ୍ର ଚଳଚଞ୍ଚଳ ନହୋଇ ମନ୍ତ୍ର ଉପରେ

ସ୍ଥିର ରହୁଛି, ତଦ୍ୱାରା ତୋତେ ଏକ ପ୍ରକାର ତୃପ୍ତି ଅନୁଭବ ହେଉଛି । ତାହାକୁ ତୁ ମୁଁ ମୋ ମନକୁ ଜିତିଯାଇଛି, ଏଥର ମୁକ୍ତି ପାଇପାରିବି ବୋଲି ଭାବୁଛୁ, ହେଲେ ସତକଥା କଣ ଜାଣୁ ! ଉଗ୍ର ତପସ୍ୟା ଦ୍ୱାରା ମଧ୍ୟ ମୋତେ ଜାଣିବା ସମ୍ଭବ ନୁହେଁ, ତପସ୍ୟା ଦ୍ୱାରା କାହାକୁ ମଧ୍ୟ ମୁକ୍ତି ମିଳିପାରିବ ନାହିଁ ବୋଲି ଈଶ୍ୱର ଜଣାଇଛନ୍ତି । ଅନେକ ବର୍ଷଧରି ଉପରକୁ ନଉଠି, ସେମିତି ବସିରହି ଯିଏ ତପସ୍ୟା କରିଥାଏ, ଅନେକ କଷ୍ଟ ସ୍ୱୀକାର କରୁଥାଏ ତାହାକୁ ତାର ଉଗ୍ରତପସ୍ୟା କୁହାଯାଏ । ଏହିଭଳି ତିରୁପତିରେ ଦେଖାହୋଇଥିବା ସେ ବ୍ୟକ୍ତି ଅନେକ ବର୍ଷ ଧରି ସମୟ ସନ୍ଦର୍ଭରେ ଅନେକ ଥର ଧ୍ୟାନରେ ବସି କିଛି ଗୋଟିଏ ମନ୍ତ୍ରକୁ ଜପ କରୁଥିଲେ ମଧ୍ୟ ଈଶ୍ୱରଙ୍କୁ ପାଇବା ପାଇଁ ଥରେ ମଧ୍ୟ ଚେଷ୍ଟା କରି ନାହିଁ । କୌଣସି ତପସ୍ୟା ମଣିଷକୁ ମୋକ୍ଷରେ ପହଞ୍ଚାଇ ପାରିବ ନାହିଁ, ତଦ୍ୱାରା ଈଶ୍ୱର ଜଣାପଡିବେ ନାହିଁ । ଅନେକ ବର୍ଷ କଠୋର ତପସ୍ୟା କରୁଥିବା ଲୋକକୁ ମୋକ୍ଷ ମିଳୁନଥିବା ବେଳେ, ଘଣ୍ଟାଏ, ଅଧଘଣ୍ଟା ବସି ଧ୍ୟାନ କରିଦେଲେ ଈଶ୍ୱର କଣ ମିଳିଯିବେ ! ଏହା ଦ୍ୱାରା ଈଶ୍ୱରଙ୍କୁ ଜାଣିପାରିବ ନାହିଁ କି ମୋକ୍ଷ ପାଇପାରିବ ନାହିଁ ।

ହିମାଳୟକୁ ଯାଇ ଧ୍ୟାନ କରୁଥିବା ଲୋକେ ମଧ୍ୟ ଅଛନ୍ତି । କିଛିଲୋକ ଭୂମିରେ ଗାତଖୋଳି, ଗାତ ଭିତରେ ରହି ମଧ୍ୟ ଜପ କରୁଛନ୍ତି । କେତେକ ନଈ, ପୋଖରୀରେ କଣ୍ଠେ ପାଣିରେ ରହି ଧ୍ୟାନ କରୁଛନ୍ତି, କେତେକ ଚଉରିକଡେ ନିଆଁ ଲଗାଇ ମଝିରେ ରହି ଜପ କରୁଛନ୍ତି । କେତେକ ପାହାଡ ଅଗ୍ରରେ ବସି ତପସ୍ୟା କରୁଛନ୍ତି । ଏଇଭଳି ଆଜି ମଧ୍ୟ ନାନା ପ୍ରକାରର ସାଧନାରେ ଲୋକେ ଅଛନ୍ତି । ଜପକର କି ତପକର ସେସବୁ ଧର୍ମଯୁକ୍ତ ନୁହେଁ । ପବନ ବହୁନଥିବା ଯାଗାରେ ଦୀପ ଜଳିବା ଭଳି, ଯାହାର ମନ ସ୍ଥିର ରହିଛି ସେ ବ୍ରହ୍ମଯୋଗ ସାଧନା କରିପାରିଛି ବୋଲି ଭଗବଦ୍ଗୀତାରେ କୁହାଯାଇଛି । ମନ ସ୍ଥିର ରହିଲେ ଯୋଗରେ ପରିଣତ ହୋଇଥାଏ । ମନ କୌଣସି ଏକ କାର୍ଯ୍ୟ ଉପରେ ରହିଲେ ଧ୍ୟାନରେ ପରିଣତ ହୋଇଥାଏ ।

ଧ୍ୟାନ ଦ୍ୱାରା ଈଶ୍ୱର ଜଣାପଡନ୍ତି ନାହିଁ । ତେଣୁ ଗୀତାରେ ତପସ୍ୟାକୁ ଅଧର୍ମ କହିଛନ୍ତି । ଅଧର୍ମ କାର୍ଯ୍ୟ ଦ୍ୱାରା ପୁଣି ଥରେ ଜନ୍ମ ମିଳିଥାଏ ସିନା, ମଣିଷ ଜନ୍ମରହିତ ହୋଇପାରେ ନାହିଁ । କେତେବଡ ଲୋକ ହେଉ, ଗୁରୁ ଭାବରେ କେହି ପରିଗଣିତ ହୋଇଥାଉ ସେ ଏକ ବିଷୟ ଉପରେ ଦୃଷ୍ଟି ରଖି କେତେ କାଳ ତପସ୍ୟା କରିବା ଦ୍ୱାରା, ମନ୍ତ୍ରଜପ କରିବା ଦ୍ୱାରା, କୌଣସି ଏକ ବିଷୟ ପାଇଁ ତପିତ ହେବା ଦ୍ୱାରା, ଶକ୍ତି ପାଇପାରେ ସିନା, କର୍ମକୁ କ୍ଷୟ କରିପାରେ ନାହିଁ, ତାର କର୍ମ ଅଧିକରୁ ଅଧିକ ବଢିଥାଏ । କର୍ମ କ୍ଷୟକରିବା ବିଧାନ ଏହି ଜପ, ତପରେ ନଥାଏ । ତେଣୁ ସେସବୁରେ ଲିପ୍ତରହି କାଳ ବୃଥା କରିବା ଛଡା କିଛି ଲାଭ ନଥାଏ । ତେଣୁ ଅଧର୍ମ ବୋଲି ଈଶ୍ୱର ଚିହ୍ନାଇ ଦେଇଥିବା ଆଚରଣ ଗୁଡିକୁ ଛାଡି ଜଣାଇଥିବା ଧର୍ମମାର୍ଗରେ ଯାତ୍ରାକରନ୍ତୁ ବୋଲି ଜଣାଉଛୁ । ଅଧର୍ମ ହୋଇଥିବା ବେଦ, ଯଜ୍ଞ, ତପସ୍ୟା, ଦାନ ଇତ୍ୟାଦିରେ ମଣିଷ ନଷ୍ଟ କଷ୍ଟ ସ୍ୱୀକାର କରିବାକୁ ପଡିଥାଏ । ଧର୍ମଯୁକ୍ତ ଯୋଗ ତିନିଗୋଟି ରହିଥାଏ, ତା ସମ୍ବନ୍ଧୀୟ ଜ୍ଞାନ ଜାଣିଗଲେ ଆଚରଣ କରିବା ସହଜ ବୋଲି ଜାଣିପାରିବେ । ତ୍ରେତାଯୁଗରେ ଜନକ ମହାରାଜା ଏହିଭଳି ରହିଥିବା ବେଦପାଠ କେବେ କରିନଥିଲେ, ଯଜ୍ଞ କରିନଥିଲେ, ଦାନ ଦେଇ ନଥିଲେ କି ତପସ୍ୟା କରିନଥିଲେ, କର୍ମଯୋଗ ଆଚରଣ କରି ମୋକ୍ଷ ପାଇଥିଲେ । ତାଙ୍କର ମୋକ୍ଷ ହୋଇଥିଲା ବୋଲି ଗୀତାରେ ଭଗବାନ କହିଛନ୍ତି ।

ଧର୍ମ କହିଲେ କଅଣ, ଏତେ ସ୍ୱାମୀଜୀମାନଙ୍କୁ, ଗୁରୁମାନଙ୍କୁ ଜଣାପଡୁନଥିବା ସ୍ଥଳେ, ସାଧାରଣ ହୋଇଥିବା ଆମେ ଜାଣିପାରିବା ! ବୋଲି ସନ୍ଦେହ କରିବା ଦରକାର ନାହିଁ । ଧର୍ମ ଅଧର୍ମ ଅପେକ୍ଷା ସହଜରେ ଜାଣିହୋଇଯାଏ, ଧର୍ମ ମଧ୍ୟ ଅଧର୍ମ ସଂଖ୍ୟା ଅପେକ୍ଷା କମ୍ । ଜାଣିବାକୁ ଶ୍ରଦ୍ଧା ଥିଲେ ପାପୀ, ପାମର, ମୁର୍ଖ ମଧ୍ୟ ସହଜରେ ଜାଣିପାରିବେ । ଯେତେବେଳେ ଧର୍ମରେ ବିପଦ ସୃଷ୍ଟି ହୋଇ, ଅଜଣା ରହିଯାଏ, ଅଧର୍ମ ବଢିଯାଇ ଲୋକେ

ଅଧର୍ମ ଆଚରଣ କରନ୍ତି ସେତେବେଳେ ମୁଁ ଅବତାର ନେଇ ପୁଣି ଧର୍ମକୁ ଜଣାଇଥାଏ ବୋଲି ଭଗବଦ୍ଗୀତାରେ ଜ୍ଞାନଯୋଗର ଆରମ୍ଭରୁ କହିଛନ୍ତି । ସେହି କଥା ଅନୁସାରେ ଦ୍ୱାପରଯୁଗରେ ବ୍ୟାସ, ଭୀଷ୍ମ, ଦ୍ରୋଣ ଇତ୍ୟାଦିଙ୍କ ସମେତ ଅନେକ ମହର୍ଷିମାନେ ଥିବା ସେ ସମୟରେ ମଧ୍ୟ ମଣିଷ ଧର୍ମ ଜାଣି ନପାରି ଅଧର୍ମ ଆଚରଣରେ ଥିବାବେଳେ, ଈଶ୍ୱର ଭଗବାନ ଭାବରେ ଜନ୍ମହୋଇ ତାଙ୍କ ଧର୍ମକୁ ଜଣାଇଥିଲେ । ଈଶ୍ୱର ବିଶ୍ୱରେ ତିନି ଭାଗରେ ବିଭାଜିତ ହୋଇ ରହିଛନ୍ତି । କ୍ଷରପୁରୁଷ, ଅକ୍ଷରପୁରୁଷ, ପରୁଷୋତ୍ତମ ହୋଇ ଈଶ୍ୱର ରହିବା ଦ୍ୱାରା ସେ ଭୂପୃଷ୍ଠରେ ତିନିଥର ଜନ୍ମହେଲେ ତାଙ୍କର ଗୋଟିଏ ଅବତାର ସମ୍ପୂର୍ଣ୍ଣ ହେବା ଭଳି ହେବ । ଏହି ପଦ୍ଧତି ଅନୁସାରେ ଈଶ୍ୱର ଦ୍ୱାପର ଯୁଗର ଶେଷରେ କୃଷ୍ଣ ହୋଇ ଜନ୍ମ ହୋଇଥିଲେ । ତିନି ଜନ୍ମ ସମ୍ପୂର୍ଣ୍ଣ ହେଲେ ତାଙ୍କ ଧର୍ମ ସମ୍ପୂର୍ଣ୍ଣ ଭାବରେ ଜଣାଇବା ଭଳି ହେବ । ସେହି ତିନି ଜନ୍ମରେ ତାଙ୍କ ଧର୍ମକୁ ସମ୍ପୂର୍ଣ୍ଣ ଭାବରେ ଜଣାଇ, ତା ସହିତ ମାନବ ଭ୍ରମତଃ ଧର୍ମ ବୋଲି ଭାବିଥିବା ଅଧର୍ମକୁ ମଧ୍ୟ ଜଣାଇବା ଦ୍ୱାରା ଧର୍ମର ସମ୍ପୂର୍ଣ୍ଣ ମୂଲ୍ୟ ରହିବା ଭଳି ହେବ । ତେଣୁ ଈଶ୍ୱର ତାଙ୍କ ତିନି ଅବତାରରେ ଗୋଟିଏ ଦିଗରେ ଧର୍ମ, ଗୋଟିଏ ଦିଗରେ ଅଧର୍ମ ମଧ୍ୟ ଜଣାଇବେ । ତାଦ୍ୱାରା ଅଧର୍ମୀମାନେ ମଧ୍ୟ ଧର୍ମ ପଥରେ ଚାଲିବେ । ସେତେବେଳେ ଧର୍ମ ସମ୍ପୂର୍ଣ୍ଣ ଆଚରଣରେ ଆସିବ ।

ଈଶ୍ୱର ବା ପରମାତ୍ମା ଭଗବାନ କୃଷ୍ଣ ହୋଇ ଆସି ତାଙ୍କର ପ୍ରଥମ ଅବତାରକୁ ସମ୍ପୂର୍ଣ୍ଣ କରିଥିଲେ । ତାଛଡା ତାଙ୍କର ଦ୍ୱିତୀୟ ଅବତାରକୁ ମଧ୍ୟ ସମ୍ପୂର୍ଣ୍ଣ କରିଛନ୍ତି ବୋଲି କିଛି ବୁଝାପଡିଛି । ଏବେ ତୃତୀୟ ଅବତାର ସମ୍ପୂର୍ଣ୍ଣ କରିବେ । ପ୍ରଥମ ଅବତାର ପରେ ଆଉ ଦୁଇଥର ଆସି କହିବା କାର୍ଯ୍ୟ ବାକି ରହିଥିବାରୁ, ପ୍ରଥମ ଅବତାରରେ ଭଗବଦ୍ଗୀତା କହି ସେଥିରେ ଧର୍ମଗୁଡିକୁ, ଅଧର୍ମଗୁଡିକୁ ମଧ୍ୟ ଜଣାଇଛନ୍ତି । ହେଲେ ସେ କହିଥିବା ଜ୍ଞାନ ସମସ୍ତଙ୍କୁ ନକହି କେବଳ ଅର୍ଜୁନଙ୍କୁ କହିଥିଲେ । ଶ୍ରୀକୃଷ୍ଣ ତାଙ୍କର ୧୨୦ବର୍ଷ ଜୀବନ

କାଳରେ, ଯେତେବେଳେ ତାଙ୍କୁ ୯୦ବର୍ଷ ହୋଇଥିଲା ସେତେବେଳେ ସେ ଭଗବଦ୍ଗୀତା କହିଥିଲେ । ଯୁଦ୍ଧଭୂମିରେ କେହି ଶୁଣି ନପାରିବା ସ୍ଥିତିରେ ଥରେ ଜ୍ଞାନ କହିଥିବା କୃଷ୍ଣ ତାପରେ ଦ୍ୱିତୀୟ ଥର କେଉଁଠାରେ ମଧ୍ୟ ଜ୍ଞାନ କହିନଥିଲେ । ଏଭଳି କହିବା ଦ୍ୱାରା ତାହା ପ୍ରାରମ୍ଭ ଅବତାରର ଜ୍ଞାନ ବୋଲି ଏକ ସାକ୍ଷୀ ଭାବରେ କହି, ତା ପର ଅବତାରରେ କିଛି ଅଧିକ ଜ୍ଞାନ କହିବାକୁ ଭାବିଥିଲେ ବୋଲି ବୁଝାଯାଉଛି । ପ୍ରଥମ ଅବତାରରେ ଯାହା କହିଥିଲେ ତାହା ଧର୍ମ ହେଲେ ହେଁ, ତାହା ସେ ଜନ୍ମରେ ବାରମ୍ବାର କହିନଥିଲେ । ତାଛଡା ଏକ ପ୍ରମାଣ ଭାବରେ କେବଳ ଅର୍ଜୁନଙ୍କୁ କହି, ଅନ୍ୟ କାହାକୁ କହିନଥିଲେ ବୋଲି ଜଣାଯାଉଛି । ସେଦିନ ବ୍ୟାସଙ୍କ ଦ୍ୱାରା ଅଧର୍ମ ବେଦ, ପୁରାଣ ଲେଖାଯିବା ଦ୍ୱାରା, ଅର୍ଜୁନ ଶୁଣିଥିବା ବିଷୟ ବ୍ୟାସଙ୍କୁ ଜଣାଇବା ନିମନ୍ତେ, ଅର୍ଜୁନ କିଭଳି ଯାଇ ବ୍ୟାସଙ୍କୁ କହିବ ତାହା ଅର୍ଜୁନଙ୍କୁ ମଧ୍ୟ ଜଣା ନଥିବା ସ୍ଥିତିରେ ଅନ୍ତରଙ୍ଗରେ ଅର୍ଜୁନଙ୍କୁ ପ୍ରେରଣ କରିଥିଲେ ବୋଲି ଜଣାଯାଉଛି । ତେଣୁ ସେ ଯୁଦ୍ଧଭୂମିରେ ଯାହା ଦେଖିଥିଲେ ଶୁଣିଥିଲେ ତାହା ବ୍ୟାସଙ୍କୁ କହିବା ଭଳି କରାଇଥିଲେ । ଅର୍ଜୁନଙ୍କ ଦ୍ୱାରା ଶୁଣିଥିବା ବ୍ୟାସ, ଶୁଣିଥିବା ବିଷୟ ଅତି ମହାନ ବିଷୟ ବୋଲି ଭାବି, ସେ ଆଗରୁ ଯାହା ଲେଖିଥିଲେ ତାହା ଆଜି ଶୁଣିଥିବା ବିଷୟର ବ୍ୟତିରେକ ହେଲେ ମଧ୍ୟ ସତ୍ୟ ବୋଲି ଗ୍ରହଣ କରି, ଶ୍ରୀକୃଷ୍ଣ କହିଥିବା ଜ୍ଞାନକୁ ଭଗବଦ୍ଗୀତା ରୂପରେ ଲେଖି ରଖିଥିଲେ । ପରମାତ୍ମା ତାଙ୍କ ପ୍ରଥମ ଜନ୍ମରେ ଧର୍ମ, ଅଧର୍ମକୁ ଅର୍ଜୁନଙ୍କୁ ଜଣାଇବା ସହିତ ସେ ହିଁ ପରମାତ୍ମା ବା ଈଶ୍ୱର, ସେ ତାଙ୍କ ଧର୍ମକୁ ଜଣାଇବା ପାଇଁ ଆସିଥାନ୍ତି, ଏହି ବିଷୟକୁ ମଧ୍ୟ ଜଣାଇ, ଈଶ୍ୱରଙ୍କ ଆଗମନର ଏକ ପ୍ରମାଣ ରହୁ ବୋଲି ନିଜର ସ୍ୱରୂପ ହୋଇଥିବା ବିଶ୍ୱରୂପ ଅର୍ଜୁନଙ୍କୁ ଦେଖାଇଥିଲେ, ତାଙ୍କର ପ୍ରକୃତ ସ୍ୱରୂପ କାହାକୁ ଜଣା ନାହିଁ କି କେହି ଜାଣିପାରନ୍ତି ନାହିଁ । ତେଣୁ ସେଦିନ ଅର୍ଜୁନଙ୍କୁ ଜ୍ଞାନଦୃଷ୍ଟି ଦେଇ ବାସ୍ତବ ଦୈବସ୍ୱରୂପ କିପରି

ତାହା ବୁଝିପାରିବା ଭଳି କରିଥିଲେ । ଜ୍ଞାନଦୃଷ୍ଟି କୌଣସି ଦୃଶ୍ୟକୁ ଦେଖେ ନାହିଁ, କିନ୍ତୁ ଦୃଶ୍ୟକୁ ଅବଗତ ହୋଇପାରେ । ଏହିଭଳି କୃଷ୍ଣ ଅର୍ଜୁନଙ୍କୁ ଜ୍ଞାନ ଦୃଷ୍ଟି ଦେଇ ତାଙ୍କ ସ୍ୱରୂପକୁ କିଛି ବୁଝିପାରିବା ଭଳି କରିଥିଲେ । ତାପରେ ଅବତାର ଗ୍ରହଣ କରିବାକୁ ଥିବା ଆଗତ ଦୁଇ ଜନ୍ମରେ ଜ୍ଞାନକୁ ଅଧିକ କହିବା ପାଇଁ, ପ୍ରଥମେ କହିଥିବା କଥା ଆଧାର ହୋଇ ରହିବା ଭଳି କେବଳ ଅର୍ଜୁନଙ୍କୁ କହିବା, ତାହାକୁ ବ୍ୟାସ ଗ୍ରନ୍ଥରୂପ ଦେବା ଈଶ୍ୱରଙ୍କର ଏକ ଯୋଜନାବଦ୍ଧ କାର୍ଯ୍ୟ ବୋଲି ଜଣାଯାଉଛି । ଈଶ୍ୱର ଭବିଷ୍ୟତର ଦୁଇ ଅବତାରରେ ଜ୍ଞାନ ଅଧିକ କହିପାରିବା ଭଳି ଏକ ଯୋଜନାବଦ୍ଧ ଭାବରେ ଅର୍ଜୁନଙ୍କୁ କହିଥିଲେ ବୋଲି ଜଣାଯାଉଛି ।

ପରମାତ୍ମା ତିନି ଥର ଅବତାର ଗ୍ରହଣକଲେ ତାଙ୍କର ଗୋଟିଏ ଅବତାର ସମ୍ପୂର୍ଣ୍ଣ ହୁଏ କହିବା ପାଇଁ କଣ କିଛି ପ୍ରମାଣ ଅଛି ? ବୋଲି ଯଦି କେହି ପ୍ରଶ୍ନ କରନ୍ତି ତେବେ ତାର ଜବାବ ମୋ ପାଖରେ ନାହିଁ ବୋଲି କହିପାରିବି । ଦୈବୀବିଷୟ କେବଳ ସେ କହିବା ଛଡା ଆଗୁଆ ମୁଁ କହିବା ସମ୍ଭବ ନୁହେଁ । ଆସିବା ପରେ ମୁଁ କିଏ ତାହା ସେ ହିଁ କହିବେ ସିନା ସେ ଅମୁକ ବ୍ୟକ୍ତି ହିଁ ଈଶ୍ୱର ବୋଲି ଆମେ କହିପାରିବା ନାହିଁ, ସେ ଥରେ ଆସିଥିଲେ, ତାଙ୍କ ଜ୍ଞାନକୁ ବହିର୍ଗତ କରି ଚାଲିଗଲେ । ଅନ୍ୟମାନଙ୍କୁ କାହାକୁ ମଧ୍ୟ ନକହି କେବଳ ଅର୍ଜୁନଙ୍କୁ କହିଯାଇଛନ୍ତି । ଅର୍ଥାତ୍ ସେ ପରେ ଆସିଲେ କହିଥିବା ଜ୍ଞାନକୁ ବିଶୋଧିତ କରି କହିବେ ବୋଲି ଜଣାଯାଉଛି । ସେ ପରେ ଆସିବେ ବୋଲି ଉଦ୍ଦେଶ୍ୟ ରଖି ଆଗରୁ ଯାହା କହିବା ଉଚିତ୍ କହିଯାଇଛନ୍ତି । ପ୍ରଥମ ଥର ଧର୍ମ, ଅଧର୍ମ ବାବଦରେ କହିଛନ୍ତି, ତାହାସବୁ କଣ କଣ କେହି ଜାଣିପାରି ନାହାନ୍ତି, ସେ ଅଧର୍ମକୁ ବିନାଶ କରିବା ପାଇଁ, ଧର୍ମକୁ ସ୍ଥାପନ କରିବା ପାଇଁ ଯଦିଓ ଆସନ୍ତି ତାହା ବୁଝିପାରିବା ଭଳି ସେ ହିଁ ବିଶୋଧନ କରି କହିବା ଉଚିତ୍, କିନ୍ତୁ ଶ୍ରୀକୃଷ୍ଣ ଜନ୍ମରେ ଏଭଳି ବିଶୋଧନ କରି କହିଥିବା ଭଳି ଜଣାଯାଉ ନାହିଁ । ଧର୍ମ ଜଣାଇବାକୁ ଆସି କାହାକୁ

ଯଦି ଲୁଚିକରି କହିବେ ତେବେ କଣ ଧର୍ମକୁ ଲୋକେ ଜାଣିପାରିବେ ? ଅଧର୍ମର ଅଭ୍ୟାସରେ ପଡିଥିବା ଲୋକମାନଙ୍କୁ ସେମାନେ କରୁଥିବା ଭୁଲ୍ କଣ କହିଲେ ସିନା ସେମାନେ ଜାଣିବେ ! ତେଣୁ ସେମାନଙ୍କୁ ଧର୍ମ ବାବଦରେ ବୁଝାଇବାକୁ ପଡିବ । ହେଲେ କେହି ଜାଣି ନପାରିବା ସ୍ଥିତିରେ କାହାକୁ ଜଣକୁ ଲୁଚିବା ଭଳି ଜ୍ଞାନ କହିଦେଇ, ମୋ କାମ ସରିଗଲା କହିଦେଲେ କଣ ହେବ ! ତେଣୁ ଆସି କରିବାକୁ ଥିବା କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି ବୋଲି ଜାଣିହେଉଛି । ସେଦିନ ଶ୍ରୀକୃଷ୍ଣ କହିଥିବା ଜ୍ଞାନକୁ ଗର୍ଜନ କରି ଆମେ ପ୍ରତ୍ୟକ୍ଷ ଭାବରେ କହିଲେ ମଧ୍ୟ ଲୋକେ ଆମକୁ ପରମତର ଲୋକ ବୋଲି କହୁଛନ୍ତି । ଶ୍ରୀକୃଷ୍ଣ କେହି ଜାଣି ନପାରିବା ସ୍ଥିତିରେ, ଜଣକୁ ମାତ୍ର କହିଥିଲେ, ତାହା ପ୍ରଜାମାନେ ଶୁଣିପାରିବେ ? ଶୁଣି ସ୍ୱୀକାର କରିବେ ? ଆମେ ଯାହା କରୁଛୁ ତାହା ପ୍ରକୃତ ଯୋଗ, ଯାହା ଜାଣିଛୁ ତାହା ପ୍ରକୃତ ଜ୍ଞାନ ବୋଲି ଗୁରୁମାନଙ୍କ ସମେତ ସମସ୍ତେ ଆଜି ଭାବୁଛନ୍ତି । ଏପରି ସମସ୍ତେ ସୁନ୍ଦର ଅଧର୍ମରେ ଜୀବନ ବଞ୍ଚୁଥିବାବେଳେ, ସେମାନଙ୍କୁ ପସନ୍ଦ ହେଉନଥିବା ଜ୍ଞାନ କହିଲେ କିଏ ଶୁଣିବ ? ତେଣୁ ଆମକଥା ନଶୁଣି, ଆଲୋଚନା ନକରି, ସେମାନଙ୍କର ଅସ୍ତିତ୍ୱକୁ ରକ୍ଷାକରିବା ପାଇଁ ଏହା ପରମତ ଜ୍ଞାନ, ଯିଏ କହୁଛି ସିଏ ହିନ୍ଦୁବେଶରେ ଜଣେ ବିଧର୍ମୀ ବୋଲି କହି, ପ୍ରଜାମାନଙ୍କ ଭିତରେ ଆମର ବିରୁଦ୍ଧତା ପ୍ରଚାର କରି, ଭଲ ମନ୍ଦ ବିଚାର କରିପାରୁ ନଥିବା ଲୋକମାନଙ୍କୁ ପ୍ରେରଣ କରି ଜ୍ଞାନ କହୁଥିବା ଆମ ବିରୁଦ୍ଧରେ ସେମାନେ କିଛିବି କରିପାରନ୍ତି । ଭଗବଦ୍ଗୀତାରେ କୁହାଯାଇଥିବା ବିଷୟ କହିଲେ ମଧ୍ୟ ବିଚାରହୀନମାନେ, ହିନ୍ଦୁ ମତରକ୍ଷଣ ସଂଘ ନାମରେ ଥିବା ଲୋକମାନେ ଅନେକ ଥର ଆମ ଉପରେ ଆକ୍ରମଣ କରିଥିବାର ପ୍ରମାଣ ଅଛି ।

ଭୂପୃଷ୍ଠରେ କୌଣସି ମତ ରହୁ, ଅନେକ ମତ ରହୁ, ସବୁ ମତରେ ଈଶ୍ୱରଙ୍କ ଜ୍ଞାନ ସବୁବେଳେ ଗୋଟିଏ ହୋଇ ରହିଥାଏ । ସବୁ ମତର

ଈଶ୍ୱର ଜଣେ ହୋଇଥିବା ବେଳେ, କୌଣସି ମତରେ ଥିବା ଐଶ୍ୱରୀୟ ଧର୍ମ ମଧ୍ୟ ଗୋଟିଏ ହୋଇ ରହିଥାଏ । ଭିନ୍ନ ଭିନ୍ନ ମତ ପାଇଁ ଭିନ୍ନ ଭିନ୍ନ ଈଶ୍ୱର ନାହାନ୍ତି, ଭିନ୍ନ ଭିନ୍ନ ଧର୍ମ ନାହିଁ । ଐଶ୍ୱରୀୟ ବିଧି, ଜ୍ଞାନ ଜାଣି ନଥିବା ଲୋକମାନେ ସମାଜରେ ମତଭେଦ ନେଇ ବଞ୍ଚୁଛନ୍ତି । ଏହି ମତଭେଦ ମଣିଷ ଭିତରେ ଥାଇପାରେ, କିନ୍ତୁ ଈଶ୍ୱରଙ୍କ ଠାରେ, ତାଙ୍କ ଜ୍ଞାନରେ, ତାଙ୍କ ଧର୍ମରେ ନଥାଏ । ବିଶେଷ କଥା ହେଉଛି ଈଶ୍ୱର, ଈଶ୍ୱର କହିଥିବା ଜ୍ଞାନ ସର୍ବଦା ଗୋଟିଏ ହୋଇ ରହିଥିବା ବେଳେ, ଅଧର୍ମ ଭିନ୍ନ ଭିନ୍ନ ମତରେ କେହି ଚିହ୍ନି ନପାରିବା ଭଳି ଭିନ୍ନ ଭିନ୍ନ ପ୍ରକାରରେ ବ୍ୟାପି ଚାଲିଛି । ଉଦାହରଣ ସ୍ୱରୂପ ହିନ୍ଦୁ (ଇନ୍ଦୁ) ମତରେ ଚାରି ଅଧର୍ମ ଆଜି ଚାରି ପ୍ରକାରର କାର୍ଯ୍ୟ ଆଚରଣରେ ଥିବାବେଳେ, ସେହି ଚାରି ଅଧର୍ମ ଅନ୍ୟ ଗୋଟିଏ ମତରେ ଭିନ୍ନ କାର୍ଯ୍ୟାଚରଣ ହୋଇ ରହିଛି, କିନ୍ତୁ ତାହାକୁ କେହି ଚିହ୍ନି ପାରୁନାହାନ୍ତି । ଇସ୍ଲାମ ମତରେ ଇବ୍ଲିସ୍ (ସୈତାନ୍), ଖ୍ରୀଷ୍ଟମତରେ ସାତାନ୍ କହି, ହିନ୍ଦୁ ମତରେ ମାୟା କହିଲେ ମଧ୍ୟ ଅଲଗା ଅଲଗା ମତରେ ଅଲଗା ଅଲଗା କଥା ରହିଥିବାରୁ ଅଧର୍ମକୁ କେହି ସହଜରେ ଚିହ୍ନିପାରନ୍ତି ନାହିଁ ବୋଲି କହିପାରିବା । ମାୟା ପ୍ରତ୍ୟେକ ମତରେ ଥିଲେ ମଧ୍ୟ, ତାର କର୍ତ୍ତବ୍ୟ ଯାହା ସେ ତାହା ହିଁ କରିଥାଏ । କୌଣସି ମତର ଲୋକେ ଈଶ୍ୱରଙ୍କୁ ଜାଣି ନପାରିବା ଭଳି ସମସ୍ତଙ୍କୁ  ଈଶ୍ୱରଙ୍କ ଜ୍ଞାନଠାରୁ ଦୂରରେ ରଖିବା କାର୍ଯ୍ୟ, ସେହିଭଳି ଧର୍ମ ଜାଣିପାରିବା ଭଳି କରି ଈଶ୍ୱର ପ୍ରେମୀକୁ ଈଶ୍ୱରଙ୍କ ନିକଟ କରାଇବା କାର୍ଯ୍ୟ ମାୟାର ମୁଖ୍ୟ କର୍ତ୍ତବ୍ୟ ହୋଇ ରହିଥାଏ ।

ସତ କହିଲେ ଚାରି ଅଧର୍ମ ଚାରି କୃରମୃଗ ଭଳି ଭୂମଣ୍ଡଳ ନାମକ ଜଙ୍ଗଲରେ ମନ ଇଚ୍ଛା ବୁଲୁଛନ୍ତି ବୋଲି କହିପାରିବା । ଚାରି କୃରମୃଗ ଥିବା ସେହି ଜଙ୍ଗଲକୁ ସାଧୁଜନ୍ତୁ କୁହାଯାଉଥିବା ତିନୋଟି ଗାଇଙ୍କୁ ଯଦି ପଠାଇବା ତେବେ ଜଙ୍ଗଲରେ  କିଭଳି ବିପଦ ଘଟିପାରେ ତାହା କହିବା ଦରକାର ନାହିଁ ।  ଚାରି କୃରମୃଗ ଥିବା ଜଙ୍ଗଲକୁ ଯାଇ ସେଥିରେ ବଢିଥିବା ଘାସକୁ

ମୋ ଗାଈଗୁଡିଙ୍କୁ ଖାଇବାକୁ ଦେଇ, ଜଙ୍ଗଲରେ ଥିବା ଘାସକୁ ବିନାଶ କରିବି ବୋଲି ଜଣେ ବ୍ୟକ୍ତି ଭାବିଥିଲା । ଜଙ୍ଗଲରେ କୃରମୃଗ ରହିବା ଦ୍ୱାରା ବଢିଥିବା ଘାସକୁ ଖାଉଥିବା ଠେକୁଆ, ହରିଣ, ସମ୍ବର ଇତ୍ୟାଦି ଛୋଟଛୋଟ ଜନ୍ତୁମାନେ ସେମାନଙ୍କ ଶିକାର ହୋଇଯାଇଥିଲେ । ତେଣୁ ଜଙ୍ଗଲରେ ଘାସ ବହୁତ ବଢିଯାଇଥିଲା, ସେ ଯଦି ତାର ତିନି ଗାଈଙ୍କୁ ନେଇ ଜଙ୍ଗଲକୁ ଯିବ ତେବେ ଜଙ୍ଗଲରେ ଥିବା କୃରମୃଗର ଆକ୍ରମଣ ତା ଉପରେ, ତା ଗାଈମାନଙ୍କ ଉପରେ ନିଶ୍ଚୟ ରହିବ । ତେଣୁ ତାକୁ ଆଗରୁ ସତର୍କ ରହିବାକୁ ହେବ ନଚେତ ସେ ଭାବିଥିବା ଭଳି ଜଙ୍ଗଲରୁ ଘାସକୁ ଶେଷ କରିପାରିବ ନାହିଁ କି ତା ଗାଈଗୁଡିଙ୍କୁ ମଧ୍ୟ ବଞ୍ଚାଇପାରିବ ନାହିଁ ।

କୃରମୃଗମାନେ ଥିବା ଜଙ୍ଗଲକୁ ଗାଈ ହୁଅନ୍ତୁ କି ଗାଈଆଳ ହେଉ ଆସିଲେ କେତେ ବିପଦ ରହିଛି ତାହା ଜାଣିପାରିଥିବା ଭଗବାନ, ତାଙ୍କ ପ୍ରଥମ ଜନ୍ମରେ ଥରେ ଜଙ୍ଗଲ ଭିତରକୁ ଆସି, ତାଙ୍କ ଗାଈଗୁଡିଙ୍କୁ ଜଙ୍ଗଲରେ ବଢିଥିବା ଘାସ ଦେଖାଇ ତୁରନ୍ତ ବାହାରକୁ ଚାଲିଗଲେ, ଜଙ୍ଗଲକୁ ଗାଈଆଳ (ଗଉଡ) ହୋଇ ଗାଈ ଚରାଇବାକୁ ଯାଇଥିଲେ ବୋଲି କଥିତ ହେଲେ । ହେଲେ ଜଙ୍ଗଲରେ ବିପଦକୁ ଚିହ୍ନି ପାରିଥିଲେ ମଧ୍ୟ ଗାଈମାନଙ୍କୁ ଖାଲି ଜଙ୍ଗଲର ବାଟ ଦେଖାଇଦେଇ ଫେରି ଆସିଥିଲେ । ଥରେ ମାତ୍ର ଜଙ୍ଗଲକୁ ଯାଇ ଜଙ୍ଗଲରେ ଥିବା ଘାସକୁ ନକାଟି, ଗାଈ ନଚରାଇ ଫେରିଆସିବାରୁ ଘାସ ଶେଷ ହୋଇପାରିଲା ନାହିଁ । ସେହିଭଳି ଗାଈଆଳର ଯୋଜନାରେ ସେ ଜଙ୍ଗଲରେ ଥିବା ଘାସକୁ ତିନିଥର ଯାଇ ଶେଷକରିବ । ତେଣୁ ପ୍ରଥମ ଯୋଜନାରେ ଗାଈମାନଙ୍କୁ କେବଳ ଜଙ୍ଗଲର ରାସ୍ତା ବତାଇ ଫେରି ଆସିବା ଦ୍ୱାରା ଜଙ୍ଗଲରେ ଗାଈମାନେ ଚରିପାରିଲେ ନାହିଁ, ଘାସ ଦେଖିଲେ ସିନା ଚରିପାରିଲେ ନାହିଁ, ତେଣୁ ଜଙ୍ଗଲର ଘାସ ଯେମିତି ସେମିତି ରହିଗଲା, ପୁଣି କିଛିକାଳ ବିତିଗଲା, ଗାଈଆଳ ତା ଯୋଜନାର ଦ୍ୱିତୀୟ ସୋପାନ କାର୍ଯ୍ୟକାରୀ କରିବ ବୋଲି ଭାବିଲା ।

ଦ୍ୱିତୀୟ ଥର ତାର ଗାଈମାନଙ୍କୁ ନେଇ ଜଙ୍ଗଲକୁ ଯାଇ ଚରାଇବା ଆରମ୍ଭକଲା । ଏଥର ଜଙ୍ଗଲରେ ତିନି ଦିନ ରହି ଗାଈ ଚରାଇଲା । ତିନି ଦିନରେ ତିନି ଗାଈ ପେଟେ ପେଟେ ଚରିଲେ ମଧ୍ୟ ଜଙ୍ଗଲରୁ ସବୁ ଘାସ ଶେଷ ହୋଇପାରିଲା ନାହିଁ । ସବୁ ଘାସ ଶେଷ ହେବାକୁ ହେଲେ ଅତି କମରେ ଛଅମାସ ସମୟ ଲାଗିବ । ମାତ୍ର ତିନି ଦିନରେ ଜଙ୍ଗଲରେ ଥିବା ଚାରି କୃରମୃଗ ଗାଈମାନଙ୍କୁ, ଗାଈଆଳକୁ ଦେଖିଦେଲେ । କୃର ମୃଗମାନେ ଗାଈମାନଙ୍କୁ ଶିକାର କରିବା ପାଇଁ ଭାବିଲେ ମଧ୍ୟ ଗାଈମାନଙ୍କ ପାଖରେ ଗାଈଆଳ ଜଗି ରହିଥିବାରୁ, କିଛି କରିପାରିଲେ ନାହିଁ । କୃରମୃଗ ଯଦି ଶିକାର କରିବେ ତେବେ ପ୍ରଥମେ ଗାଈଆଳକୁ କରିବେ । ତାହା ହିଁ ହେଲା । ଗାଈଆଳ ଉପରେ କୃରମୃଗମାନେ ଆକ୍ରମଣ କଲେ, ଗାଈଆଳ କ୍ଷତବିକ୍ଷତ ହୋଇଗଲା, ଖୁବ୍ କଷ୍ଟ ସହିଲା, ଶେଷରେ ମରିଗଲା । ଗାଈଆଳ ମରିଯିବା ପରେ ଏଥର ଗାଈମାନଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ କୃରମୃଗମାନେ ଗାଈମାନଙ୍କ ପଛରେ ଖୁବ୍ ଗୋଡାଇଲେ, କିନ୍ତୁ ଗାଈମାନେ ଜଙ୍ଗଲରୁ ଦୌଡି ପଳାଇଲେ, ଗାଈଆଳ ମରିଯାଇଥିବା କଥା ସତ, ହେଲେ ସମ୍ପୂର୍ଣ୍ଣ ମରି ନଥିଲା । ତିନି ମରଣ ଭିତରୁ ତାତ୍କାଳିକ ମରଣ ନାମରେ ଥିବା ମରଣରେ ଗାଈଆଳ ତିନିଦିନ ପଡିରହି ପୁଣି ବଞ୍ଚିଥିଲା । ମରଣରୁ ଉଠିବା ପରେ ଗାଆଁକୁ ଫେରିଲା । ପ୍ରଥମ ଥର ଯିବାବେଳେ, ଜଙ୍ଗଲରେ କୃରଜନ୍ତୁମାନେ ଅଛନ୍ତି ବୋଲି ଜାଣି, ସାଙ୍ଗେ ସାଙ୍ଗେ ଜଙ୍ଗଲରୁ ଚାଲି ଆସିଥିଲା । ଦ୍ୱିତୀତଥର ଗଲେ ମଧ୍ୟ ଅତି ଦାରୁଣ ପରିସ୍ଥିତିରେ ପଡି ଖଣ୍ଡିଆଖାବରା ହୋଇ ତିନିଦିନ ପରେ ଜୀବନ ପାଇ ଆସିଥିଲା, ହେଲେ ଗାଈମାନଙ୍କର କୌଣସି କ୍ଷତି ହୋଇନଥିଲା । ପୁଣି କିଛିଦିନ ବିତିଗଲା । ଏଥର ଗାଈଆଳ ପଛଘୁଞ୍ଚା ନଦେଇ ସମ୍ପୂର୍ଣ୍ଣ ବନ୍ଦୋବସ୍ତରେ ଜଙ୍ଗଲକୁ ଯାଇ ତାର କାର୍ଯ୍ୟ କରିବା ପାଇଁ ଭାବିଲା ।

ତୃତୀୟଥର ଗାଈଆଳ ତାର ତିନି ଗାଈଙ୍କୁ ନେଇ ଜଙ୍ଗଲକୁ ଗଲା, କିନ୍ତୁ ଏଥର ଗତ ଦୁଇଥର ଭଳି ନଯାଇ ଏକ ବ୍ୟୁହରଚନା କରିବା ଭଳି ଗଲା । ତା ବ୍ୟୁହ ଅନୁସାରେ ତାର ଗାଈମାନେ ସାଧୁଜନ୍ତୁ ନୁହନ୍ତି, ସେଗୁଡିକ ମଧ୍ୟ କୃରଜନ୍ତୁ ଭଳି ଦେଖାଯିବା ଭଳି ଗାଈମାନଙ୍କୁ ବାଘଚର୍ମ ପିନ୍ଧାଇ, ଦେଖିବାକୁ ବାଘ ଭଳି କରିଦେଇଥିଲା । ବାଘ ବେଶରେ ଥିବା ଗାଈମାନଙ୍କୁ ଦେଖି ଜଙ୍ଗଲରେ ଥିବା ଚ଼ରି କୃରମୃଗ ଭୟରେ ବାହାରକୁ ଚ଼ଲିଗଲେ, ସେତେବେଳେ ଗାଈମାନେ ଆନନ୍ଦରେ ଚରିବାକୁ ଲାଗିଲେ, ଗାଈଆଳ ଗାଈ ପାଖରେ ରହି ଆଉ ଚରାଇବା ଆବଶ୍ୟକ ରହିଲା ନାହିଁ । ତେଣୁ ଗାଈଆଳ ଗାଈଙ୍କୁ ଛାଡି ଦୂରରେ ରହିଲେ ମଧ୍ୟ ଯଦି କୃରମୃଗ ଦେଖାଦିଅନ୍ତି ତଥାପି ବିପଦ ଅଛି ଭାବି ନିଜେ ଡାଳପତ୍ର ଗୁଡାଇହୋଇ, ଦେଖିବାକୁ ଏକ ଗଛ ଭଳି ରହିଲା, ତଦ୍ଦ୍ୱାରା କୃରମୃଗ ତାକୁ ଦେଖିଲେ ମଧ୍ୟ ଏକ ଗଛ ବୋଲି ଭାବିବେ । ଏହିଭଳି ଗାଈଆଳ ମଧ୍ୟ ନିଜେ ସତର୍କ ରହି, ଉଦ୍ଦେଶ୍ୟ ପୂର୍ବକ ତାର ଯୋଜନାରେ ସଫଳ ହେଲା । ଗାଈଗୁଡିକ ଆନନ୍ଦରେ ଚରି ଜଙ୍ଗଲରେ ଥିବା ଘାସକୁ ଶେଷ କରିଦେଲେ ।

ଏହିଭଳି ତୃତୀୟ ଥର ଗାଈଆଳ ତାର ଯୋଜନାରେ ସଫଳ ହେଲା । ଥରେ ଜଙ୍ଗଲକୁ ଯାଇ ସଫଳ ହେଲା ନାହିଁ, ଦ୍ୱିତୀୟ ଥର କୃର ଜନ୍ତୁଙ୍କ ଆକ୍ରମଣର ଶିକାର ହେଲା, ତୃତୀୟ ଥର ଏକ ବ୍ୟୁହ ରଚନା କରି ସେଥିରେ ସଫଳ ହୋଇ ନିଜର ଉଦ୍ଦେଶ୍ୟକୁ ମଧ୍ୟ ସଫଳ କଲା । ଏହିଭଳି ଭୂପୃଷ୍ଠରେ ତାଙ୍କ ଧର୍ମକୁ ପ୍ରତିଷ୍ଠା କରି, ଅଧର୍ମକୁ ବିନାଶ କରିବାକୁ ଭାବିଥିବା ଭଗବାନ ଦ୍ୱାପର ଯୁଗରେ ଗୋପାଳ ହୋଇ ଆସିବା ବେଳେ କାହାକୁ ଚିହ୍ନା ନପଡି, କାହାକୁ ନଶୁଣାଇ ରହସ୍ୟ ଭାବରେ କେବଳ ଅର୍ଜୁନଙ୍କୁ ଥରେ ମାତ୍ର ଜ୍ଞାନ କହି ତାପରେ ଆଉ କାହାକୁ ମଧ୍ୟ ନକହି ଚ଼ଲିଯାଇଥିଲେ, ସେ ପ୍ରଥମ ଥର ଆସିଥିଲେ ବୋଲି ଆମେ ଜାଣିପାରିଛେ । ଦ୍ୱିତୀୟ ଥର ମଧ୍ୟ ଆସିଥିଲେ ବୋଲି କେହି ବିଶ୍ୱାସ ନକଲେ ମଧ୍ୟ, ସେ ଆସିଥିଲେ ବୋଲି

ଆମେ ଜାଣି ପାରିଛୁ । ଗାଈଆଳ ହୋଇ ଦ୍ୱିତୀୟ ଥର ଆସିବା ବେଳେ କୃର ମୃଗମାନଙ୍କ ଦ୍ୱାରା ହିଂସାର ଶିକାର ହୋଇଥିବା ଭଳି, ଦ୍ୱିତୀୟ ଥର ଆସିବା ବେଳେ ଅଜ୍ଞାନୀ, ଅଧର୍ମୀମାନଙ୍କ ହାତରେ ହିଂସାର ଶିକାର ହୋଇଥିଲେ ବୋଲି ଆମେ ବୁଝିପାରିଛୁ । ଏବେ ତୃତୀୟ ଥର ଭଗବାନ ଭୂପୃଷ୍ଠକୁ ଆସି ଅଧର୍ମକୁ ବିନାଶ କରି, ଧାର୍ମିକ ମାନଙ୍କର ରକ୍ଷା କରିବେ ବୋଲି ଭାବୁଛୁ । ତୃତୀୟ ଥର ଗାଈଆଳ ଭଳି ଆସିଲେ ସେ ନିଜେ ନିଜର ରକ୍ଷା କରିବେ, ଅଧର୍ମ ଘାସକୁ ତାଙ୍କ ବୁଦ୍ଧିବଳ ନାମକ ଧର୍ମ ଦ୍ୱାରା ବିନାଶ କରିବେ ବୋଲି ଭାବୁଛୁ ।

ଈଶ୍ୱର ଭୂପୃଷ୍ଠରେ ଥିବା ଅଧର୍ମକୁ ସମ୍ପୂର୍ଣ୍ଣ ବିନାଶ କରିବାପାଇଁ ତ୍ରୈତ ସିଦ୍ଧାନ୍ତ ଅନୁସାରେ ତୃତୀୟ ଥର ଆସି, ସେ ମଧ୍ୟ ଏ ଲୋକରେ ପରିଶ୍ରମ କରି, ତାଙ୍କ ଧର୍ମକୁ ରକ୍ଷା କରିବେ । ଈଶ୍ୱର ମଣିଷକୁ ଧର୍ମ ଜଣାଇବାକୁ ଆସି କେତେ ଶ୍ରମ କରନ୍ତି, ତାଙ୍କୁ ଆମେ ଆମର ପିତା ବୋଲି କହୁଛେ । ପିତା କରୁଥିବା କାର୍ଯ୍ୟ ପୁତ୍ର କରିବା ଉଚିତ୍ । ତେଣୁ ଆମକୁ ସୃଷ୍ଟି କରିଥିବା ପିତା ଯଦି ଭୂପୃଷ୍ଠକୁ ଧର୍ମ ପ୍ରଚାର କରିବାପାଇଁ ଆସିଛନ୍ତି ତେବେ ତାଙ୍କରି କାର୍ଯ୍ୟ ହୋଇଥିବା ଧର୍ମ ପ୍ରଚାର କାର୍ଯ୍ୟକୁ ଆମେ କରିବା ହିଁ ଆମର କର୍ତ୍ତବ୍ୟ ଭାବିବା ଉଚିତ୍ । କର୍ତ୍ତବ୍ୟନିଷ୍ଠ ପୁତ୍ର ପିତାର କାର୍ଯ୍ୟ କରିବା ଭଳି, ଆମେ ଧର୍ମପ୍ରଚାର କାର୍ଯ୍ୟ କରିବା ପୂର୍ବକ ସମସ୍ତଙ୍କୁ ବାସ୍ତବ ଐଶ୍ୱରୀୟ ଜ୍ଞାନ ଜଣାଇବୁ ବୋଲି ଭାବିଛୁ । ଜଙ୍ଗଲକୁ ଯାଇ ଗାଈ ଚରାଇବା ଯେତିକି କଷ୍ଟ, ନଷ୍ଟ ବରଣ କରିବାକୁ ହୁଏ ଆମେ ସେତିକି କଷ୍ଟକର ହୋଇଥିବା କାର୍ଯ୍ୟକୁ କରିବୁ ବୋଲି ଭାବିଛୁ । ଏପର୍ଯ୍ୟନ୍ତ କିଛି ଅଧର୍ମ ବାବଦରେ କହିଛୁ । ଏଭଳି କାର୍ଯ୍ୟ କରିବା ଦ୍ୱାରା ମୃଗ ଭଳି ଥିବା କେତେକ ଅଜ୍ଞାନୀମାନଙ୍କ ପାଇଁ ବାଧାକର ହୋଇଥିଲେ ମଧ୍ୟ, ଶେଷରେ ହୁଏତ ସେମାନେ ଉଚିତ୍ ମାର୍ଗରେ ଚାଲିପାରିବେ ବୋଲି ଆଶା ରଖିଛୁ । ଏବେ ବାହ୍ୟ ଜଗତରେ ରହିଥିବା ଅଧର୍ମ ବାବଦରେ ଆଉ କିଛି ଜଣାଇବାକୁ ଭାବିଛୁ ।

ଭୂପୃଷ୍ଠରେ ଦାନ କାର୍ଯ୍ୟକୁ କେହି ଅଧର୍ମ ଭାବନ୍ତି ନାହିଁ । ଦାନ ଦେବା ଦ୍ୱାରା ପୁଣ୍ୟଫଳ ମିଳିଥାଏ, କିନ୍ତୁ ମୋକ୍ଷ ମିଳିନଥାଏ । ସେଥିଲାଗି ଦାନକୁ ଏକ ଭୌତିକ କାର୍ଯ୍ୟ ଭାବରେ ହିସାବ କରାଯାଏ । ଦାନକୁ ଈଶ୍ୱର ଗୀତାରେ ଅଧର୍ମ କହିଛନ୍ତି । ଯେଉଁମାନେ ଯଜ୍ଞ କରନ୍ତି ନାହିଁ, ବେଦପଠନ କରନ୍ତି ନାହିଁ, ତପସ୍ୟା କରନ୍ତି ନାହିଁ ସେମାନେ ଜଗତରେ ପ୍ରାୟ ୯୦ ପ୍ରତିଶତ ଥାଆନ୍ତି । ଆମେମାନେ ଜ୍ଞାନୀ, ଆମେ ଜ୍ଞାନକୁ ସମ୍ପୂର୍ଣ୍ଣ ଜାଣିଛୁ ବୋଲି ଭାବୁଥିବା ଲୋକମାନେ ଯଜ୍ଞ କରନ୍ତି, ବେଦପଠନ କରନ୍ତି, ତପସ୍ୟା ମଧ୍ୟ କରନ୍ତି, କିନ୍ତୁ ଏସବୁ କରୁନଥିବା ଲୋକମାନେ ସେମାନଙ୍କର ସେତେ ଜ୍ଞାନ ନଥିବାରୁ, ଦାନଦେଇ ଧର୍ମ କରିବା ଉଚିତ୍ ଭାବିଥାନ୍ତି । ଯଜ୍ଞ, ବେଦ ପଠନ, ତପସ୍ୟା ଇତର ମତ ଗୁଡିକରେ ନଥିଲେ ମଧ୍ୟ, ଦାନଦେଇ ଧର୍ମ କରିହେବ ଭାବି ସବୁମତର ଲୋକମାନେ କିଛି ଦାନକାର୍ଯ୍ୟ କରୁଛନ୍ତି । ପ୍ରତ୍ୟେକ ମତର ଲୋକମାନେ ଗରିବଙ୍କୁ ଦାନଦେବା ନିଜର କର୍ତ୍ତବ୍ୟ ଭାବିଥାନ୍ତି । ହିନ୍ଦୁ (ଇନ୍ଦୁ) ମତ ବ୍ୟତୀତ ଅନ୍ୟ କେଉଁ ମତରେ ଦାନଦେବା ଅଧର୍ମ ଭାବନ୍ତି ନାହିଁ । ଭଗବଦ୍ଗୀତାରେ ଦାନକୁ ଚାରି ଅଧର୍ମ ଭିତରେ ଚତୁର୍ଥ ଅଧର୍ମ ଭାବରେ କହିଛନ୍ତି । ଭଗବଦ୍ଗୀତାରେ ଦାନକୁ ଅଧର୍ମ ବୋଲି ଭଗବାନ କହିଥିଲେ ମଧ୍ୟ, ଦାନଦେବା ଅଧର୍ମ ବୋଲି କାହାକୁ ଜଣା ନାହିଁ । ତେଣୁ ବଡ ବଡ ସ୍ୱାମୀଜୀ ମାନଙ୍କଠାରୁ ଆରମ୍ଭକରି ସାଧାରଣ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଦାନ କରନ୍ତି । କିଛିଲୋକ ଦାନକୁ ଧର୍ମ ସହିତ ତୁଳନା କରି, ଦାନକର କହିବା ବଦଳରେ ଧର୍ମକର କହନ୍ତି । ଦାନଦେବା ଦ୍ୱାରା ପୁଣ୍ୟ, ପୁଣ୍ୟହେବା ଦ୍ୱାରା ସୁଖ ମିଳିଥାଏ ବୋଲି ମୁଁ ଜ୍ଞାନ କହିଲେ ମଧ୍ୟ ସେକଥା କେହି ନଶୁଣି ଦାନ ଦେବାଦ୍ୱାରା ମୋକ୍ଷ ମିଳିଥାଏ ବୋଲି କହୁଛନ୍ତି । ଭକ୍ତିମାର୍ଗ ଦାନଦେବା ଯଜ୍ଞକରିବା, ବେଦପଢିବା, ତପସ୍ୟାକରିବା ଭଳି ମାର୍ଗ ମଧ୍ୟ ନୁହେଁ । ତେଣୁ କିଛି କିଛି ଜ୍ଞାନ ଜାଣିଥିବା ଲୋକମାନେ ଯଜ୍ଞ, ବେଦପଠନ, ତପସ୍ୟାକୁ

ଆରାଧନା ମାର୍ଗ କହି ଏସବୁ କରିପାରୁ ନଥିବା ଅନ୍ୟମାନେ ସମସ୍ତେ ଦାନ ଦେବା ଉଚିତ୍ ବୋଲି କହିଛନ୍ତି । ଯଜ୍ଞ କରିବା, ବେଦ ପଢିବା, ତପସ୍ୟା କରିବା ହିଁ ଉନ୍ନତମାର୍ଗ ବୋଲି ଭାବୁଥିବା ଲୋକମାନେ ଶତକଡା ୧୦ ଭାଗ ଥିବାବେଳେ, ବଳକା ୯୦ ଭାଗ ଲୋକ ଦାନ ଦେବା ଉଚିତ୍ ବୋଲି ନିୟମ ରଖିଛନ୍ତି । ବ୍ରହ୍ମଜ୍ଞାନ ଜାଣିଛୁ ବୋଲି ଭାବୁଥିବା ଲୋକମାନେ ଏହି ତିନି କ୍ରିୟା କରନ୍ତି ସିନା, ଅନ୍ୟକୌଣସି କାର୍ଯ୍ୟକରି ଧନାର୍ଜନ କରନ୍ତି ନାହିଁ, ତେଣୁ ଏହି କାର୍ଯ୍ୟଗୁଡିକ କରୁନଥିବା ବଳକା ନବେଭାଗ ଲୋକମାନଙ୍କୁ ଶୂଦ୍ର ଭାବରେ ଗଣନା କରି, ଶୂଦ୍ରମାନେ ବ୍ରାହ୍ମଣମାନଙ୍କୁ (ଉପରୋକ୍ତ ତିନି କ୍ରିୟା କରୁଥିବା ଲୋକମାନଙ୍କୁ) ଦାନ ଦେବା ଉଚିତ୍ ବୋଲି ବୋଧ କରିଛନ୍ତି । ବିଷୟ ଏହିଭଳି ପ୍ରଚାରହେବା ଦ୍ୱାରା ବେଦପଠନ, ଯଜ୍ଞାଚରଣ, ତପସ୍ୟାଦି କରୁଥିବା ବ୍ରାହ୍ମଣମାନଙ୍କୁ ଶୂଦ୍ର ହୋଇଥିବା ଅନ୍ୟମାନେ ଦାନ ଦେବା ଉଚିତ୍, ଦାନଦେବା ଶୂଦ୍ରମାନଙ୍କ କର୍ତ୍ତବ୍ୟ, ସେମାନେ ନିଶ୍ଚୟ ଦାନଦେବା ଉଚିତ୍ ବୋଲି ବୋଧ କରିଛନ୍ତି । ତାହା ହିଁ ଆଜି ସମାଜରେ ଦେଖାଦେଇଛି ।

ଧନୀକମାନେ ସମାଜସେବା ନାମରେ ଅନେକ ପ୍ରକାରର ଦାନ କରୁଛନ୍ତି । ଯଜ୍ଞ କରୁଥିବା ଲୋକମାନେ, ବେଦାଧ୍ୟୟନ କରୁଥିବା ଲୋକମାନେ, ତପସ୍ୟା କରୁଥିବା ଲୋକମାନେ ଆର୍ଥିକତଃ ପଛୁଆ ଥିବାବେଳେ ଅନ୍ୟମାନେ ଆର୍ଥିକତଃ ଆଗରେ ରହି, ସମାଜସେବା ନାମରେ ସେମାନଙ୍କ ଅର୍ଥକୁ ନାନା ପ୍ରକାରର ଦାନକାର୍ଯ୍ୟରେ ଲଗାଉଛନ୍ତି । ଦାନ ନାମରେ କରାଯାଉଥିବା କାର୍ଯ୍ୟ ଯାହା ବି ହେଉ ତଦ୍ଦ୍ୱାରା ପୁଣ୍ୟ ମିଳେ । ଦାନ ମଣିଷର ଥିବା ୧୨ ଗୋଟି ଗୁଣ ଭିତରୁ ଗୋଟିଏ ଗୁଣ । ଆଶା ବା କାମଗୁଣର ବ୍ୟତିରେକ ହୋଇ ଦାନଗୁଣ ରହିଯିବା ଦ୍ୱାରା ଆଶାଗୁଣରେ ପାପ ଆସିବା ବେଳେ, ଦାନ ଦେବା ଦ୍ୱାରା ପୁଣ୍ୟ ମିଳିଥାଏ । ଦାନ ଏକ ଗୁଣ ହୋଇଥିବାରୁ ଆମେ ତାକୁ ଅଧର୍ମ କହିପାରିବା । କେତେକ

ଧନବାନମାନେ ସମାଜସେବା କରି ହେଉ କିମ୍ବା ଅନ୍ୟ କୌଣସି ଉପାୟରେ ହେଉ ଦାନକୁ ଟଙ୍କା ରୂପରେ ଅନ୍ୟମାନଙ୍କୁ ନଦେଇ ସିଧା ଦେବତାମାନଙ୍କ ଦାନହୁଣ୍ଡିରେ ଲକ୍ଷ ଲକ୍ଷ ଟଙ୍କା ପକାଇଥାନ୍ତି । ଏହା ମଣିଷକୁ ନଦେଇ ଦେବତାକୁ ଦେଉଥିବା ଦାନ ! ଏଭଳି ଦାନ ଦେବା ଦ୍ୱାରା କଣ ଫଳ ମିଳିଥାଏ ବୋଲି ପ୍ରଶ୍ନ ମଧ୍ୟ ଆସିଥାଏ । ଏହାର ସମାଧାନ କହିଲେ, ଦାନ ବାହାରେ ମଣିଷକୁ ଦେଲେ କିମ୍ବା ମନ୍ଦିରରେ ଦେବତାକୁ ଦେଲେ ମଧ୍ୟ ଦାନ ଦାନ ହିଁ ହୋଇଥାଏ, ତା ଦ୍ୱାରା ପୁଣ୍ୟ ହିଁ ମିଳିଥାଏ । ମନ୍ଦିରରେ ଦେବତାମାନେ ଥାଆନ୍ତି ସିନା ଦୈବ ବା ଈଶ୍ୱର ନଥାନ୍ତି । ତେଣୁ ତା ଦ୍ୱାରା ଜ୍ଞାନ ମିଳିବା ସମ୍ଭବ ନୁହେଁ, ମୋକ୍ଷ ମିଳିବା ସମ୍ଭବ ନୁହେଁ । ଚାରି ଅଧର୍ମ ଭିତରେ ତିନିଗୋଟି ଅଧର୍ମ ଗୋଟିଏ ଦିଗରେ ରହିବାବେଳେ, ଏକୈକ ଦାନ ଅନ୍ୟ ଏକ ଦିଗରେ ରହିଥାଏ । ଅଧର୍ମର ଗୋଟିଏ ଦଳ ହୋଇଥିବା ଯଜ୍ଞ, ବେଦ, ତପକୁ ଅଧିକତଃ ଗୋଟିଏ ବର୍ଗର ଲୋକମାନେ ଆଚରଣରେ ରଖିଥିବା ସ୍ଥଳେ, କେବଳ ଦାନ ଆଚରଣକୁ ଅନ୍ୟ ସମସ୍ତ ବର୍ଗର ଲୋକମାନେ ଆଚରଣରେ ରଖିଛନ୍ତି ।

ଏପର୍ଯ୍ୟନ୍ତ ତିନି ଧର୍ମ ବିଷୟରେ ଅନେକ ଥର ଆଲୋଚନା କରାଯାଇଥିଲେ ମଧ୍ୟ ସେଗୁଡିକର ବିବରଣୀକୁ ଭଲ ଭାବରେ ଜାଣି ନାହେଁ । ଏବେ ସେ ବାବଦରେ ଥିବା କିଛି ବିବରଣୀକୁ ଜାଣିବା । ଅଧର୍ମ ତିନିଗୋଟି ଗୋଟିଏ ଭାଗରେ ରହି, ଗୋଟିଏ ଅଧର୍ମ ଅନ୍ୟ ଏକ ଭାଗ ହୋଇ ମୋଟ ଦୁଇ ଭାଗରେ ଚାରି ଅଧର୍ମ ରହିଛି ବୋଲି ଜାଣିଥିଲେ । ସେହିଭଳି ଧର୍ମଗୁଡିକ ଭିତରୁ ପ୍ରଥମ ଭାଗରେ କ୍ରମରେ ଥିବା ଦୁଇଗୋଟି ଧର୍ମ ରହି, ଦ୍ୱିତୀୟ ଭାଗରେ ଏକ ସ୍ୱତନ୍ତ୍ର ଧର୍ମ ରହି ଧର୍ମ ମୋଟ ତିନିଗୋଟି ରହିଥାଏ ବୋଲି କହିପାରିବା । ଭଗବଦ୍ଗୀତାରେ ଈଶ୍ୱର ଜଣାଇଥିବା ଧର୍ମ ଭିତରୁ ଗୋଟିଏ କର୍ମଯୋଗ, ଅନ୍ୟଟି ବ୍ରହ୍ମଯୋଗ । ଭଗବଦ୍ଗୀତାରେ ମୁଖ୍ୟତଃ ଏଇ ଦୁଇ ଯୋଗ ବାବଦରେ ଅଧିକ କହିଛନ୍ତି । ତାଛଡା ଆଉ

ଏକ ଧର୍ମ ଏହି ଦୁଇ ଧର୍ମ ଅପେକ୍ଷା ସ୍ୱତନ୍ତ୍ର ହୋଇ ଭକ୍ତିଯୋଗ ନାମରେ ରହିଛି । ଭଗବଦ୍ଗୀତାକୁ ପରିଶୀଳନ କରି ଦେଖିଲେ ପ୍ରଥମେ ଦୃଷ୍ଟିଗୋଚର ହୁଏ କର୍ମଯୋଗ ଆଉ ବ୍ରହ୍ମଯୋଗ । ଏହି ଦୁଇ ଯୋଗ ଧର୍ମ ସମ୍ବନ୍ଧୀୟ ହୋଇ ରହିଥାଏ, କିନ୍ତୁ ଏକ ଧର୍ମ ହୋଇଥିଲେ ମଧ୍ୟ ଭକ୍ତିଯୋଗ ଧର୍ମାତୀତ ଭାବରେ ରହିଥାଏ । ପରିଶୀଳନର ଗଭୀରତମ ପ୍ରଦେଶରୁ ଆଲୋଚନା କଲେ ବାସ୍ତବରେ କର୍ମଯୋଗ, ବ୍ରହ୍ମଯୋଗ ଅପେକ୍ଷା ଭକ୍ତିଯୋଗ ଅତ୍ୟନ୍ତ କଠିନ ବୋଲି ଜଣାଯାଏ । ଏ ପର୍ଯ୍ୟନ୍ତ ଧର୍ମ ଧର୍ମ କହି ଏବେ ଯୋଗ କହୁଛନ୍ତି ବୋଲି ଭାବନ୍ତୁ ନାହିଁ । କାରଣ ! ଧର୍ମ ଦ୍ୱାରା ହିଁ ଯୋଗ ସାଧନା ହୋଇଥାଏ । ତେଣୁ ଯୋଗ କୁହନ୍ତୁ କି ଧର୍ମ କୁହନ୍ତୁ ତାହା ଗୋଟିଏ ବୋଲି ଗ୍ରହଣ କରିବା ଉଚିତ୍ । ଏବେ ଧର୍ମ କୁହାଯାଉଥିବା ତିନି ଯୋଗ ବାବଦରେ କିଛି ଜାଣିବା ।

ଭୂପୃଷ୍ଠରେ ଥିବା ମଣିଷ ଈଶ୍ୱରଙ୍କ ପାଖକୁ ଯିବାକୁ ହେଲେ ଧର୍ମ କୁହାଯାଉଥିବା ଏହି ତିନି ମାର୍ଗ ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ । ମଣିଷ କୌଣସି ମତାବଲମ୍ବୀ ହୋଇଥାଉ, ତା ମତରେ ଥିବା ଦୈବଗ୍ରନ୍ଥରେ ଏହି ତିନି ଉପାୟ ରହିଛି । ଇତର ମତାବଲମ୍ବୀମାନେ ସେମାନଙ୍କ ମତରେ ଥିବା ଦୈବଗ୍ରନ୍ଥକୁ ସଠିକ ବୁଝିପାରି ନାହାନ୍ତି ବୋଲି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଇତର ମତରେ ଥିବା ମୂଳଗ୍ରନ୍ଥ ବା ଦୈବଗ୍ରନ୍ଥକୁ ପରିଶୀଳନ କରିଦେଖିଲେ ଯାହା ଭଗବଦ୍ଗୀତାରେ କୁହାଯାଇଛି ତାହା ମଧ୍ୟ ଟିକିଏ ଭିନ୍ନ ନହୋଇ ସେହି ଗ୍ରନ୍ଥଗୁଡିକରେ ରହିଛି ବୋଲି ଜଣାଯାଏ । ତେଣୁ କେହି ବି ହେଉ ତିନି ମତରେ ଥିବା କୌଣସି ଗ୍ରନ୍ଥକୁ ପଢିପାରିବ । ସେଗୁଡିକରେ ଥିବା ଏହି ତିନି ଧର୍ମକୁ ଜାଣିପାରିବ । ମଣିଷର ମୁକ୍ତି ପାଇଁ ମଣିଷକୁ ତିନି ଧର୍ମରୁ କୌଣସି ଏକ ଧର୍ମକୁ ଆଚରଣରେ ରଖିବାକୁ ହେବ । ଏହି ତିନି ଧର୍ମରୁ କୌଣସି ଏକ ଧର୍ମର ଆଚରଣ ନକଲେ ମୁକ୍ତି ମିଳିବା ଅସମ୍ଭବ । ସବୁ ମତ ପାଇଁ ଈଶ୍ୱର ଜଣେ, ତାଙ୍କ ଧର୍ମ ମଧ୍ୟ ଗୋଟିଏ ନାମକ

ପଦ୍ଧତି ଅନୁସାରେ ଦୈବଧର୍ମ ପ୍ରତ୍ୟେକ ମତାବଲମ୍ବୀ ପାଇଁ ଗୋଟିଏ ଭଳି କାର୍ଯ୍ୟକରେ । ପ୍ରତ୍ୟେକ ମତାବଲମ୍ବୀର ଶରୀର, ଶରୀରଭାଗ ଗୋଟିଏ ପ୍ରକାରର । ତେଣୁ ଦୈବଧର୍ମ ଯଦି ଶରୀରର କୌଣସି ଏକ ଭାଗ ସହିତ ସମ୍ବନ୍ଧୀତ ହୁଏ ତେବେ ତାହା ପ୍ରତ୍ୟେକ ମତାବଲମ୍ବୀ ପାଇଁ ସମାନ ହେବ । କେତେକ ମତରେ ରହିଥିବା ଜ୍ଞାନକୁ ସେମାନେ ସ୍ଥୁଳତଃ ଅର୍ଥ କରନ୍ତି ସିନା, ସୂକ୍ଷ୍ମତଃ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ, ସେମାନେ କୌଣସି ମତରେ ଥିବା ଦୈବଗ୍ରନ୍ଥକୁ ମଧ୍ୟ ବୁଝିପାରନ୍ତି ନାହିଁ, ସେମାନେ ସେମାନଙ୍କ ଗ୍ରନ୍ଥର ଜ୍ଞାନ ନଜାଣି ମଧ୍ୟ ଆମ ମତରେ ଥିବା ଜ୍ଞାନ, ଆମ ଈଶ୍ୱର ମହାନ ବୋଲି କହି ଅନ୍ୟମାନଙ୍କୁ ନିନ୍ଦା କରନ୍ତି । ଈଶ୍ୱରଙ୍କ ଜ୍ଞାନ ସମସ୍ତଙ୍କ ପାଇଁ ଗୋଟିଏ, ସମସ୍ତଙ୍କର ଈଶ୍ୱର ଜଣେ, ସେହି ଈଶ୍ୱରଙ୍କୁ ଆରାଧନା କରିବା ହିଁ ଏକେଶ୍ୱର ଉପାସନା ବୋଲି ଆମେ ଭାବୁଥିବା ବେଳେ, ସେଭଳି ଲୋକମାନଙ୍କର ବୁଝିବା ଶକ୍ତି ନଥିବାରୁ ସେମାନେ ସବୁ ଅଲଗା ଅଲଗା ଭାବିଥାନ୍ତି । ସେଥିଲାଗି ମଣିଷ ପାଇଁ କାର୍ଯ୍ୟ କରୁଥିବା ଜ୍ଞାନକୁ ଈଶ୍ୱର ଜଣାଇଛନ୍ତି ସିନା, ମତ ପାଇଁ କାର୍ଯ୍ୟ କରୁଥିବା ଜ୍ଞାନକୁ କହିନାହାନ୍ତି ।

ଗୋଟିଏ ଧର୍ମର ନାଆଁ କର୍ମଯୋଗ, ଆଉଗୋଟିଏ ଧର୍ମର ନାଆଁ ବ୍ରହ୍ମଯୋଗ । ଏହି ଦୁଇ ଧର୍ମ ଦ୍ୱାରା ଈଶ୍ୱରଙ୍କୁ ଜାଣିବା ଉଚିତ୍ । ଏହି ଦୁଇ ଧର୍ମକୁ (ଯୋଗକୁ) ଭଗବଦ୍ଗୀତାରେ ହିନ୍ଦୁ (ଇନ୍ଦୁ)ଧର୍ମ ଭାବରେ କହିଛନ୍ତି । ଏହା ଅନ୍ୟ ମତରେ ଥିଲେ ମଧ୍ୟ ଏଭଳି ନାଆଁ ନାହିଁ । ତେଣୁ ହିନ୍ଦୁ (ଇନ୍ଦୁ) ଧର୍ମ କହିଲେ ଅଲଗା ଆରାଧନା ବୋଲି ସେମାନେ ଭାବୁଛନ୍ତି । ତୃତୀୟ ଧର୍ମ ହୋଇଥିବା ଭକ୍ତିଧର୍ମ (ଭକ୍ତିଯୋଗ) ବ୍ରହ୍ମଯୋଗ, କର୍ମଯୋଗ (ଧର୍ମ) ଅପେକ୍ଷା ଭିନ୍ନ । ଏହା ଧର୍ମାତୀତ ଭାବରେ ଥାଏ । ଏହା ମଧ୍ୟ ଅନ୍ୟମାନଙ୍କ ଗ୍ରନ୍ଥରେ ରହିଛି । କେତେକ ମତରେ କର୍ମଯୋଗ ବାବଦରେ ଅଧିକ କହି, ବ୍ରହ୍ମଯୋଗ ବାବଦରେ କମ୍ କହିଛନ୍ତି । ଆଉକେତେକ ମତରେ ବ୍ରହ୍ମ, କର୍ମଯୋଗ ଅପେକ୍ଷା ଭକ୍ତିଯୋଗ ବାବଦରେ ଅଧିକ କହିଛନ୍ତି । ଗୋଟିଏ

ମତରେ କର୍ମଯୋଗ, ଭକ୍ତିଯୋଗ ବିପୁଳ ଭାବରେ ଥିଲେ ମଧ୍ୟ, ବ୍ରହ୍ମଯୋଗ ନାମକୁମାତ୍ର କୁହାଯାଇଛି । ଭଗବଦ୍ଗୀତାରେ କଥିତ ତିନି ଧର୍ମ ଅନ୍ୟ ମତ ଗୁଡିକରେ ଥିବା ଗ୍ରନ୍ଥଗୁଡିକରେ ଅଳ୍ପ, ବହୁତ କୁହାଯାଇଛି, କେତେକ ମତରେ ଗୋଟିଏ ଧର୍ମ ରହି ଅନ୍ୟ ଦୁଇଟି ଧର୍ମ ନାହିଁ । ଗୋଟିଏ ଧର୍ମ ଦ୍ୱାରା ମଧ୍ୟ ଈଶ୍ୱରଙ୍କୁ ପାଇହେବ, ତେଣୁ ତାହା କିଛି କମ୍ ଭାବିବା ଉଚିତ୍ ନୁହେଁ । ଭୂପୃଷ୍ଠରେ ଅନେକ ମତ ଥିଲେ ମଧ୍ୟ, ସେଗୁଡ଼ିକରେ ଗୋଟିଏ ହେଉ, ଦୁଇଟି ହେଉ କିମ୍ୱା ତିନିଗୋଟି ହେଉ କୌଣସିନା କୌଣସି ଧର୍ମ ନିଶ୍ଚୟ ଥାଏ । ବହୁଶା ତିନି ଧର୍ମ ହିନ୍ଦୁମତର ଭଗବଦ୍ଗୀତାରେ ରହିଛି । ତେଣୁ ହିନ୍ଦୁ (ଇନ୍ଦୁ) ମତରେ ହିଁ ତିନି ଧର୍ମ ରହିଛି ବୋଲି କହିପାରିବା ।

ହିନ୍ଦୁ ମତରେ ଅଧିକ ଆଧ୍ୟାତ୍ମିକ ଥାଏ ବୋଲି କହିପାରିବା । ଆଧ୍ୟାତ୍ମିକ କହିଲେ ଆତ୍ମାର ଅଧ୍ୟୟନ । ଆତ୍ମା ଶରୀର ଭିତରେ ଥାଏ, କିନ୍ତୁ ଆଜିର କାଳରେ ଆତ୍ମା କହିଲେ କଣ, ଆଧ୍ୟାତ୍ମିକ କହିଲେ କଣ ଜାଣି ନଥିବା ସ୍ଥିତିରେ ହିନ୍ଦୁମାନେ ଅଛନ୍ତି, ସେମାନେ ଆତ୍ମା ନାମକ ଶବ୍ଦର ବ୍ୟବହାର ବହୁଳ ଭାବରେ କରୁଥିଲେ ମଧ୍ୟ ଆତ୍ମା କହିଲେ ଭୂତ, ପ୍ରେତ ଭାବନ୍ତି ସିନା ବାସ୍ତବରେ ଆତ୍ମା କଣ କାହାକୁ ଜଣାନଥାଏ । ଆତ୍ମା କହିଲେ ସର୍ବସୃଷ୍ଟିକର୍ତ୍ତା ଈଶ୍ୱର ନୁହନ୍ତି କି ଭୂତ, ପ୍ରେତ ନୁହନ୍ତି । ଶରୀରରେ ଅତି ମୁଖ୍ୟ ହୋଇ ରହିଥାଏ ଆତ୍ମା, ତାପରେ ଜୀବାତ୍ମା, ବୁଦ୍ଧି, ମନ, ଚିତ୍ତ, ଅହମ୍ ଇତ୍ୟାଦି ରହିଥାନ୍ତି । ମାନବ ଶରୀର କୌଣସି ମତର ହେଲେ ମଧ୍ୟ ସେହି ଶରୀରରେ କାର୍ଯ୍ୟ କରୁଥିବା ପାତ୍ରଧାରୀମାନେ ମୋଟ ୨୬ ଗୋଟି ରହିଥାନ୍ତି, ତା ଭିତରୁ ଅତିମୁଖ୍ୟ ହୋଇଥିବା ଆତ୍ମାକୁ ବାଦଦେଲେ ମୋଟ ୨୫ଗୋଟି ଅବୟବ ଶରୀରରେ କାର୍ଯ୍ୟ କରିଥାନ୍ତି । ଭଗବଦ୍ଗୀତାରେ ହେଉ କିମ୍ୱା ଅନ୍ୟ କୌଣସି ମତରେ ଥିବା ଗ୍ରନ୍ଥରେ ହେଉ କୁହାଯାଇଥିବା ଧର୍ମର ଆଚରଣ କରିବା ପାଇଁ ପ୍ରଥମେ ଏହି ଶରୀରର ଅବୟବଗୁଡିକ ବାବଦରେ ନିହାତି ଜାଣିବା ଆବଶ୍ୟକ । ଉପରେ କୁହାଯାଇଥିବା ଆତ୍ମା, ଜୀବାତ୍ମା,

ବୁଦ୍ଧି, ମନ, ଚିତ୍ତ, ଅହମ୍ ଇତ୍ୟାଦି ଆଖିକୁ ଦେଖାଯାଇ ନଥାନ୍ତି । ଏଗୁଡିକ ଶରୀର ଭିତରେ ରହି ମଧ୍ୟ କାହାକୁ ଦେଖାନଯାଇ କାର୍ଯ୍ୟ କରିଥାନ୍ତି । ଈଶ୍ୱର ଯେଉଁ ଧର୍ମ ବାବଦରେ କହିଛନ୍ତି ତାହା ଶରୀରରେ ଥିବା ଏହି ସୂକ୍ଷ୍ମ ଭାଗଗୁଡିକ ସହିତ ସମ୍ବନ୍ଧୀତ ହୋଇ ରହିଥାଏ । ଜଣେ ବ୍ୟକ୍ତି କର୍ମଯୋଗ ନାମକ ଧର୍ମର ଆଚରଣ କରିବା ଆଗରୁ ଶରୀର ଭିତରେ ଥିବା ସେ ଏକ ଜୀବ ବୋଲି ଜାଣିଥିବା ଆବଶ୍ୟକ । ତାପରେ ତା ସହିତ ଶରୀରରେ ରହିଥିବା ଅନ୍ୟ ଭାଗଗୁଡିକ ସହିତ ସେ (ଅର୍ଥାତ୍ ଜୀବ) ଅଛି ବୋଲି ଜାଣିଥିବା ଆବଶ୍ୟକ । ତା ଶରୀରରେ ଥିବା କେଉଁ ଭାଗଟି କେଉଁ କାର୍ଯ୍ୟ କରୁଛି ତାହା ନିଶ୍ଚୟ ଜାଣିଥିବା ଆବଶ୍ୟକ, କିନ୍ତୁ ସବୁଠାରୁ ମୁଖ୍ୟ କଥା ହେଉଛି ଶରୀରର ମୁଖ୍ୟପାତ୍ର ହୋଇଥିବା ଆତ୍ମା ବାବଦରେ ନିହାତି ଜାଣିବା ଆବଶ୍ୟକ ।

ତିନି ଧର୍ମ ଶରୀର ଭିତରେ ହିଁ ଆଚରଣରେ ଆସିଥାଏ । ତେଣୁ ଶରୀର ଭାଗ ବିଷୟ ଜାଣି ନପାରିଲେ ଧର୍ମାଚରଣ ଅଜଣା ରହିଯିବ । ଶରୀରରେ କଣ ହେଉଛି ଜାଣି ନପାରିଲେ ଶରୀର ଭିତରେ ଯୋଗ ଆଚରଣ ହୋଇପାରିବ ନାହିଁ । ତେଣୁ କୌଣସି ମଣିଷ ହେଉ ପ୍ରଥମେ ଶରୀରାର୍ନ୍ତଗତ ଅବୟବଗୁଡିକୁ,ସେଗୁଡିକର କାର୍ଯ୍ୟଗୁଡିକୁ ଜାଣିବା ଉଚିତ୍ । ଏହା ଜାଣିନଥିବା ଲୋକ କୌଣସି ମତରେ ରହିଲେ ମଧ୍ୟ ସେହି ମତରେ ଥିବା ଧର୍ମର ଆଚରଣ କରିପାରିବ ନାହିଁ, ଈଶ୍ୱରଙ୍କୁ ଜାଣିପାରିବ ନାହିଁ । ତେଣୁ ଏ ବିଷୟ ଜାଣିଥିବା ମହାମହିମ ଯୋଗୀବେମନ ପଦ୍ୟ ରୂପରେ-

**ଶରୀର ତତ୍ତ୍ୱକୁ ନ ଜାଣି ନ ବୁଝି**
**ଜ୍ଞାନୀ ବୋଲାଇଲେ ସେ ନୁହେଁ ଜ୍ଞାନୀ**
**ଝାମ୍ପତଳେ ହସ୍ତି ଡୀମ୍ବ ଦେବା ବାର୍ତ୍ତା**
**କେ ପାରେ ବେମନ କାନରେ ଶୁଣି**

**ଭାବାର୍ଥଃ-** ପଞ୍ଚଭୂତ ହୋଇଥିବା ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଦ୍ୱାରା ତିଆରି ହୋଇଥିବା ଶରୀରକୁ ବିଭାଜନ କରି, ତନ୍ମଧ୍ୟରେ ଥିବା କେଉଁ ଭାଗ କଣ କାର୍ଯ୍ୟ କରୁଛି ନଜାଣି, ଯଦି ମୁଁ ମହା ଜ୍ଞାନୀ ବୋଲି କେହି କହେ ତେବେ କୁକୁଡାଝାମ୍ପ ଭିତରେ ପଶି ହାତୀ ଅଣ୍ଡା ଦେଇଛି କହିବା ଭଳି ହେବ । ଅର୍ଥାତ୍ ଝାମ୍ପ ଭିତରେ ପଶି ହାତୀ ଅଣ୍ଡାଦେବା ଯେତିକି ସତ୍ୟ, ସେ ନିଜକୁ ଜ୍ଞାନୀ ଭାବିବା ସେତିକି ସତ୍ୟ ବୋଲି ଏଠାରେ କହିଛନ୍ତି ।

ଆଖିକୁ ଦେଖାଯାଉ ନଥିବା ସୂକ୍ଷ୍ମ  ଈଶ୍ୱରଙ୍କୁ ଜାଣିବାକୁ ହେଲେ ପ୍ରଥମେ ଶରୀର ଭିତରେ ମଧ୍ୟ ତୁ ସୂକ୍ଷ୍ମ ଭାବରେ ରହିଛୁ ବୋଲି ମଣିଷ ଜାଣିବା ଉଚିତ୍ । ତାଛଡା ଆଖିକୁ ଦେଖାଯାଉ ନଥିବା ମନ ବାବଦରେ, ବୁଦ୍ଧି ବାବଦରେ, ଅହମ୍ ଇତ୍ୟାଦି ବାବଦରେ ମଧ୍ୟ ଜାଣିବା ଉଚିତ୍ । କର୍ମଯୋଗ ଆଚରଣ କରିବାକୁ ହେଲେ  ଅହମ୍  ବାବଦରେ ସମ୍ପୂର୍ଣ୍ଣ ତଥ୍ୟକୁ ଜାଣିବା ଆବଶ୍ୟକ । ଅହମ୍ ଶରୀରରେ କେଉଁଠି ରହିଥାଏ ? ତାର କାର୍ଯ୍ୟ କଅଣ ? ତାର ଆକାର କିପରି ? ଇତ୍ୟାଦି ସମସ୍ତ ପ୍ରଶ୍ନର ଉତ୍ତର ସହିତ ଅହଂକାର ବାବଦରେ ଜାଣିବା ଉଚିତ୍ । ସେହିଭଳି ମନ ବାବଦରେ ନଜାଣି କେହି ବ୍ରହ୍ମଯୋଗ ଆଚରଣ କରିପାରିବେ ନାହିଁ । ମନ ଏବଂ ଆତ୍ମା ବାବଦରେ ଜାଣିଥିବା ପାତ୍ର ସହଜରେ ବ୍ରହ୍ମଯୋଗ ଆଚରଣ କରିପାରେ । କର୍ମଯୋଗ ଏବଂ ବ୍ରହ୍ମଯୋଗ ବିଷୟରେ କିଛି ସମାଚାର ଜାଣି ପାରିଥିବେ । ଏବେ ଧର୍ମାତୀତ ଭକ୍ତିଯୋଗ ବିଷୟରେ କିଛି ଜାଣିବା ।

ଭକ୍ତିଯୋଗଟି କର୍ମଯୋଗ, ବ୍ରହ୍ମଯୋଗ ଅପେକ୍ଷା ମହାନ  ବୋଲି କହିପାରିବା । କାରଣ ! କର୍ମଯୋଗ, ବ୍ରହ୍ମଯୋଗ ଦୁଇଟି ଧର୍ମ ସମ୍ବଳୀତ । କିନ୍ତୁ କର୍ମ, ବ୍ରହ୍ମଯୋଗକୁ ଅତିକ୍ରମ କରିଥିବା ଧର୍ମ ହିଁ ଭକ୍ତିଯୋଗ । ପ୍ରଥମେ କର୍ମଯୋଗ, ବ୍ରହ୍ମଯୋଗ ବାବଦରେ ଜାଣି, ସେ ଦୁଇଟିକୁ ତ୍ୟାଗ କରିବା ପରେ ଭକ୍ତିଯୋଗ ସମ୍ଭବ ହୋଇଥାଏ । ପ୍ରଥମେ କର୍ମଯୋଗ, ବ୍ରହ୍ମଯୋଗ ବାବଦରେ ଯଦି ଜାଣିନହୁଏ ତେବେ ଭକ୍ତିଯୋଗ କଣ ବୁଝିହୁଏ ନାହିଁ ।

କର୍ମଯୋଗ, ବ୍ରହ୍ମଯୋଗ ଅପେକ୍ଷା ଅତିଶୀଘ୍ର ଭକ୍ତିଯୋଗରେ ମୁକ୍ତି ପାଇ ପାରିବା । କର୍ମଯୋଗ କରିବାକୁ ଅହମ୍ ବିଷୟରେ, ବ୍ରହ୍ମଯୋଗ କରିବାକୁ ମନ ବିଷୟରେ ଜାଣିବା ଭଳି, ଭକ୍ତିଯୋଗ ଆଚରଣ କରିବାକୁ ବୁଦ୍ଧି ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ଉଚିତ୍ । ଭଗବଦ୍ଗୀତାରେ କୁହାଯାଇଥିବା ତିନି ଧର୍ମ ବିଷୟରେ କହିବା ସହଜ ହୋଇଥାଏ, କିନ୍ତୁ ଆଚରଣରେ ଆଣିବା ବହୁତ କଷ୍ଟ ହୋଇଥାଏ । କାହିଁକି କଷ୍ଟ ହୋଇଥାଏ କହିଲେ, ଗୋଟିଏ ଗୋଟିଏ ଯୋଗ ଆଚରଣ କରିବା ପାଇଁ ଶରୀରର ଏକ ଏକ ସୂକ୍ଷ୍ମ ଅବୟବ ବାବଦରେ ସମ୍ପୂର୍ଣ୍ଣ ଅବଗତ ହେବାକୁ ପଡିଥାଏ । ବାହାରେ ଦେଖାଯାଉଥିବା ଦଶଗୋଟି ଇନ୍ଦ୍ରିୟ ବାବଦରେ ସହଜରେ କହିପାରୁଥିବା ମଣିଷ, ଶରୀର ଭିତରେ ଥିବା ସୂକ୍ଷ୍ମ ଆତ୍ମା, ମନ, ବୁଦ୍ଧି, ଅହମ୍ ବାବଦରେ କହିପାରେ ନାହିଁ । ଏଗୁଡିକ ବିଷୟରେ କହିବା ପାଇଁ ଶରୀରାନ୍ତର୍ଗତ ଜ୍ଞାନ ଜଣାଥିବା ଦରକାର । ଆଜିର କାଳରେ ସମସ୍ତେ ବାହ୍ୟ ଜ୍ଞାନକୁ ଜାଣନ୍ତି ସିନା, ଭିତର ଜ୍ଞାନକୁ କେହି ଜାଣନ୍ତି ନାହିଁ । ସେଥିଲାଗି ଶରୀର ଭିତରେ ରହି କରାଯାଉଥିବା ଯୋଗ ଆଚରଣ ଅତି କଷ୍ଟ ହୋଇଥାଏ ।

ଏବେ ଏହିଠାରେ କିଛିଲୋକ ଏକ ପ୍ରଶ୍ନ ପଚାରି ପାରନ୍ତି । ତାହା ହେଉଛି ! ଆପଣ ଶରୀର ଭିତରେ ଆଚରିତ ହେଉଥିବା ତିନି ଯୋଗକୁ ତିନି ଧର୍ମ ବୋଲି କହିଛନ୍ତି । ତାପରେ ଚାରିଗୋଟି ଅଧର୍ମ ବିଷୟରେ ମଧ୍ୟ କହିଛନ୍ତି । ହେଲେ ଧର୍ମ ହୋଇନଥିବା, ଅଧର୍ମ ମଧ୍ୟ ହୋଇନଥିବା କେତେକ କାର୍ଯ୍ୟ ମଧ୍ୟ ଅଛି । ସେ ବିଷୟରେ ଆପଣ କଣ କହିବେ ? ଏ ପ୍ରଶ୍ନ ସହିତ ଏକ ଉଦାହରଣ କହୁଛି ଶୁଣନ୍ତୁ । ଜଣେ ବ୍ୟକ୍ତି ଏକ ମନ୍ଦିର ତୋଳିଛି, ସେହି ମନ୍ଦିରରେ ସବୁଦିନ ଶହେ ଜଣ ଭକ୍ତ ଆସି ପୂଜା କରୁଛନ୍ତି । ତେବେ ମନ୍ଦିର ତୋଳାଇଥିବା ବ୍ୟକ୍ତି ଜଣେ ହେବାବେଳେ, ସେହି ମନ୍ଦିରକୁ ଶହେଜଣ ଆସୁଛନ୍ତି ! ସେ ଜଣକ ବ୍ୟକ୍ତି ହେଉ, କିମ୍ବା ଶହେଜଣ ହୁଅନ୍ତୁ ସେମାନେ ଯାହା କରୁଛନ୍ତି ତାହା ତ ଦୈବ ସମ୍ବନ୍ଧୀୟ କାର୍ଯ୍ୟ ହେବ !

ତେଣୁ ଏମାନଙ୍କ କାର୍ଯ୍ୟକୁ ଧର୍ମ କହିବା ? କି ଅଧର୍ମ କହିବା ? ବୋଲି ସେ ପଚାରିଲେ । ସେଥିପାଇଁ ଆମ ତରଫରୁ ସମାଧାନ ହେଉଛି ! ଏହି କାର୍ଯ୍ୟ କରିବାରେ ଉଭୟ ଦୈବ ସମ୍ବନ୍ଧୀୟ କାର୍ଯ୍ୟ କଲେ ମଧ୍ୟ ତାହା ଧର୍ମ ନୁହେଁ କି ଅଧର୍ମ ନୁହେଁ । ତେଣୁ ଏହି କାର୍ଯ୍ୟକୁ ଧର୍ମକାର୍ଯ୍ୟ କହିପାରିବା ନାହିଁ କି ଅଧର୍ମ କାର୍ଯ୍ୟ କହିପାରିବା ନାହିଁ, ହେଲେ ଧର୍ମାଧର୍ମ ସମ୍ପର୍କ ନଥିବା କିଛି ଭଲ, କିଛି ଖରାପ କାର୍ଯ୍ୟ ମଧ୍ୟ ଥାଏ । ଉଭୟକୁ ଭଲକାର୍ଯ୍ୟ କହିପାରିବା । ଏଠାରେ କାର୍ଯ୍ୟ ଭଲକାର୍ଯ୍ୟ ହୋଇଥିବାରୁ ସେମାନଙ୍କୁ ଫଳ ସ୍ୱରୂପ ପୁଣ୍ୟ ମିଳିବ । ପୁଣ୍ୟ ମିଳିବା ଦ୍ୱାରା ତାର ଫଳ ସ୍ୱରୂପ ସୁଖ ଅନୁଭବ କରିବା ପାଇଁ ଜନ୍ମ ହୋଇ ଶରୀର ଧାରଣ କରିବାକୁ ପଡିବ ।

ଅଧର୍ମ ହୋଇଥିବା ବେଦପଠନ, ଯଜ୍ଞାଚରଣ, ତପସ୍ୟା, ଦାନ ଇତ୍ୟାଦି କରିବା ଦ୍ୱାରା ତାର ଫଳ ପୁଣ୍ୟ ମିଳିଥାଏ ବୋଲି ଗୀତାର ଅକ୍ଷର ପରବ୍ରହ୍ମ ଯୋଗରେ ଥିବା ୨୩ତମ ଶ୍ଳୋକରେ କୁହାଯାଇଛି । ଅଧର୍ମଯୁକ୍ତ ଏହି ଚାରି କାର୍ଯ୍ୟ ଦ୍ୱାରା ପୁଣ୍ୟ ମିଳିଥାଏ । ସେହିଭଳି ମନ୍ଦିର ତୋଳିବା, ମୁଣ୍ଡିଆମାରିବା ଦ୍ୱାରା ମଧ୍ୟ ପୁଣ୍ୟ ମିଳିଥାଏ । ଏହିଭଳି ଦୁଇ ପ୍ରକାରର କାର୍ଯ୍ୟର ଫଳରେ ପୁଣ୍ୟ ହିଁ ମିଳିଥାଏ । ପୁଣ୍ୟ କରିବା ଦ୍ୱାରା ଈଶ୍ୱରଙ୍କୁ ଜାଣିହୁଏ ନାହିଁ, ତେଣୁ ଏହି ଦୁଇ କାର୍ଯ୍ୟକୁ ମଧ୍ୟ ଅଧର୍ମ ତାଲିକାରେ ନେବାକୁ ପଡିବ । ଈଶ୍ୱର କହିଥିବା ଚାରି ଅଧର୍ମ କାର୍ଯ୍ୟ ଭିତରୁ ସବୁକାର୍ଯ୍ୟ ଖରାପ କାର୍ଯ୍ୟ ନୁହେଁ ! ତେଣୁ ସେସବୁ କାର୍ଯ୍ୟ କରିବା ଦ୍ୱାରା ପୁଣ୍ୟ ମିଳିଥାଏ, ସେ ସବୁକୁ ପୁଣ୍ୟକାର୍ଯ୍ୟ ବୋଲି କହିପାରିବା । ମୁଖ୍ୟକଥା କହିଲେ, ଧର୍ମକାର୍ଯ୍ୟ ଭଲକାର୍ଯ୍ୟ ହୋଇଥିଲେ ମଧ୍ୟ ତାଦ୍ୱାରା ପୁଣ୍ୟ ମିଳିନଥାଏ, ଧର୍ମକାର୍ଯ୍ୟ ଦ୍ୱାରା କର୍ମାତୀତ ହୋଇଥିବା ମୁକ୍ତି ମିଳିଥାଏ । ପ୍ରପଞ୍ଚରେ ହେଉଥିବା ଭଲକାର୍ଯ୍ୟ ଭିତରେ ଅଧର୍ମ କାର୍ଯ୍ୟ ହୋଇଥିବା ଚାରିଗୋଟି କାର୍ଯ୍ୟ ମିଶିଯାଉଛି । ହେଲେ ଧର୍ମକାର୍ଯ୍ୟ ହୋଇଥିବା ତିନି ଯୋଗ କୌଣସି ପ୍ରପଞ୍ଚ କାର୍ଯ୍ୟରେ ମିଶୁ ନାହିଁ, ସ୍ୱତନ୍ତ୍ର ଭାବରେ ରହି ସ୍ୱତନ୍ତ୍ର ଫଳ ଦେଉଛି ।

ମଣିଷ ତାର ଇଚ୍ଛା ଅନୁସାରେ ଆଚରଣ କରି ଯାହା କରୁଛି ତାହା ଧର୍ମବଦ୍ଧ ବୋଲି ଭାବୁଛି । ଭୂପୃଷ୍ଟରେ ଅନେକ ମତ (ଧର୍ମ) ରହିଛି, ସେହି ମତଗୁଡିକର ବିଶେଷତା ଜାଣିବା ପାଇଁ, ଏହା ଅମୁକ ମତ ବୋଲି ଜାଣିବା ପାଇଁ, ପ୍ରତ୍ୟେକ ମତ ଭିତରେ କେତେଗୁଡିଏ ରୀତି ବା ପ୍ରଥାର ବନ୍ଦୋବସ୍ତ ରହିଛି । ସେହି ରୀତିଗୁଡିକୁ ସମସ୍ତେ ଧର୍ମ ଭାବନ୍ତି । ନିଜ ଇଚ୍ଛା ଅନୁସାରେ ଆଚରଣ କରି ତାହା ଧର୍ମ ଭାବିବା, ମତ ଭିତରେ ରହିଥିବା ରୀତିକୁ ଧର୍ମ ଭାବିବା, ମତକୁ ରକ୍ଷା କରୁଥିବା ଲୋକମାନଙ୍କୁ ଧର୍ମରକ୍ଷକ ଭାବିବା ବହୁତବଡ ଭୁଲ୍ । ଧର୍ମ କୌଣସି ଏକ ମତରେ ଥିବା ରୀତି ସମ୍ବନ୍ଧୀୟ ନୁହେଁ, ସେହିଭଳି ସେମାନଙ୍କ ଆଚରଣ ସମ୍ବନ୍ଧୀୟ ମଧ୍ୟ ନୁହେଁ । ଜଣେ ସନ୍ନ୍ୟାସୀ କଷାୟବସ୍ତ୍ର ପିନ୍ଧିବା ମତର ଏକ ରୀତି ବା ପ୍ରଥା ହୋଇପାରେ, କିନ୍ତୁ ଧର୍ମ ହେବ ନାହିଁ । ଧର୍ମ କାଳାନୁଗୁଣ ବଦଳି ନଥାଏ । ଧର୍ମକୁ ମଣିଷ ନିର୍ଣ୍ଣୟ କରିପାରିବ ନାହିଁ, ଈଶ୍ୱର ସୃଷ୍ଟିକରି ଜଣାଇଥାନ୍ତି । ଧର୍ମ ଈଶ୍ୱର ସମ୍ବନ୍ଧୀୟ ବିଷୟରେ ରହିଥାଏ ସିନା, ଭୌତିକ ବିଷୟରେ ନଥାଏ । କୌଣସି ବସ୍ତୁର ଏକ ସ୍ୱଭାବ ରହିଥାଏ, କିନ୍ତୁ ତାହାକୁ ଧର୍ମ କହିବା ଉଚିତ୍ ନୁହେଁ । ଏକୈକ ଐଶ୍ୱରୀୟ ବିଷୟରେ ଧର୍ମ ନାମକ ଶବ୍ଦର ବ୍ୟବହାର କଲେ ଧର୍ମର ମୂଲ୍ୟ ରହିଥାଏ, ଈଶ୍ୱରଙ୍କୁ ସମ୍ମାନ ଦେବା ଭଳି ହୋଇଥାଏ ।

କିଛିଲୋକ ଆମେ ଧର୍ମରକ୍ଷକ ବୋଲି କହନ୍ତି । କେତେକ ଧର୍ମର ରକ୍ଷାକର ବୋଲି ଉପଦେଶ ଦିଅନ୍ତି । ଧର୍ମ କହିଲେ କଣ ଏଯାଏଁ ଜଣା ନଥିବା ବେଳେ, ଅମୁକ ବିଷୟ ହିଁ ଧର୍ମ ବୋଲି ଜଣା ନଥିବା ବେଳେ, ଧର୍ମକୁ କିପରି ରକ୍ଷା କରିବେ ! ଧର୍ମର ରକ୍ଷା କର କହୁଥିବା ଲୋକମାନଙ୍କୁ ଧର୍ମ କଅଣ ଆଉ ତା ବାବଦରେ କିଛି ଜଣା ନଥିବା ବେଳେ କେମିତି ରକ୍ଷା କରିବେ !! ଭୂପୃଷ୍ଟର ମଣିଷ ଯଦି ଧର୍ମର ରକ୍ଷା କରିପାରନ୍ତା ତେବେ ଧର୍ମ ରକ୍ଷଣ ପାଇଁ ମୁଁ ଆସେ ବୋଲି ଈଶ୍ୱର କହିବା ଦରକାର ପଡିନଥାନ୍ତା । ଈଶ୍ୱର ମଣିଷ ହୋଇ ଆସି ପାଞ୍ଚହଜାର ବର୍ଷ ତଳେ ତାଙ୍କ ଧର୍ମ ଏଇଆ ବୋଲି

କହି ଯାଇଥିଲେ ମଧ୍ୟ, ଆଜିଯାଏଁ ତାହା କଅଣ ଜାଣି ନଥିବା ଲୋକମାନେ ଆମେ ଧର୍ମକୁ ରକ୍ଷା କରୁଛୁ କହିବା ଭୁଲ୍ କି ନୁହେଁ ! ଈଶ୍ୱରଙ୍କ ବିଷୟ ବା ଧର୍ମ କେବଳ ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଜଣା ନାହିଁ । ତେଣୁ ଦ୍ୱାପର ଯୁଗରେ ସେ ହିଁ ସ୍ୱୟଂ ଆସି ତାଙ୍କ ଧର୍ମକୁ ଜଣାଇଥିଲେ ।

ଈଶ୍ୱର ବା ପରମାତ୍ମା କଅଣ, ଭଗବାନ କଅଣ ଜାଣି ନଥିବା ଲୋକମାନେ, ତପସ୍ୟା ଆଉ ଯୋଗର ଭିନ୍ନତା ଜାଣି ନଥିବା ଲୋକମାନେ, ମତ ଆଉ ପଥର ତାରତମ୍ୟ ଜାଣି ନଥିବା ଲୋକମାନେ, ଧର୍ମ କଅଣ, ପ୍ରଥା କଅଣ ଜାଣି ନଥିବା ଲୋକମାନେ, ଅନ୍ଧ ହୋଇ ଅଜ୍ଞାନ କଅଣ, ଆଧ୍ୟାତ୍ମିକ କଅଣ ନଜାଣି ଦୈବୀବିଷୟରେ ଇଚ୍ଛା ଅନୁସାରେ ଆଚରଣ କରୁଛନ୍ତି । ସେମାନଙ୍କ ଆଚରଣ ଅଜ୍ଞାନ ଆଚରଣ ବୋଲି ନଜାଣି ଧର୍ମ ଅନୁସାରେ ଚାଲୁଥିବା ଲୋକମାନଙ୍କୁ ଅଜ୍ଞାନୀ କହି ନିଜେ ନିଜକୁ ମହାନ ଭାବୁଛନ୍ତି । ସେମାନଙ୍କ ଠାରେ ଏହି ଭାବ ରହିଯିବା ଦ୍ୱାରା ସେମାନଙ୍କୁ ବାସ୍ତବ ଦୈବଜ୍ଞାନ (ଐଶ୍ୱରୀୟ ଜ୍ଞାନ) ଅଜଣା ରହିଯାଉଛି । ଦୈବଜ୍ଞାନ ଅଜଣା ରହିଯିବା ଦ୍ୱାରା ଦୈବଧର୍ମ ଜାଣିପାରୁ ନାହାନ୍ତି । ମଣିଷ ମୁଣ୍ଡରେ ଥିବା ଗୁଣ ପ୍ରଭାବ (ମାୟା ପ୍ରଭାବ) ଦ୍ୱାରା ଯାହା ଜଣାପଡିଛି ତାହାକୁ ଧର୍ମ ଭାବୁଛନ୍ତି ସିନା, ତାହା ଅଧର୍ମ ବୋଲି ଜାଣିପାରୁ ନାହାନ୍ତି । କେତେକ ଅଧର୍ମ ହୋଇଥିବା ବେଦପଠନ, ଯଜ୍ଞାଚରଣ, ତପସ୍ୟା, ଦାନକାର୍ଯ୍ୟ ମଧ୍ୟ ନକରି ତାର ଅନୁବନ୍ଧିତ କାର୍ଯ୍ୟସବୁ କରୁଛନ୍ତି । ଈଶ୍ୱର ଜଣାଇଥିବା ଧର୍ମଗୁଡିକୁ ଆଚରଣ କରୁଥିବା ଲୋକମାନେ ଈଶ୍ୱରଙ୍କ ପ୍ରିୟ ହୋଇଥିବା ବେଳେ, ଅଧର୍ମ ଆଚରଣ କରୁଥିବା, ଅଧର୍ମ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବା ଲୋକମାନେ ଈଶ୍ୱରଙ୍କ ଅପ୍ରିୟ ହୋଇଯାଉଛନ୍ତି । ଈଶ୍ୱରଙ୍କ ପ୍ରିୟପାତ୍ର ହୋଇନଥିବା ଲୋକକୁ ଈଶ୍ୱର କିଛି କରନ୍ତି ନାହିଁ । ହେଲେ ମଣିଷ ନହୋଇ, ଈଶ୍ୱର ନହୋଇ ଦୈବିପରିପାଳକ ବର୍ଗରେ ଥିବା ଗ୍ରହ, ଉପଗ୍ରହ, ଭୂତ, ଉପଭୂତ ମାନଙ୍କ ଦାଉରୁ ସେମାନଙ୍କୁ କେହି ରକ୍ଷା କରିପାରିବେ

ନାହିଁ, ସେମାନେ ସୁଯୋଗ ଦେଖି ଅଜ୍ଞାନ, ଅଧର୍ମ ଆଚରଣ କରୁଥିବା ଲୋକମାନଙ୍କୁ ନିଶ୍ଚୟ ଦଣ୍ଡ ଦେଇଥାନ୍ତି । ଏହା ମଣିଷ ପାଇଁ ବଡ ଦଣ୍ଡ ହୋଇଥାଏ, ସେମାନେ ଆଖିକୁ ଦେଖା ନଗଲେ ମଧ୍ୟ ସୁଯୋଗ ଆସିବା ବେଳେ ଛାଡିନଥାନ୍ତି ।

ସରକାର ଆଉ ପ୍ରଜାମାନଙ୍କ ଭିତରେ ଯେପରି ଶାସନ ରହିଥାଏ, ସେହିପରି ଈଶ୍ୱର ଆଉ ମଣିଷ ଭିତରେ ରହିଥାଏ ଦୈବତ୍ତ୍ୱ । ସରକାର ଆଉ ପ୍ରଜାମାନଙ୍କ ମଝିରେ ଥିବା ଶାସନ ପ୍ରଜାପାଳନ କରୁଥାଏ । ପ୍ରଜାମାନଙ୍କୁ ପାଳିବା ଅଧିକାର ସରକାରଙ୍କ ଠାରୁ ଆସି ଶାସନ ହାତରେ ରହିଥାଏ । ସେହିଭଳି ଈଶ୍ୱର ଆଉ ମଣିଷ ଭିତରେ ଥିବା ଦୈବତ୍ତ୍ୱ ମଣିଷକୁ ପାଳନ କରିଥାଏ । ମଣିଷକୁ ପରିଚାଳିତ କରାଇବା ଅଧିକାର ଈଶ୍ୱରଙ୍କଠାରୁ ଆସି ଦୈବତ୍ତ୍ୱ ହାତରେ ଥାଏ । ବାହାରେ ଶାସନ ଆଖିକୁ ଦେଖାଯାଉଥିବା ସ୍ଥଳେ, ଦୈବତ୍ତ୍ୱ ଆଖିକୁ ଦେଖାଯାଇ ନଥାଏ । ପ୍ରଜାମାନଙ୍କୁ ପାଳନ କରୁଥିବା ଶାସନରେ ପୋଲିସ୍ ଡିପାର୍ଟମେଣ୍ଟ୍, ରେଭିନ୍ୟୁ ଡିପାର୍ଟମେଣ୍ଟ୍ ଇତ୍ୟାଦି ଡିପାର୍ଟମେଣ୍ଟ୍ ଥିବା ଭଳି,ମଣିଷକୁ ପାଳନ କରୁଥିବା ଦୈବତ୍ତ୍ୱରେ ଗ୍ରହ, ଉପଗ୍ରହ, ଭୂତ, ଉପଭୂତ, ମହାଭୂତମାନେ ରହିଥାନ୍ତି ।

ବିଶ୍ୱରେ ଜୀବରାଶି ଆଉ ଈଶ୍ୱରଙ୍କ ମଧ୍ୟରେ ଗ୍ରହଜାତି, ଭୂତଜାତି କୋଟି କୋଟି ସଂଖ୍ୟକ ରହିଥାନ୍ତି, ସେମାନଙ୍କ ଭିତରେ ସ୍ଥୁଳ ଶରୀରଧାରୀ, ସୂକ୍ଷ୍ମ ଶରୀରଧାରୀମାନେ ଦୁଇ ଭାଗ ହୋଇ ରହିଥାନ୍ତି । କିଛି ସମୟ କୌଣସି ଆକାରରେ ଦେଖାଦେଇ, କିଛି ସମୟ ଆକାରହୀନ ହୋଇଯାଉଥିବା ପାଳକମାନେ ମଧ୍ୟ ଅଛନ୍ତି । କେତେକ ଗ୍ରହ,ଭୂତମାନେ କେବେ ଆକାର ଧାରଣ କରି କେବେ ପୁନଃ ଆକାରହୀନ ହୋଇ ରହିଥାନ୍ତି, ଏଭଳି ଦୁଇ ପ୍ରକାରର ପାଳକମାନେ ଦୈବତ୍ତ୍ୱ ବା ଦୈବଶାସନରେ ଥାଆନ୍ତି, ଏମାନଙ୍କ ବିଷୟରେ ଆଜିପର୍ଯ୍ୟନ୍ତ କାହାକୁ ଜଣାନାହିଁ । ବାସ୍ତବରେ ଏମାନେ ସମସ୍ତେ ଈଶ୍ୱରଙ୍କ ଶକ୍ତି ପାଇ ପ୍ରକୃତି ଅଧିନରେ ଥାଆନ୍ତି । ଈଶ୍ୱର କୌଣସି କାର୍ଯ୍ୟ

କରନ୍ତି ନାହିଁ, ସାରା ବିଶ୍ୱକୁ ପରିଚାଳିତ କରୁଛି ପ୍ରକୃତି । ପ୍ରକୃତି ଈଶ୍ୱରଙ୍କ ପରେ ଦ୍ୱିତୀୟ ଶକ୍ତି ହୋଇ ରହିଛି । ଗୀତାର ଗୁଣତ୍ରୟ ବିଭାଗ ଯୋଗରେ, ୩ୟ,୪ର୍ଥ ଶ୍ଳୋକରେ ପ୍ରକୃତିକୁ ଈଶ୍ୱର ତାଙ୍କର ପତ୍ନୀଭାବେ କହିଛନ୍ତି ।

**ଶ୍ଳୋ, ୩:-** **ମମ ଯୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଦାମ୍ୟହମ୍ ।**
**ସମ୍ଭବଃ ସର୍ବ ଭୂତାନଂ ତତୋ ଭବତି ଭାରତ ! ॥**

**ଶ୍ଳୋ,୪ :-** **ସର୍ବ ଯୋନିଷୁ କୌନ୍ତେୟ ! ମୂର୍ତୟଃ ସମ୍ଭବନ୍ତି ଯାଃ ।**
**ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା ॥**

**ଭାବାର୍ଥ:-** ପ୍ରକୃତି ମୋର ପତ୍ନୀ ଭାବରେ ରହି ମୋ ଦ୍ୱାରା ଗର୍ଭବତୀ ହୋଇଥାଏ । ସର୍ବଭୂତ ପ୍ରକୃତି ଗର୍ଭରୁ ଜନ୍ମ ହୋଇଥାନ୍ତି ।

ସମସ୍ତ ଯୋନିରେ ଜନ୍ମୁଥିବା ଅନେକ ଆକୃତିର ସର୍ବ ଜୀବରାଶିର ମାତା ପ୍ରକୃତି ହୋଇଥିବା ବେଳେ, ତାହାର ବୀଜଦାତା ହୋଇଥିବା ମୁଁ (ପରମାତ୍ମା) ପିତା ଭାବରେ ରହିଥାଏ ।

ସନ୍ତାନର ଲାଳନପାଳନ କରିଥାଏ ମାତା । ସେହିଭଳି ସର୍ବ ଜୀବରାଶିଙ୍କ ନିମନ୍ତେ ନାନା ପ୍ରକାରର କାର୍ଯ୍ୟ କରି, କରାଇ ଜୀବନ ନିର୍ବାହ କରାଇଥାଏ ପ୍ରକୃତି । ବିଶ୍ୱବ୍ୟାପ୍ତ ଭାବରେ ଥିବା ପ୍ରକୃତି ହିଁ ସବୁକିଛିର ପଛରେ ଅଛି । ଉପରୋକ୍ତ ଶ୍ଳୋକରେ ସମସ୍ତଙ୍କର ମାତା ଭାବରେ ପ୍ରକୃତିର ନାଆଁ ନେଇ, ସମସ୍ତଙ୍କର ପିତା ଭାବରେ ଈଶ୍ୱର ନିଜକୁ କହିଛନ୍ତି । ତେଣୁ ସମସ୍ତଙ୍କର ମାତା ପ୍ରକୃତି ଏବଂ ପିତା ପରମାତ୍ମା ବୋଲି ଜାଣିବାରେ ଅବଶୋଷ ନାହିଁ । ପ୍ରକୃତି ଗୋଟିଏ ହୋଇ ରହି ନାହିଁ । ପ୍ରକୃତି ମୁଖ୍ୟତଃ ପାଞ୍ଚଗୋଟି ଭାଗରେ ବିଭକ୍ତ ହୋଇ ରହିଛି, ତାଠାରୁ ଜନ୍ମ ହୋଇଥିବା ଅନେକ ଶକ୍ତିକୁ ସେ ନିଜର କାର୍ଯ୍ୟ କରିବା ନିମନ୍ତେ ବ୍ୟବହାର କରୁଛି । ଗୋଟିଏ ଘରେ କେତେଜଣ କୁଟୁମ୍ବ ସଭ୍ୟ ରହିବା, କେଇଜଣ ଚାକର ରହିବା ଭଳି, ବିଶ୍ୱରେ ପ୍ରକୃତି, ପରମାତ୍ମାଙ୍କ ଘରେ ସମସ୍ତ ଜୀବରାଶି

କୁଟୁମ୍ବ ସଭ୍ୟ ହୋଇ ରହିବା ସ୍ଥଳେ, ସେମାନଙ୍କ ପାଇଁ କାର୍ଯ୍ୟ କରିବା ନିମନ୍ତେ ଅନେକ ଗ୍ରହ, ଉପଗ୍ରହ, ଭୂତ, ଉପଭୂତମାନେ ରହିଥାନ୍ତି । ଘରେ କିଛିଲୋକ ଚାକର ହୋଇ କାର୍ଯ୍ୟ କରିବା ଦ୍ୱାରା ଘରେ ରହୁଥିବା ସମସ୍ତଙ୍କ ଜୀବନଗାଡି ଚାଲିବା ଭଳି, ଜୀବରାଶିଙ୍କୁ ପାଳନ କରୁଥିବା କିଛି ଶକ୍ତି ରହି, ସେମାନଙ୍କ ଦ୍ୱାରା ଜୀବରାଶି ପାଳିତ ହୋଇଥାନ୍ତି । ଏହିଭଳି ଜୀବରାଶିଙ୍କୁ ପାଳନ କରିବାରେ ପ୍ରକୃତି ଏବଂ ପ୍ରକୃତିଶକ୍ତି ସର୍ବଦା କାର୍ଯ୍ୟ କରିଆସୁଛନ୍ତି । ପାଳନ କରୁଥିବା ପ୍ରକୃତି ଶକ୍ତିର ହାତରେ ପାଳିତ ହେଉଥିବା ଜୀବରାଶି ଜୀବନ ନିର୍ବାହ କରିଥାଏ । ଈଶ୍ୱର ଆଉ ମଣିଷ ମଝିରେ ଗ୍ରହ, ଭୂତମାନେ ରହି ଅଧର୍ମୀମାନଙ୍କ ଉପରେ କୋପଦୃଷ୍ଟି ରଖିଥାନ୍ତି । ସୁଯୋଗ ଦେଖିଲେ ସେମାନେ ଅଧର୍ମୀମାନଙ୍କୁ ଦଣ୍ଡ ଦେଇଥାନ୍ତି ।

ଗୋଟିଏ ଭୂମିକମ୍ପ ହେଲା ବୋଲି ଭାବିଲେ, ତା ପଛରେ ଭୂମି ନାମକ ଭୂତର କିଛି ଶକ୍ତି କାର୍ଯ୍ୟ କରିଥାଏ ବୋଲି ଜଣାଯାଉଛି । ସେହିଭଳି ଏକ ସୁନାମି ହେଲା ବୋଲି ଭାବିଲେ ତା ପଛରେ ଜଳ ନାମକ ଭୂତର ହାତ ରହିଛି ବୋଲି ଜଣାଯାଉଛି । ଭୂମିକମ୍ପ ହେଉ କିମ୍ବା ସୁନାମି ହେଉ ତା ଦ୍ୱାରା ଅନେକ ନଷ୍ଟ, କଷ୍ଟ, ପ୍ରାଣ ଚାଲିଯିବା ଘଟିଥାଏ । ମାଆ ପୁଅକୁ ଦେଖିପାରେ ନାହିଁ, ସ୍ୱାମୀ ତା ସ୍ତ୍ରୀକୁ ଦେଖିପାରେ ନାହିଁ । କେହି କାହାକୁ ନଦେଖିବା ସ୍ଥିତିରେ ମୃତ୍ୟୁବରଣ କରନ୍ତି, ଛୋଟ ପିଲାମାନେ ଅନାଥ ହୋଇଯାଆନ୍ତି, ଏହିଭଳି ଧନ, ଜନ ସବୁ ନଷ୍ଟ ହୋଇଥାଏ । ଖାଲି ମଣିଷ ନୁହେଁ ସମସ୍ତ ଜୀବରାଶି, ବୃକ୍ଷଲତା ସବୁକିଛି ଭୂତ ହିଂସାରେ ଶିକାର ହୋଇଥାନ୍ତି । ମଣିଷ ଏଭଳି ଘୋର ହିଂସାର ଶିକାର ହେବା କଣ ଈଶ୍ୱରଙ୍କୁ ଜଣାନଥାଇ ହୋଇଥାଏ ? ଏସବୁ ଈଶ୍ୱରଙ୍କୁ ଜଣାଥାଇ ଘଟିଥାଏ ବୋଲି ଜଣାଯାଉଛି । ଈଶ୍ୱରଙ୍କୁ ଜଣାନଥାଇ କାହାର ମୁଣ୍ଡରୁ ଚୁଟିଟିଏ ମଧ୍ୟ ଝଡିନଥାଏ । ଏଭଳି ଭୟଙ୍କର ଘଟଣାସବୁ ଈଶ୍ୱରଙ୍କ ଜ୍ଞାତରେ ଘଟିଥାଏ । ଭୂପୃଷ୍ଠରେ ମଣିଷ ନାନା ପ୍ରକାରର ପାପାର୍ଜନ କରିଥାଏ । ମଣିଷ ଦୈବଧର୍ମ

ବୋଧକଲେ, ଦୈବ ମାର୍ଗରେ ଚାଲିଲେ ତାକୁ ତାର ସହଜୀବି ମଣିଷ ନାନା ହିଂସା କରିଥାଏ, ଈଶ୍ୱରଙ୍କ ଧର୍ମର ବ୍ୟତିରେକ ଆଚରଣ କରିଥାଏ, ଅନେକ ପ୍ରକାରର ପାପ କାର୍ଯ୍ୟ କରି ମଣିଷ ଅନେକ ପ୍ରକାରର କର୍ମାର୍ଜନ କରିଥାଏ । ମଣିଷ କରିଥିବା ସେହି ପାପର ଏକ ହିସାବ ନିଶ୍ଚୟ ଥାଏ । କରିଥିବା ପାପର ଫଳ ସ୍ୱରୂପ ମଣିଷ ଭୂପୃଷ୍ଠରେ ହିଁ ଦୈବ ଶାସନରେ ଥିବା ଗ୍ରହମାନଙ୍କ ଦ୍ୱାରା, ଭୂତମାନଙ୍କ ଦ୍ୱାରା ହିଂସିତ ହୋଇଥାଏ । ମଣିଷ କରିଥିବା ପାପର ଫଳକୁ ଆଉ କେଉଁଠି ଯାଇ ଅନୁଭବ କରିବ ବୋଲି ଭାବିବା ଭୁଲ୍ । ଅନୁଭବ କରିବାକୁ ଥିବା ପାପପୁଣ୍ୟର ଫଳକୁ ମଣିଷ ଭୂପୃଷ୍ଠରେ ହିଁ ସୁଖ, ଦୁଃଖ ରୂପରେ ଅନୁଭବ କରିଥାଏ । ଆଜି ଭୂପୃଷ୍ଠରେ ଘଟୁଥିବା ବିଭିନ୍ନ ପ୍ରକାରର ସଡକ ଦୁର୍ଘଟଣା, ରେଳ, ବିମାନ ଦୁର୍ଘଟଣା, ଘୂର୍ଣ୍ଣିବାତ୍ୟା, ବର୍ଷା, ତୋଫାନ, ଭୂକମ୍ପ, ସୁନାମି ଇତ୍ୟାଦିର ଭୟଙ୍କର ଦୁର୍ଦ୍ଦଶା ହିଁ ମଣିଷ ପାଇଁ ନରକଯନ୍ତ୍ରଣା । ଏସବୁ କୃତ ପାପର ଫଳ । ଏସବୁର ପଛରେ ଦେଖାଯାଉ ନଥିବା ଗ୍ରହ, ଭୂତମାନଙ୍କର ଶକ୍ତି ରହିଛି ବୋଲି କାହାକୁ ଜଣା ନଥାଏ । କରିଥିବା ପାପର ପ୍ରତିଫଳ ନରକରେ ଥାଏ, ସୁଖ ଅନୁଭବ କରିବା ପାଇଁ ସ୍ୱର୍ଗ ଥାଏ ବୋଲି ସବୁ ମତର ଲୋକେ ଭାବିଥାନ୍ତି, ଏଭଳି ଭାବିବା ମଧ୍ୟ ଧର୍ମ ନୁହେଁ କି ଅଧର୍ମ ନୁହେଁ । ଧର୍ମ, ଅଧର୍ମର ସମ୍ବନ୍ଧ ନଥିବା ଅନେକ କାର୍ଯ୍ୟ ରହିଥାଏ, ତଦ୍ଦ୍ୱାରା ପାପପୁଣ୍ୟ ସମ୍ଭବ ହୋଇଥାଏ ବୋଲି ଜାଣିଥିଲେ । ଦୈବଜ୍ଞାନର ବ୍ୟତିରେକ ହୋଇ ଯାହା ଥାଏ ତାହା ମହାପାପ ହୋଇଥାଏ । ଯାହା ଦୈବଧର୍ମ ନହୋଇ ଯଦି ଅଧର୍ମ ହୁଏ, ତେବେ ଦୈବଜ୍ଞାନର, ଧର୍ମର ବ୍ୟତିରେକ ହେବ ଧର୍ମଶତ୍ରୁ । ଈଶ୍ୱର ଜଣାଇଥିବା ଅଧର୍ମଗୁଡିକ ଦ୍ୱାରା ପୁଣ୍ୟ ମିଳିଥାଏ ବୋଲି ଈଶ୍ୱର କହିଛନ୍ତି । ଧର୍ମ ଦ୍ୱାରା ଯଦି ମୁକ୍ତି ମିଳେ, ଅଧର୍ମ ଦ୍ୱାରା ଯଦି ପୁଣ୍ୟ ମିଳେ, ଯାହା ଧର୍ମ ଅଧର୍ମ ନହୋଇ ରହିଥାଏ ତାହା ଧର୍ମବିରୁଦ୍ଧ ହୁଏ, ସେହି କାର୍ଯ୍ୟ ଦ୍ୱାରା (ଧର୍ମଶତ୍ରୁ ଦ୍ୱାରା) ଯେଉଁ ପାପ ହୁଏ ତାହା ଅତି ଭୟଙ୍କର ହୋଇଥାଏ । ସେହିଭଳି ରହିଥିବା ପାପଗୁଡିକ ଦ୍ୱାରା ଭୂପୃଷ୍ଠରେ

ଗ୍ରହମାନେ, ଭୂତମାନେ ଭୟଙ୍କର ଦୁର୍ଘଟଣା ସୃଷ୍ଟିକରି ଶହଶହ, ହଜାର ହଜାର, ଲକ୍ଷ ଲକ୍ଷ ଲୋକଙ୍କୁ ହିଂସାକରି ମାରିଦେଇଥାନ୍ତି । ଭଗବଦ୍ଗୀତାରୁ ହିନ୍ଦୁମାନେ, ବାଇବେଲରୁ ଖ୍ରୀଷ୍ଟିୟମାନେ, କୋରାନରୁ ମୁସ୍ଲିମମାନେ ଯଦି ସତ୍ୟକୁ ଗ୍ରହଣ ନକରି ଦୈବବାଣୀର ବ୍ୟତିରେକ ଭାବକୁ ଗ୍ରହଣ କରି ତଦନୁଗୁଣ କାର୍ଯ୍ୟ କରନ୍ତି, ବ୍ୟତିରେକ ବାଣୀ କହନ୍ତି ତାହା ଦୈବଧର୍ମର, ଦୈବଜ୍ଞାନର ବିରୁଦ୍ଧ ଭାବ ହୋଇଥାଏ । ଭ୍ରାନ୍ତ ଭାବକୁ ଅନ୍ୟମାନଙ୍କୁ ବୋଧ କରିବା ଦ୍ୱାରା ତାହା ଧର୍ମ ବିରୁଦ୍ଧ ହୋଇ ମହାପାପ ହୋଇଥାଏ, ସେହି ପାପର ଦଣ୍ଡ ଭାବରେ ଅନେକ ପ୍ରକାରର ଭୟଙ୍କର ଦୁର୍ଘଟଣା ଘଟିଥାଏ । ସେତେବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ମଧ୍ୟ ସେ ଈଶ୍ୱରଙ୍କ ବ୍ୟତିରେକ ଭାବରେ ରହିଥିବାରୁ ସେ ତାକଥା ଶୁଣନ୍ତି ନାହିଁ । ଈଶ୍ୱର ଜଣାଇଥିବା ତିନି ଧର୍ମ, ଚାରି ଅଧର୍ମ ବ୍ୟତୀତ ଆଉ ଯାହାସବୁ ରହିଲା ସେଥିରେ କର୍ମ କାରକ କାର୍ଯ୍ୟ ରହିଥିବା ବେଳେ, ତନ୍ମଧ୍ୟରେ ଦୈବଜ୍ଞାନ ନିକଟରେ ଧର୍ମବିରୁଦ୍ଧ କାର୍ଯ୍ୟ, ଧର୍ମ ବିରୁଦ୍ଧ ବାଣୀ ରହିଥାଏ, ତାହା ହିଁ ଧର୍ମଶତ୍ରୁ ବୋଲି ଜାଣିବା ଉଚିତ୍ । ଧର୍ମ, ଅଧର୍ମ, ଧର୍ମଶତ୍ରୁ ନାମକ ତିନି ପ୍ରକାରର ଭାବ ପ୍ରତ୍ୟେକ ମତର ରହିଥାଏ, ପ୍ରତ୍ୟେକ ମତର ଲୋକେ ସେମାନଙ୍କ ଦୈବଗ୍ରନ୍ଥର ବାକ୍ୟକୁ ଯଥାର୍ଥ ଭାବରେ ଗ୍ରହଣ କରିବା ଉଚିତ୍ । ଆପଣମାନେ ଆପଣଙ୍କ ଦୈବଗ୍ରନ୍ଥରେ ଥିବା ବାକ୍ୟର ଉପଯୁକ୍ତ ଭାବ ନେଇ ରହିଛନ୍ତି କି ନାହିଁ ଥରେ ପଛକୁ ଫେରି ଦେଖନ୍ତୁ ବୋଲି କହି ଏତିକିରେ ସମାପ୍ତ କରୁଛି ।

ଇତି

**ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରୈଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

*****

# ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ !!

## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ ?

## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ

ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ଦ୍ୱାରା ଆଜି ଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି ।** ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁମାନଙ୍କର ନୁହେଁ, ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନ ବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ - ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ -** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମ ପ୍ରଶ୍ନ - ଯଦି ଆମେ ଖ୍ରୀଷ୍ଟିଆନ ତେବେ ଭଗବଦ୍ଗୀତା କାହିଁକି ପ୍ରଚାର କରୁଛୁ ?**

**ସେମାନଙ୍କ ସମାଧାନ -** ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ - ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ**

**ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆୟିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଲୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ – ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦିଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୁର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ**

**ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ - ମୁର୍ଖଙ୍କ ଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ** - ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ, ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ - ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ**

**ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ** - ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା - ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରା ବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା -** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ - ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ**

**ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ** - ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା** - ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂହ'ର ଅର୍ଥ ଅଛି, ହେଲେ 'ଶିଂହ'ର କିଛି ମଧ୍ୟ ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି '**ଇନ୍ଦୁ**'ର ଅର୍ଥ ଅଛି ସିନା '**ହିନ୍ଦୁ**'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାନ୍ତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା

ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢ଼ି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

## ଇନ୍ଦୁ ଜ୍ଞାନ ବେଦିକା, ପ୍ରବୋଧା ସେବା ସମିତି

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**